ମହାତ୍ମାଗାନ୍ଧୀ
ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ

ପ୍ରଶ୍ନୋତ୍ତରୀ

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ
ପଞ୍ଚାୟତିରାଜ ବିଭାଗ, ଓଡ଼ିଶା ସରକାର

MGNREGA
महात्मा गाँधी राष्ट्रीय ग्रामीण
रोजगार गारंटी अधिनियम

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ

ପ୍ରଶ୍ନୋତ୍ତରୀ

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ
ପଞ୍ଚାୟତିରାଜ ବିଭାଗ, ଓଡ଼ିଶା ସରକାର

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ - ପ୍ରଶ୍ନୋତ୍ତରୀ

Retranslation from the Book
"Question and Answers on
Mahatma Gandhi National Rural Employment Guarantee Act",
published by
Centre for Wage Employment and Poverty Alleviation,
National Institute of Rural Development
Rajendranagar, Hyderabad-500 030

ଓଡ଼ିଆ ରୂପାନ୍ତର : ପ୍ରସନ୍ନ କୁମାର ନାୟକ
ଶିବବ୍ରତ କର

ସମ୍ପାଦନା : ସରୋଜ କୁମାର ଦାଶ

ପ୍ରକାଶକ : ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ଓଡ଼ିଶା
ଭୁବନେଶ୍ୱର

ପ୍ରଥମ ପ୍ରକାଶନ : ଅଗଷ୍ଟ, ୨୦୧୦

ମୁଦ୍ରଣ : ସରକାରୀ ପ୍ରେସ୍, ମଧୁପାଟଣା, କଟକ

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ
ଗୋପବନ୍ଧୁ ନଗର, ୟୁନିଟ-୮, ଭୁବନେଶ୍ୱର-୭୫୧୦୧୨
ଦୂରଭାଷ : ୯୧-୬୭୪-୨୫୬୨୬୪୫, ଫ୍ୟାକ୍ସ : ୯୧-୬୭୪-୨୫୬୨୪୫୩
ଇ-ମେଲ୍ : sirdorissa@yahoo.co.in, sirdorissa@gmail.com
www.sirdorissa.org

ବିଷୟ ସୂଚୀ

୧. ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ (ମହାତ୍ମାଗାନ୍ଧୀ ଏନ୍.ଆର୍.ଇ.ଜି.ଏ.) ସମ୍ବନ୍ଧରେ ସାଧାରଣ ତଥ୍ୟ ୧

୨. କାର୍ଯ୍ୟ ସମ୍ପାଦନ ବ୍ୟବସ୍ଥା ୮

୩. ଯୋଜନା ପ୍ରକ୍ରିୟା ଏବଂ କାର୍ଯ୍ୟର ପ୍ରକାର ଭେଦ ୧୯

୪. ପରିବାର ପଞ୍ଜିକରଣ ୨୪

୫. କାମ ପାଇଁ ଆବେଦନ ୩୦

୬. କାମରେ ନିଯୁକ୍ତି ୩୩

୭. ମଜୁରୀ ପ୍ରଦାନ ୩୮

୮. ବେକାରୀ ଭତ୍ତା ଓ ମଜୁରୀ କ୍ଷତିପୂରଣ ୪୨

୯. କାର୍ଯ୍ୟ କ୍ଷେତ୍ରରେ ଆନୁଷଙ୍ଗିକ ସୁବିଧା ସୁଯୋଗ ୪୫

୧୦. ଶ୍ରମିକ ତାଲିକା ପୁସ୍ତିକା (ମଷ୍ଟର ରୋଲ୍) ଓ ମାପ ପୁସ୍ତିକା ୪୮

୧୧. ଆର୍ଥିକ ଜମା ଓ ଏହାର ପରିଚାଳନା ୫୦

୧୨. ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱ ନିୟମାବଳୀ ୫୩

୧୩. ଅଭିଯୋଗର ଶୁଣାଣୀ ୫୬

୧୪. ସାମାଜିକ ସମୀକ୍ଷା ୫୯

୧୫. କେନ୍ଦ୍ରୀୟ ଏବଂ ରାଜ୍ୟ ସ୍ତରୀୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦ ୬୭

୧୬. ଲୋକପାଳ ୬୯

୧୭. ସଂଯୁକ୍ତିକରଣ ୭୨

୧୮. ଓଡ଼ିଶାରେ ମହାତ୍ମାଗାନ୍ଧୀ ଏନ୍ଆର୍ଇଜିଏସ୍ ୭୪

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ବନ୍ଧରେ ପଦେ...

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ପ୍ରଣୟନ ଭାରତୀୟ ଯୋଜନା ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଯାହାକି ମୁଖ୍ୟତଃ ଗ୍ରାମାଞ୍ଚଳର ଖଟିଖିଆ ଶ୍ରମିକଙ୍କ ଜୀବନ ଜୀବିକାର ମୂଳ ଉତ୍ସ କହିଲେ ଅତ୍ୟୁକ୍ତି ହେବନାହିଁ।

କେନ୍ଦ୍ର ମନ୍ତ୍ରାଳୟର ଏହି ବଳିଷ୍ଠ ପଦକ୍ଷେପ ତଥା ଓଡ଼ିଶା ଭଳି ଗରୀବ ରାଜ୍ୟରେ ରାଜ୍ୟ ସରକାରଙ୍କର ଦୃଢ଼ ଓ ପ୍ରଶଂସନୀୟ ଉଦ୍ୟମ ଯୋଗୁଁ ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଶ୍ରମିକ ପରିବାର ଗୁଡ଼ିକର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ହେବା ସଙ୍ଗେ ସଙ୍ଗେ ସନ୍ତାନର ସହ ବଞ୍ଚିରହିବା ଲାଗି ସୁଯୋଗ ସୃଷ୍ଟି ହୋଇଛି। ଏହାଛଡ଼ା ଯୋଜନା ପ୍ରଣୟନ ଓ କାର୍ଯ୍ୟକାରିତାରେ ସିଧାସଳଖ ଅଂଶଗ୍ରହଣ କରି ମନ୍ତବ୍ୟ ଦେବାର ଅଧିକାର ଜନସାଧାରଣଙ୍କୁ ମିଳିଛି।

ଓଡ଼ିଶା ପରିପ୍ରେକ୍ଷୀରେ ଏହି ଯୋଜନାର ମୂଳତତ୍ତ୍ୱ ସହ ସମସ୍ତ ବିଷୟବସ୍ତୁକୁ ଓଡ଼ିଆ ଭାଷାରେ ସରଳୀକରଣ କରାଯାଇ, ଛୋଟ ପ୍ରଶ୍ନୋତ୍ତର ମାଧ୍ୟମରେ ଗ୍ରାମାଞ୍ଚଳର ଜନସାଧାରଣଙ୍କ ସଚେତନତା ତଥା ଦିଗ୍‌ଦର୍ଶନ ପାଇଁ ଏହି ଯେଉଁ ବଳିଷ୍ଠ ପଦକ୍ଷେପ ନିଆଯାଇଛି, ତାହା ସ୍ୱାଗତଯୋଗ୍ୟ। ଏହି ସରଳୀକରଣ ପ୍ରକ୍ରିୟା ତଥା ପ୍ରଶ୍ନୋତ୍ତର ମାଧ୍ୟମରେ ତଥ୍ୟ ସମ୍ବଳିତ ସହାୟକ ପୁସ୍ତିକା ପ୍ରସ୍ତୁତିରେ ଫାଉଣ୍ଡେସନ୍ ଫର୍ ଇକୋଲଜିକାଲ୍ ସିକ୍ୟୁରିଟି **(FES)** ସଂସ୍ଥା ଏବଂ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ **(SIRD)** ର ଭୂମିକା ପ୍ରଶଂସନୀୟ। ଏଥିପାଇଁ ସେମାନଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ସାଧୁବାଦ ଜଣାଉଛି। ଏଭଳି ଏକ ପ୍ରଶଂସନୀୟ ଉଦ୍ୟମ ତଥା ବଳିଷ୍ଠ ପଦକ୍ଷେପ ଯୋଗୁଁ ଏହି ଯୋଜନା ଅଧିକ ଲୋକାଭିମୁଖୀ ହୋଇପାରିବ ବୋଲି ମୋର ଆଶା ଓ ବିଶ୍ୱାସ।

ସୁ.ନା.ତ୍ରି.

ସୁରେନ୍ଦ୍ରନାଥ ତ୍ରିପାଠୀ
କମିଶନର ତଥା ଶାସନ ସଚିବ
ପଞ୍ଚାୟତିରାଜ ବିଭାଗ, ଓଡ଼ିଶା

୧. ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ (ମହାତ୍ମାଗାନ୍ଧୀ ଏନ୍.ଆର୍.ଇ.ଜି.ଏ.) ସମ୍ବନ୍ଧରେ ସାଧାରଣ ତଥ୍ୟ

ପ୍ରଶ୍ନ ୧ : ଭାରତୀୟ ସଂସଦରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ କେବେ ଗୃହୀତ ହେଲା ?

ଉତ୍ତର : ୨୦୦୫ ମସିହା ଅଗଷ୍ଟ ମାସ ୨୩ ତାରିଖରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଭାରତୀୟ ସଂସଦରେ ଗୃହୀତ ହେଲା ।

ପ୍ରଶ୍ନ ୨ : ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତ ଆଇନର ବିଜ୍ଞପ୍ତି କେବେ ପ୍ରକାଶ ପାଇଲା ?

ଉତ୍ତର : ୨୦୦୫ ମସିହା ସେପ୍ଟେମ୍ବର ମାସ ୭ ତାରିଖରେ ଭାରତୀୟ ଗେଜେଟ୍‌ର ବିଶେଷ ବିଜ୍ଞପ୍ତି ଜରିଆରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ପ୍ରକାଶ ପାଇଲା । ଏହା ୨୦୦୬ ମସିହା ଫେବୃୟାରୀ ମାସ ୨ ତାରିଖରୁ ୨୦୦ ଅନୁନ୍ନତ ଜିଲ୍ଲାରେ କାର୍ଯ୍ୟକାରୀ ହେଲା । (ଜାତୀୟ ଗ୍ରାମୀଣ ନିଶ୍ଚିତକର୍ମ ନିଯୁକ୍ତି ଆଇନ ୨୦୦୫ର ୪୨ ସଂଖ୍ୟା ତା ୦୭.୦୯.୨୦୦୯ ରିଖ)

ପ୍ରଶ୍ନ ୩ : ଏନ୍‌ଆର୍‌ଇଜିଏର ଧାରା ୧(୧)ରେ କେବେ ଏବଂ କି ସଂଶୋଧନ କରାଯାଇଥିଲା ?

ଉତ୍ତର : ୨୦୦୯ ମସିହା ଅକ୍ଟୋବର ମାସ ୨ ତାରିଖରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ୨୦୦୫ର ଧାରା ୧ (୧)ରେ ସଂଶୋଧନ କରାଯାଇଥିଲା । ଏହି ସଂଶୋଧନରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନରେ ମହାତ୍ମାଗାନ୍ଧୀ ଶବ୍ଦକୁ ଯୋଡା ଯାଇ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ (ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ) ଭାବେ ନାମିତ କରାଗଲା । (ଭାରତୀୟ ଗେଜେଟ୍‌ର ବିଶେଷ ବିଜ୍ଞପ୍ତି ସଂଖ୍ୟା ୫୩ ତା୦ ୨.୧୦.୨୦୦୯) । ଏହାପରେ ଏହି ଆଇନ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ (ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ) ଭାବେ ନାମିତ କରାଗଲା । (ଭାରତୀୟ ଗେଜେଟ୍‌ର ବିଶେଷ ବିଜ୍ଞପ୍ତି ସଂଖ୍ୟା ୫୩ ତା୦ ୨.୧୦.୨୦୦୯) ।

ପ୍ରଶ୍ନ ୪ : ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ (ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ)ର ଆଭିମୁଖ୍ୟ କ'ଣ ?

ଉତ୍ତର : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର ଆଭିମୁଖ୍ୟଗୁଡ଼ିକ ହେଲା;

- ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଗୋଟିଏ ଆର୍ଥିକ ବର୍ଷ ମଧ୍ୟରେ ୧୦୦ ଦିନର ମଜୁରୀଭିତ୍ତିକ ନିଯୁକ୍ତି ଯୋଗାଇ ଦେବାକୁ ଆଇନତଃ ନିଶ୍ଚିତ କରିବା ।

- କର୍ମନିଯୁକ୍ତି ମାଧ୍ୟମରେ ଦୀର୍ଘସ୍ଥାୟୀ ସମ୍ପତ୍ତି ସୃଷ୍ଟି କରି ଗ୍ରାମୀଣ ଜୀବିକା ସମ୍ବଳକୁ ଦୃଢୀଭୂତ କରିବା ।
- ଧାର୍ଯ୍ୟ ପରିମାଣର କାର୍ଯ୍ୟ ସମ୍ପାଦନ ପରେ ଉଭୟ ପୁରୁଷ ଓ ମହିଳା ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ ପାଇବାକୁ ନିଶ୍ଚିତ କରିବା ।

ପ୍ରଶ୍ନ ୫ : ନିଶ୍ଚିତ କର୍ମନିଯୁକ୍ତି ଆଇନ କୌଣସି ଏକ ନିର୍ଦ୍ଦିଷ୍ଟ ରାଜ୍ୟ କିମ୍ବା ଜିଲ୍ଲାରେ ସୀମିତ କି ?

ଉତ୍ତର : ପ୍ରଥମ ବର୍ଷ ଅର୍ଥାତ୍ ୨୦୦୬ ମସିହା ଫେବୃୟାରୀ ମାସ ୨ ତାରିଖ ପର୍ଯ୍ୟନ୍ତ ଏହି ଆଇନ ୨୦୦ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିଲା । ୨୦୦୭ ମସିହା ଅପ୍ରେଲ ମାସ ୧ ତାରିଖ ଠାରୁ ଏହା ଆଉ ୧୩୦ଟି ଜିଲ୍ଲାକୁ ସମ୍ପ୍ରସାରିତ ହେଲା । ପରେ ୨୦୦୮ ମସିହା ଅପ୍ରେଲ ମାସ ୧ ତାରିଖଠାରୁ ଏହା ଦେଶର ସମସ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଅଛି । (ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ଧାରା ୧ (୩) ଭାରତୀୟ ଗେଜେଟର ବିଶେଷ ବିଜ୍ଞପ୍ତି ତା.୨୫.୦୧.୨୦୦୬ ଏସ୍ ଓ ୮୬ (ଇ) ୧୪.୦୩.୨୦୦୭- ଏସ୍.ଓ. ୪୫୩ (ଇ), ୧୫.୦୫.୨୦୦୭-ଏସ୍ ଓ ୭୬୪ (ଇ), ୧୧.୦୬.୨୦୦୭- ଏସ୍ ଓ ୯୪୩ (ଇ), ୦୧.୦୧.୨୦୦୮ ଜି ଏସ୍ ଆର (ଇ), ୧୮.୦୬.୨୦୦୮- ଜିଏସ୍‌ଆର ୯୩ (ଇ) ।

ପ୍ରଶ୍ନ ୬ : କେଉଁ ଭିତ୍ତିରେ ପ୍ରଥମ ପର୍ଯ୍ୟାୟରେ ୨୦୦ ଅନୁନ୍ନତ ଜିଲ୍ଲା ଚୟନ କରାଯାଇଥିଲା ?

ଉତ୍ତର : ପ୍ରଥମ ପର୍ଯ୍ୟାୟରେ ୨୦୦ ଜିଲ୍ଲାକୁ ଚୟନ ସମୟରେ ନିମ୍ନୋକ୍ତ ବିଷୟଗୁଡ଼ିକ ବିଚାରକୁ ନିଆଯାଇଥିଲା ।

- ଜିଲ୍ଲାର ହରିଜନ/ଆଦିବାସୀ ଜନ ସଂଖ୍ୟା
- ଜିଲ୍ଲାରେ କୃଷି କ୍ଷେତ୍ରରେ ମିଳୁଥିବା ମଜୁରୀ ହାର
- କୃଷିଶ୍ରମିକ ପିଛା ଉତ୍ପାଦନ ହାର

ପ୍ରଶ୍ନ ୭ : ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଆଇନ ୨୦୦୫ ଜାମ୍ମୁ ଓ କାଶ୍ମୀର ପାଇଁ ଉଦ୍ଦିଷ୍ଟ କି ?

ଉତ୍ତର : ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି (ଜାମ୍ମୁ ଓ କାଶ୍ମୀରକୁ ସମ୍ପ୍ରସାରଣ) ଆଇନ ୨୦୦୭ ମାଧ୍ୟମରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ୨୦୦୭ ମସିହା ମେ ମାସ ୧୨ ତାରିଖଠାରୁ ଜାମ୍ମୁ ଓ କାଶ୍ମୀରକୁ ସମ୍ପ୍ରସାରିତ ହେଲା । ଏହା ଫଳରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ୨୦୦୫ର ଧାରା ୧(୨)କୁ ବାଦ୍ ଦିଆଗଲା । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ସମ୍ପର୍କିତ ସମସ୍ତ ନିୟମ, ନିର୍ଦ୍ଦେଶାବଳୀ ଏବଂ ଯୋଜନା ଜାମ୍ମୁ ଓ କାଶ୍ମୀରକୁ ସମ୍ପ୍ରସାରିତ ହେଲା । (ଭାରତୀୟ ଗେଜେଟ୍‌ରେ ମେ ୧୨ ୨୦୦୭ ମସିହାରେ ବିଜ୍ଞପ୍ତି ଅନୁଯାୟୀ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର (ଜାମ୍ମୁ ଓ କାଶ୍ମୀରକୁ ସମ୍ପ୍ରସାରିତ) ଆଇନ ୨୦୦୭ ଭାବେ ଅଭିହିତର ସଂଖ୍ୟା ୨୩ ।

ପ୍ରଶ୍ନ ୮ : ରାଜ୍ୟ ଯୋଜନାଗୁଡ଼ିକର କ'ଣ ନାମ ଦିଆଯାଇଥିଲା ?

ଉତ୍ତର : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ୨୦୦୫ର ଧାରା ୪ ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ଯୋଜନାଗୁଡ଼ିକ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଭାବେ ନାମିତ ହେବ । ଏହି ନାମକରଣ ପରେ ସମ୍ପୃକ୍ତ ରାଜ୍ୟର ନାମ ରହିବ । ଉଦାହରଣତଃ ଓଡ଼ିଶା ଯୋଜନା "ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନୁଯୁକ୍ତି ଯୋଜନା- ଓଡ଼ିଶା" ଭାବେ ଅଭିହିତ ହେବ ଏବଂ ରାଜ୍ୟଗୁଡ଼ିକର ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର ଲୋଗୋ ରହିବ (ଭାରତୀୟ ଗେଜେଟ୍ ବିଶେଷ ବିଜ୍ଞପ୍ତି ତା୦୬.୦୩.୨୦୦୭, ଏସ୍‌ଓ ୩୨୩ (ଡ))

ପ୍ରଶ୍ନ ୯ : ସମ୍ପୃକ୍ତ ରାଜ୍ୟ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା ଆରମ୍ଭ କରିବାର ସମୟସୀମା କ'ଣ ?

ଉତ୍ତର : ମହାତ୍ମାଗାନ୍ଧୀ ଏନ୍‌ଆରଇଜିଏ ୨୦୦୫ର ଧାରା ୪(୧) ଅନୁଯାୟୀ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ପ୍ରଚଳନର ଛଅ ମାସ ମଧ୍ୟରେ ପ୍ରତ୍ୟେକ ରାଜ୍ୟ ସରକାର ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଆରମ୍ଭ କରିବେ ଏବଂ ବିଜ୍ଞପ୍ତି ପ୍ରକାଶ କରିବେ । ପରବର୍ତ୍ତୀ ସମୟରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଏକ ସଂଶୋଧନ ଆଣି ଏହି ସମୟସୀମାକୁ ଏକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ଏଥିରେ ଉଲ୍ଲେଖ ଅଛି ଯେ, "ପ୍ରତ୍ୟେକ ରାଜ୍ୟ ସରକାର ଆଇନ୍ ପ୍ରଚଳନର ଏକ ବର୍ଷ ମଧ୍ୟରେ ବିଜ୍ଞପ୍ତି ପ୍ରକାଶନ କରି ଏକ ଯୋଜନା କରିବେ, ଯେଉଁଥିରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ୨୦୦୫ର ସୂଚୀ ୧ରେ ଥିବା ସମସ୍ତ ବିଷୟ ନିହିତ ରହିବ" (ଭାରତୀୟ ଗେଜେଟ୍ ବିଶେଷ ବିଜ୍ଞପ୍ତି ତା୦୮.୦୧.୨୦୦୭ ଏସ୍ ଓ ୧୪(ଡ))

ପ୍ରଶ୍ନ ୧୦ : **ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ (ମହାତ୍ମା ଗାନ୍ଧୀ ଏନ୍‌ଆର୍‌ଇଜିଏ) ଏବଂ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମଧ୍ୟରେ କି ସମ୍ପର୍କ ରହିଛି ।**

ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ	ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍
ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଆଇନ (ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ) ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା (ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍) ନିମନ୍ତେ ଭିତ୍ତିଭୂମି ଏବଂ କର୍ମ ନିଯୁକ୍ତି ନିଶ୍ଚିତ କରାଇଥାଏ ।	ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା (ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍) ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର ନିର୍ଦ୍ଦେଶାବଳୀ ଅନୁଯାୟୀ ସୃଷ୍ଟି ହୋଇଛି ଏବଂ ଏହା ଆଇନକୁ କାର୍ଯ୍ୟକାରୀ କରିବା ନିମନ୍ତେ ଏକ ମାଧ୍ୟମ ଅଟେ । ଫଳରେ କର୍ମ ନିଯୁକ୍ତି ନିଶ୍ଚିତ କରିବାକୁ କାର୍ଯ୍ୟକ୍ଷମ କରାଇଥାଏ ।
ମହାତ୍ମାଗାନ୍ଧୀ ଏନ୍‌ଆଇଜିଏ ଭାରତୀୟ ସଂସଦରେ ଗୃହୀତ ହୋଇଛି ।	ମହାତ୍ମାଗାନ୍ଧୀ ଏନ୍‌ଆର୍‌ଆଇଜିଏସ୍ ସମ୍ପୃକ୍ତ ରାଜ୍ୟ ବିଧାନସଭାରେ ଗୃହୀତ ହୁଏ ।

ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ	ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍
ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ୨୦୦୫ରେ କେନ୍ଦ୍ର ସରକାର ନିଶ୍ଚିତ କର୍ମ ନିଯୁକ୍ତି ନିମନ୍ତେ ସର୍ତ୍ତକୁ ନିରୂପିତ କରିଛନ୍ତି ।	ରାଜ୍ୟ ସରକାର ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏରେ ସୂଚୀ-୧ରେ ଏବଂ ସୂଚୀ-୨ ଦିଆଯାଇଥିବା ସମସ୍ତ ସର୍ତ୍ତକୁ ରାଜ୍ୟ ମହାତ୍ମାଗାନ୍ଧୀ ଏନ୍‌ଆରଇଜିଏସ୍‌ରେ ସନ୍ନିବେଶିତ କରିବେ ।
କେନ୍ଦ୍ର ସରକାରଙ୍କର ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର ନିୟମ ପ୍ରସ୍ତୁତି ଏବଂ ସଂଶୋଧନ କରିବାର କ୍ଷମତା ରହିଛି ।	ସମ୍ପୃକ୍ତ ରାଜ୍ୟ ଯୋଜନା ନିମନ୍ତେ ନିୟମ ପ୍ରଣୟନ ଓ ସଂଶୋଧନ କରିବାର କ୍ଷମତା ରାଜ୍ୟ ସରକାରଙ୍କର ରହିଛି ।
ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ଭାରତୀୟ ଗେଜେଟ୍‌ର ବିଶେଷ ବିଜ୍ଞପ୍ତି ଜରିଆରେ ପ୍ରକାଶ ପାଇଛି । ଏହା ଏକ ଜାତୀୟ ଆଇନ୍ ଅଟେ ।	ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ସମ୍ପୃକ୍ତ ରାଜ୍ୟର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶ ପାଇବ ।
ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ୨୦୦୫ ମସିହା ସେପ୍ଟେମ୍ବର ମାସ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।	ବିଭିନ୍ନ ରାଜ୍ୟରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ବିଜ୍ଞପ୍ତି ପ୍ରକାଶ ପାଇବାର ବର୍ଷକ ମଧ୍ୟରେ ଭିନ୍ନ ଭିନ୍ନ ଭାବେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ।

ପ୍ରଶ୍ନ ୧୧ : ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ କି କି ଲାଭ ମିଳିବ ?

ଉତ୍ତର : ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଲାଭଗୁଡ଼ିକ ହେଲା;

- ଏହା ମଜୁରୀ ନିଶ୍ଚିତ କରାଇ ଆୟ ବୃଦ୍ଧିରେ ସହାୟକ ହୁଏ, ଫଳରେ ଗ୍ରାମୀଣ ପରିବାରକୁ ଖାଦ୍ୟ ନିରାପତ୍ତା ଯୋଗାଏ ।
- କର୍ମନିଯୁକ୍ତି ବୃଦ୍ଧି ଫଳରେ ଦାରିଦ୍ର୍ୟ ଦୂରୀକରଣରେ ସହାୟକ ହୁଏ ।
- ଏହା ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରି ପରିବେଶ ସୁରକ୍ଷାରେ ସହାୟକ ହୋଇଥାଏ, ଏହା ବର୍ଷା ଜଳ ଅମଳ ଓ ସଂରକ୍ଷଣ ଏବଂ ମୃତ୍ତିକା କ୍ଷୟକୁ ରୋକିବାରେ ସାହାଯ୍ୟ କରେ ।
- ଏହା କ୍ଷୁଦ୍ର ଓ ନାମମାତ୍ର କୃଷୀ ଯେଉଁମାନେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ସେମାନଙ୍କର ଜମିର ଉନ୍ନତିକରଣରେ ସହାୟକ ହୁଏ ଏବଂ ଗ୍ରାମ୍ୟ ଗମନାଗମନର ଉନ୍ନତି ହେବା ଫଳରେ ବଜାର ସହ ସଂଯୋଗୀକରଣରେ ସାହାଯ୍ୟ କରେ ।
- ଏହା ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟକ୍ରମର ପ୍ରତ୍ୟେକ ସ୍ତରରେ ସହଭାଗୀତା କରିବା ନିମନ୍ତେ ଗୋଷ୍ଠୀମାନଙ୍କୁ ସଶକ୍ତିକରଣ କରିଥାଏ ।

- ଆଇନ୍‌ରେ ମହିଳାମାନଙ୍କୁ କର୍ମ ଯୋଗାଣ ନିଶ୍ଚିତ କରିବା ନିମନ୍ତେ ବ୍ୟବସ୍ଥା ଥିବାରୁ ମହିଳାମାନଙ୍କର ଆର୍ଥିକ ସଶକ୍ତିକରଣରେ ସାହାଯ୍ୟ କରେ ।
- ଗ୍ରାମାଞ୍ଚଳରେ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ହେତୁ ଗ୍ରାମରୁ ସହରକୁ କାମ ନିମନ୍ତେ ଯିବା ହ୍ରାସ ପାଇଥାଏ ।
- କର୍ମନିଯୁକ୍ତି ନିଶ୍ଚିତ ହେବା ଯୋଗୁଁ ସମୟକ୍ରମେ ଗ୍ରାମ ସ୍ତରରେ ଥିବା ଉଚ୍ଚନୀଚ ଭେଦ ଭାବକୁ ଦୂର କରି ସାମ୍ୟବାଦ ପ୍ରତିଷ୍ଠାରେ ସହାୟକ ହୁଏ ।
- ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର ସଫଳ ରୂପାୟନ ନିମନ୍ତେ ପ୍ରସ୍ତୁତି ପ୍ରକ୍ରିୟାର ଏକ ସ୍ୱତନ୍ତ୍ର ମୂଲ୍ୟବୋଧ ରହିଛି । ଭାରତ ବର୍ଷରେ ଚାଲିଥିବା ଶ୍ରମିକ ଆନ୍ଦୋଳନକୁ ଏହା ଏକ ନୂଆ ମୋଡ ଦେବାରେ ସହାୟକ ହୋଇପାରେ ।

ପ୍ରଶ୍ନ ୧୨ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ କିଭଳି ଗରିବମାନଙ୍କର ଜୀବିକା ନିରାପତ୍ତା ନିଶ୍ଚିତ କରୁଛି ?

ଉତ୍ତର : ମହାତ୍ମାଗାନ୍ଧୀ ଏନ୍‌ଆରଇଜିଏସ୍ ମାଧ୍ୟମରେ ଯଦି ଗରିବ ପରିବାରଗୁଡ଼ିକ ବାର୍ଷିକ ୧୦୦ ଦିନ ସର୍ବନିମ୍ନ ମଜୁରୀ ପାଇବେ ତେବେ ସେମାନଙ୍କର ଆୟ ବୃଦ୍ଧି ଘଟିବ । ଏହାଛଡା ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି, ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ପରିବାର, ଇନ୍ଦିରା ଆବାସ ଉପଭୋକ୍ତା, କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କର ଜମିର ଉନ୍ନତିକରଣ କରାଯାଇ ଏହାକୁ ଉତ୍ପାଦନକ୍ଷମ ସମ୍ପତ୍ତିରେ ପରିଣତ କରାଯିବ । ଏହି ଜମିଗୁଡ଼ିକରେ ଜଳସେଚନ ସୁବିଧା କରାଯିବ । ଏହାଛଡା ଉତ୍ପାଦକତା ବୃଦ୍ଧି ନିମନ୍ତେ ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ କରାଯିବା ଫଳରେ ଗରିବ ଚାଷୀମାନଙ୍କର ଜୀବିକା ନିରାପତ୍ତାକୁ ନିଶ୍ଚିତ କରାଯାଇପାରିବ । ଥରେ କୃଷି କ୍ଷେତ୍ରରେ ଉନ୍ନତ ଆସିଲେ, ଭୂମିହୀନ ଏବଂ ନାମମାତ୍ର ଚାଷୀ ମାନଙ୍କର ଜୀବିକା ନିରାପତ୍ତା ବୃଦ୍ଧି ପାଇ ପାରିବ ।

ପ୍ରଶ୍ନ ୧୩ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ୨୦୦୫ରେ କିଭଳି ସଂଶୋଧନ ଅଣାଯାଇପାରିବ ?

ଉତ୍ତର : ଯଦି କେନ୍ଦ୍ର ସରକାରଙ୍କର ହୃଦବୋଧ ହୁଏ ଯେ, ଆଇନ୍‌ରେ ସଂଶୋଧନ ଆବଶ୍ୟକ କିମ୍ବା ଜରୁରୀ ଅଟେ ତେବେ ସେ ସୂଚୀ ୧ ଓ ସୂଚୀ ୨ରେ ସଂଶୋଧନ କରି ଆବଶ୍ୟକୀୟ ପରିବର୍ତ୍ତନ କରିପାରନ୍ତି । ଉପଧାରା ୧ ଅଧିନରେ ହୋଇଥିବା ସଂଶୋଧନ ସମ୍ପର୍କିତ ସମସ୍ତ ବିଜ୍ଞପ୍ତି ସଂସଦର ପ୍ରତ୍ୟେକ ସଦନରେ ଉପସ୍ଥାପିତ ହେବ । (ଧାରା ୨୯)

ଅଧିନିୟମର ସର୍ତ୍ତଗୁଡ଼ିକ ମାନିବା ନିମନ୍ତେ କେନ୍ଦ୍ର ସରକାର ପୂର୍ବ ପ୍ରକାଶନଗୁଡ଼ିକର ସର୍ତ୍ତଗୁଡ଼ିକୁ ଆଖିରେ ରଖି ବିଜ୍ଞପ୍ତି ପ୍ରକାଶ କରି ନିୟମ ପ୍ରଣୟନ କରିଥାନ୍ତି । (ଧାରା ୩୧)

ପ୍ରଶ୍ନ ୧୪ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର ସଫଳ ରୂପାୟନ ନିମନ୍ତେ ରାଜ୍ୟ ସରକାରଙ୍କର ନିୟମ ପ୍ରଣୟନ କରିବାର କ୍ଷମତା ଅଛି କି ?

ଉତ୍ତର : ହଁ, ରାଜ୍ୟ ସରକାର ଆଇନ୍‌ର ସର୍ତ୍ତଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଜ୍ଞପ୍ତି ମାଧ୍ୟମରେ ନିୟମ

ପ୍ରଣୟନ କରିପାରିବେ, କିନ୍ତୁ ଏହା ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମ ସହିତ ସଂହତି ରକ୍ଷା କରୁଥିବା ଆବଶ୍ୟକ । (ଧାରା ୩୨ (୧)

ପ୍ରଶ୍ନ ୧୫ : କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟକ୍ରମ ରୂପାୟନ କରିବାର କ୍ଷମତାକୁ ହସ୍ତାନ୍ତର କରିପାରିବେ କି ?

ଉତ୍ତର : ହଁ, କେନ୍ଦ୍ର ସରକାର ଏକ ବିଜ୍ଞପ୍ତି ବଳରେ ରାଜ୍ୟ ସରକାର କିମ୍ବା ଅଧସ୍ତନ ଅଧିକାରୀମାନଙ୍କୁ କ୍ଷମତା ହସ୍ତାନ୍ତର କରିପାରିବେ ଏବଂ ରାଜ୍ୟ ସରକାର ଅଧିକାରୀମାନଙ୍କୁ କ୍ଷମତା ହସ୍ତାନ୍ତର କରିପାରିବେ କିନ୍ତୁ ଏହା ସର୍ତ୍ତାଧିନ ରହିବ ।

ପ୍ରଶ୍ନ ୧୬ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ରେ ନିକଟ ଅତୀତରେ କେଉଁ କାମ ନିମନ୍ତେ ଅନୁମତି ଦିଆଯାଇଛି ?

ଉତ୍ତର : ଦେଶରେ ଅନେକ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତିର ନିଜସ୍ୱ ଘର ନାହିଁ । ତେଣୁ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ, ସୂଚୀ ୧, ପାରା ୧ (ଛ) ଅନୁଯାୟୀ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତିଗୁଡ଼ିକୁ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର (ବିଏନ୍‌ଆର୍‌ଜିଏସକେ) ନିର୍ମାଣ ନିମନ୍ତେ ଅନୁମତି ପ୍ରଦାନ କରାଯାଇଅଛି ।

ପ୍ରଶ୍ନ ୧୭ : ବିଏନ୍‌ଆର୍‌ଜିଏସ୍‌କେର ଉଦ୍ଦେଶ୍ୟ କ'ଣ ?

ଉତ୍ତର : ଏହାର ଉଦ୍ଦେଶ୍ୟଗୁଡ଼ିକ ହେଲା;

(କ) ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ କାର୍ଯ୍ୟ କରିବା ନିମନ୍ତେ ଆବଶ୍ୟକୀୟ ସ୍ଥାନ ବନ୍ଦୋବସ୍ତ କରିବା ।

(ଖ) ଏହା ଜ୍ଞାନ ସମ୍ବଳ କେନ୍ଦ୍ର ଭାବେ କାର୍ଯ୍ୟ କରିବ, ଯାହା ନିମ୍ନୋକ୍ତ ବିଷୟଗୁଡ଼ିକ ନିମନ୍ତେ ସହାୟକ ହେବ ।

- ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ଏବଂ ଅନ୍ୟାନ୍ୟ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକର ତଥ୍ୟ ଲୋକମାନଙ୍କୁ ମିଳିପାରିବ ।
- ଗ୍ରାମ୍ୟ ସମ୍ପତ୍ତିର ଉତ୍ପାଦକତା ଏବଂ ଦୀର୍ଘସ୍ଥାୟୀତ୍ୱ ନିମନ୍ତେ ଜ୍ଞାନ କୌଶଳ ଏବଂ ସଫଳ ଅଭ୍ୟାସଗୁଡ଼ିକର ପ୍ରଚୁର ପ୍ରସାର କରି ଏହାକୁ ଏକାଭିମୁଖି କରିବା ନିମନ୍ତେ ପଥ ପ୍ରସ୍ତୁତ କରିବା ।
- ଗ୍ରାମପଞ୍ଚାୟତ ଏବଂ ବ୍ଲକ ସ୍ତରରେ ପ୍ରୋଗ୍ରାମ ଅଫିସରମାନଙ୍କୁ ସହାୟତା ନିମନ୍ତେ ସୂଚନା ଓ ଯୋଗାଯୋଗ ସୁବିଧାକୁ କାର୍ଯ୍ୟକାରୀ କରିବା ଏବଂ ବିକାଶ ପ୍ରକ୍ରିୟା ସହିତ ସମ୍ପୃକ୍ତ ସୂଚନାଗୁଡ଼ିକୁ ଲୋକ ପାଖରେ ପହଞ୍ଚାଇବା ନିମନ୍ତେ ପ୍ରୟାସ କରିବା ।

୨. କାର୍ଯ୍ୟ ସମ୍ପାଦନ ବ୍ୟବସ୍ଥା

ପ୍ରଶ୍ନ ୧ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏଙ୍କୁ କାର୍ଯ୍ୟକାରୀ କରିବା ଦାୟୀତ୍ୱ କାହାର ଅଟେ ?

ଉତ୍ତର :



- କେନ୍ଦ୍ର ସରକାରଙ୍କଠାରୁ ଆର୍ଥିକ ସହାୟତା ପାଇ ରାଜ୍ୟସରକାର ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟ ସମ୍ପାଦନ କରିବେ ।
- ଏହି ଆଇନ ଜିଲ୍ଲା ପ୍ରଶାସନ, ବ୍ଲକ କାର୍ଯ୍ୟାଳୟ ଏବଂ ଗ୍ରାମପଞ୍ଚାୟତକୁ ନିର୍ଦ୍ଦିଷ୍ଟ ଦାୟୀତ୍ୱ ପ୍ରଦାନ କରିଛି (ଧାରା ୧୩, ୧୪, ୧୫ ଏବଂ ୧୬)
- ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର ଯୋଜନା ଏବଂ କାର୍ଯ୍ୟ ସମ୍ପାଦନ ନିମନ୍ତେ ଜିଲ୍ଲା, ବ୍ଲକ ଏବଂ ଗ୍ରାମ ସ୍ତରୀୟ ପଞ୍ଚାୟତଗୁଡ଼ିକ ପ୍ରଧାନ କାର୍ଯ୍ୟନିର୍ବାହୀ ଅଟନ୍ତି । (ଧାରା ୧୩)
- ଜିଲ୍ଲା ସ୍ତରରେ ଯୋଜନାକୁ କାର୍ଯ୍ୟକାରୀ କରିବା ଦାୟୀତ୍ୱ ଜିଲ୍ଲା କାର୍ଯ୍ୟ ସଂଯୋଜକଙ୍କର ରହିବ । (ଧାରା ୧୪(୨))
- ବ୍ଲକ୍ କାର୍ଯ୍ୟ ସମ୍ପାଦନର ମୌଳିକ ସୋପାନ ଅଟେ । ପ୍ରତ୍ୟେକ ବ୍ଲକ୍‌ର କାର୍ଯ୍ୟ ସମ୍ପାଦନର ଦାୟୀତ୍ୱ ଜଣେ "କାର୍ଯ୍ୟ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିଛି । ଏହି "କାର୍ଯ୍ୟ ଅଧିକାରୀ"ଙ୍କର ସ୍ତର ମଣ୍ଡଳ ଉନ୍ନୟନ ଅଧିକାରୀ (ବିଡ଼ିଓ)ଙ୍କ ସହ ସମାନ ଅଟେ । ସେ କେନ୍ଦ୍ର ସରକାରଙ୍କଠାରୁ ଦରମା ପାଇବେ । ଏହି କାର୍ଯ୍ୟ ଅଧିକାରୀ ପଞ୍ଚାୟତ ସମିତି (ମଧ୍ୟବର୍ତ୍ତୀ ପଞ୍ଚାୟତ) ଏବଂ ଜିଲ୍ଲା ପ୍ରଶାସନ ନିକଟରେ ଉତ୍ତରଦାୟୀ ରହିବେ ।

ପ୍ରଶ୍ନ ୨ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ କାର୍ଯ୍ୟ ସମ୍ପାଦନ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କି କି ଦାୟୀତ୍ୱ ରହିଛି ?

କେନ୍ଦ୍ର ସରକାର	ରାଜ୍ୟ ସରକାର
ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର ପ୍ରସ୍ତୁତି ଏବଂ ଭାରତୀୟ ଗେଜେଟ୍‌ର ବିଶେଷ ବିଜ୍ଞପ୍ତି ଭାବେ ପ୍ରକାଶ କରିବା ।	ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର ପ୍ରସ୍ତୁତି ଏବଂ ଏହାର ବିଜ୍ଞପ୍ତି ରାଜ୍ୟ ଗେଜେଟ୍‌ରେ ପ୍ରକାଶ କରିବା ।
ଅଧିନିୟମ ଅଧିନରେ କେଉଁ କେଉଁ ଅଞ୍ଚଳ ଅର୍ନ୍ତଭୁକ୍ତ ହେବ ତାର ବିଜ୍ଞପ୍ତି କରିବା ।	ବିଜ୍ଞପ୍ତି ହୋଇଥିବା ଜିଲ୍ଲା ମାନଙ୍କରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ।
ଅଧିନିୟମର ନିୟମାବଳୀ ପ୍ରସ୍ତୁତ କରିବା	ରାଜ୍ୟ ଯୋଜନାର ନିୟମାବଳୀ ପ୍ରସ୍ତୁତ କରିବା ।
କେନ୍ଦ୍ରୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ପାଣ୍ଠି ସୃଷ୍ଟି କରିବା ।	ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପାଣ୍ଠି ପ୍ରସ୍ତୁତ କରିବା ।
ଜାତୀୟ ସ୍ତରରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ପ୍ରକୋଷ୍ଠ ପ୍ରତିଷ୍ଠା କରିବା ।	ରାଜ୍ୟ, ଜିଲ୍ଲା ଓ ବ୍ଲକ୍ ସ୍ତରରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ପ୍ରକୋଷ୍ଠ ପ୍ରତିଷ୍ଠା କରିବା ।
ଆଇନକୁ ସଂଶୋଧନ କରି ସଫଳତାର ସହ କାର୍ଯ୍ୟ ସମ୍ପାଦନ ନିମନ୍ତେ ନିୟମ ପ୍ରଣୟନ କରିବା ।	ଯୋଜନାକୁ ସଂଶୋଧନ କରି ସଫଳତାର ସହ କାର୍ଯ୍ୟ ସମ୍ପାଦନ ନିମନ୍ତେ ନିୟମ ପ୍ରଣୟନ କରିବା ।

କେନ୍ଦ୍ର ସରକାର	ରାଜ୍ୟ ସରକାର
ଯୋଗାଯୋଗ ପ୍ରଣାଳୀ ପ୍ରସ୍ତୁତ କରିବା	ସ୍ଥାନୀୟ ଭାଷାରେ ଯୋଜନାକୁ ବ୍ୟାପକ ପ୍ରଚାର ପ୍ରସାର କରିବା ।
ବିଭିନ୍ନ ରାଜ୍ୟ ନିମନ୍ତେ ସର୍ବ ନିମ୍ନ ମଜୁରୀ ବିଜ୍ଞପ୍ତି ପ୍ରକାଶ କରିବା ।	କାର୍ଯ୍ୟ-ସମୟ-ଗତି ସମୀକ୍ଷା କରି ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ରେ ସର୍ବନିମ୍ନ ମଜୁରୀ ଲାଗୁ କରିବା ।
କେନ୍ଦ୍ରୀୟ ନିଶ୍ଚିତ କର୍ମ ନିଯୁକ୍ତି ପରିଷଦ (ସିଇଜିସି) ଗଢିବା ଏବଂ ଜାତୀୟ ସ୍ତରରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ରେ ବିଭିନ୍ନ ଅଧିକାରୀ ନିଯୁକ୍ତ କରିବା ।	ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ପରିଷଦ (ଏସ୍‌ଇଜିସି) ଗଢିବା ଏବଂ ରାଜ୍ୟ, ଜିଲ୍ଲା ଏବଂ ବ୍ଲକ୍ ସ୍ତରରେ କମିଶନର, ନିର୍ଦ୍ଦେଶକ, ଜିଲ୍ଲା କାର୍ଯ୍ୟ ସଂଯୋଜକ, କାର୍ଯ୍ୟ ଅଧିକାରୀମାନଙ୍କୁ ନିଯୁକ୍ତ କରିବା ।
କେନ୍ଦ୍ରୀୟ ନିଶ୍ଚିତ କର୍ମ ନିଯୁକ୍ତି ପାଣ୍ଠି ପ୍ରତିଷ୍ଠା କରି ଜିଲ୍ଲା ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଯୋଜନା ଅନୁଯାୟୀ ଏହା ୯୦ ପ୍ରତିଶତ ଅର୍ଥ ଦେବା ।	ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ପାଣ୍ଠି ପ୍ରତିଷ୍ଠା କରି କେନ୍ଦ୍ରର ଦେବା ଭାଗ ଅନୁସାରେ ୧୦ ପ୍ରତିଶତ ପାଣ୍ଠି ଦେବା ।
ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର ସୂଚୀ ୧ ଏବଂ ୨ ରେ ସଂଶୋଧନ କରିବାର କ୍ଷମତା କେନ୍ଦ୍ର ସରକାରଙ୍କର ରହିଛି ଏଥି ସହିତ ସେ ଆଇନରେ ପ୍ରାବଧନ ଥିବା ସର୍ତ୍ତଗୁଡ଼ିକୁ ପାଳନ ନିମନ୍ତେ ନିୟମ ପ୍ରଣୟନ କରିପାରିବେ ।	ଆଇନ୍‌ର ସର୍ତ୍ତାବଳୀଗୁଡ଼ିକୁ ପାଳନ ନିମନ୍ତେ ରାଜ୍ୟ ସରକାର ନିୟମ ପ୍ରଣୟନ କରିପାରିବେ ।
ଏହି ଆଇନରେ କେନ୍ଦ୍ର ସରକାରଙ୍କ ପ୍ରଣୀତ ପ୍ରତ୍ୟେକ ନିୟମ ସଂସଦର ଉଭୟ ସଭାରେ ଉପସ୍ଥାପନ କରାଯିବ ।	ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ରେ ଯଦି କୌଣସି ସଂଶୋଧନ ଥାଏ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯିବ ।
ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ କାର୍ଯ୍ୟକାରୀ କରିବା ନିମନ୍ତେ ନିୟମ ପ୍ରଣୟନ କରିବା ।	ଗ୍ରାମପଞ୍ଚାୟତ ଏବଂ ଅନ୍ୟାନ୍ୟ କାର୍ଯ୍ୟ ନିର୍ବାହୀ ସଂସ୍ଥା ମାଧ୍ୟମରେ କାର୍ଯ୍ୟ ସମ୍ପାଦନ କରିବା ।
କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ରାଜ୍ୟ ସରକାରଙ୍କୁ କ୍ଷମତା ହସ୍ତାନ୍ତର କରିବା ।	ରାଜ୍ୟ ସରକାର ବିଜ୍ଞପ୍ତି/ନିୟମ ବଳରେ ଅଧସ୍ତନ ଅଧିକାରୀମାନଙ୍କୁ କ୍ଷମତା ହସ୍ତାନ୍ତର କରିବା ।
କେନ୍ଦ୍ରୀୟ ନିଶ୍ଚିତ କର୍ମ ନିଯୁକ୍ତି ପରିଷଦ ତରଫରୁ ବାର୍ଷିକ ବିବରଣୀ ପ୍ରସ୍ତୁତ କରି ସଂସଦରେ ଉପସ୍ଥାପନ କରିବା ।	ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ପରିଷଦ ବାର୍ଷିକ ବିବରଣୀ ପ୍ରସ୍ତୁତ କରି ରାଜ୍ୟ ବିଧାନସଭାରେ ଉପସ୍ଥାପନ କରିବା ।

କେନ୍ଦ୍ର ସରକାର	ରାଜ୍ୟ ସରକାର
ସାମାଜିକ ସମୀକ୍ଷା, ସ୍ୱଚ୍ଛତା ଏବଂ ଉତ୍ତରଦାୟୀତ୍ୱ ନିୟମ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରିବା ।	ଗ୍ରାମସଭା ମାଧ୍ୟମରେ ସାମାଜିକ ସମୀକ୍ଷା କରିବା ଏବଂ ବିଭିନ୍ନ ସ୍ତରରେ ସଠିକ୍ ଅଭିଯୋଗ ଶୁଣାଣୀ କୌଶଳ ସ୍ଥିର କରିବା ।
ବୈଷୟିକ ସହାୟତା ଯୋଗାଇବା ।	ବିଭିନ୍ନ ସ୍ତରରେ ବୈଷୟିକ ଜ୍ଞାନ ସମ୍ପନ୍ନ ବ୍ୟକ୍ତି ନିଯୁକ୍ତ କରିବା ।
ଦେଶରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର କାର୍ଯ୍ୟକାରୀତାକୁ ସମୀକ୍ଷା ଓ ତଦାରଖ କରିବା ।	ରାଜ୍ୟରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର କାର୍ଯ୍ୟକାରୀତାକୁ ସମୀକ୍ଷା ଓ ତଦାରଖ କରିବା ।
ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର କାର୍ଯ୍ୟକାରୀତା ସମ୍ବନ୍ଧରେ ଗବେଷଣା ଓ ମୂଲ୍ୟାୟନ କରିବା ।	ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀତା ସମ୍ବନ୍ଧରେ ଗବେଷଣା ଓ ମୂଲ୍ୟାୟନ କରିବା ।

ପ୍ରଶ୍ନ ୩ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ରେ କିଏ ଜିଲ୍ଲା କାର୍ଯ୍ୟ ସଂଯୋଜକ ଭାବେ ନିଯୁକ୍ତି ନେଇ ପାରିବେ ?

ଉତ୍ତର : ରାଜ୍ୟ ସରକାରଙ୍କର ନିଷ୍ପତ୍ତି ଅନୁଯାୟୀ, ଜିଲ୍ଲା ପଞ୍ଚାୟତର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) କିମ୍ବା ଜିଲ୍ଲାପାଳ କିମ୍ବା ସମାନ ସ୍ତରର କେହି ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ଜିଲ୍ଲାରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟକ୍ରମ ସମ୍ପାଦନ ନିମନ୍ତେ ଜିଲ୍ଲା କାର୍ଯ୍ୟ ଅଧିକାରୀ (ଡିପିସି) ଭାବେ ନିଯୁକ୍ତି ଦିଆଯାଇପାରିବ ।

ପ୍ରଶ୍ନ ୪ : ବ୍ଲକ୍ ସ୍ତରରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ରେ କାହାକୁ "କାର୍ଯ୍ୟକ୍ରମ ଅଧିକାରୀ" (ପିଓ) ଭାବେ ରଖାଯାଇପାରିବ ?

ଉତ୍ତର : ରାଜ୍ୟ ସରକାର "କାର୍ଯ୍ୟକ୍ରମ ଅଧିକାରୀ" ଭାବେ ମଧ୍ୟବର୍ତ୍ତୀ ପଞ୍ଚାୟତ ସ୍ତରରେ ଜଣକୁ ନିଯୁକ୍ତି ଦେବେ । ସେହି ବ୍ୟକ୍ତି ଜଣକ ମଣ୍ଡଳ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ଠାରୁ କମ୍ ପାହ୍ୟାର ହୋଇ ନଥିବେ ଏବଂ ତାଙ୍କ ସହ ସମାନ ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା ଥିବା ଆବଶ୍ୟକ (ଧାରା ୧୫ (୧))

ପ୍ରଶ୍ନ ୫ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ରେ ଜିଲ୍ଲା କାର୍ଯ୍ୟ ସଂଯୋଜକ ଓ କାର୍ଯ୍ୟ ଅଧିକାରୀମାନଙ୍କର ଦାୟୀତ୍ୱ କ'ଣ ?

ଜିଲ୍ଲା କାର୍ଯ୍ୟ ସଂଯୋଜକ (ଡିପିସି)ଙ୍କର ଦାୟୀତ୍ୱ (ଧାରା ୧୪ (୨ ଓ ୩)।	କାର୍ଯ୍ୟକ୍ରମ ଅଧିକାରୀ (ପିଓ)ଙ୍କ ଦାୟୀତ୍ୱ (ଧାରା ୧୫ (୨, ୩, ୪ ଓ ୫)।
ଜିଲ୍ଲା କାର୍ଯ୍ୟ ସଂଯୋଜକଙ୍କର ଦାୟୀତ୍ୱ ହେଲା ଜିଲ୍ଲା ସ୍ତରରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଅର୍ନ୍ତଗତ କାର୍ଯ୍ୟ ସମ୍ପାଦନ କରିବା।	କାର୍ଯ୍ୟକ୍ରମ ଅଧିକାରୀଙ୍କର ଦାୟୀତ୍ୱ ହେଲା ବ୍ଲକ୍ ସ୍ତରରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସମ୍ପାଦନ କରିବା।
ଜିଲ୍ଲା କାର୍ଯ୍ୟ ସଂଯୋଜକ ସମସ୍ତ ବ୍ଲକ୍‌ରୁ ଏବଂ ଅନ୍ୟ ବିଭାଗଗୁଡ଼ିକରୁ ଆସିଥିବା ସମସ୍ତ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକୁ ମିଶାଇ ଏକ ଜିଲ୍ଲା। ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଯୋଜନା ପ୍ରସ୍ତୁତ କରି ଏହାକୁ ଅନୁମୋଦନ ନିମନ୍ତେ ଜିଲ୍ଲା ପଞ୍ଚାୟତର ଦାଖଲ କରିବେ।	କାର୍ଯ୍ୟକ୍ରମ ଅଧିକାରୀ ସମସ୍ତ ଗ୍ରାମପଞ୍ଚାୟତ ଯୋଜନାକୁ ମିଶାଇ ଏକ ବ୍ଲକ୍ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଯୋଜନା ପ୍ରସ୍ତୁତ କରିବେ।
ପ୍ରତ୍ୟେକ ଡ଼ିସେମ୍ବର ମାସ ମଧ୍ୟରେ ଜିଲ୍ଲା କାର୍ଯ୍ୟ ସଂଯୋଜକ ପରବର୍ତ୍ତୀ ଆର୍ଥିକ ବର୍ଷ ନିମନ୍ତେ ଏକ ଶ୍ରମ ବଜେଟ୍ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ମାଧ୍ୟମରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟରେ ଦାଖଲ କରିବେ।	କାର୍ଯ୍ୟକ୍ରମ ଅଧିକାରୀ ବ୍ଲକ୍‌ର ପ୍ରତି ଗ୍ରାମପଞ୍ଚାୟତରେ କର୍ମନିଯୁକ୍ତିର ଚାହିଦା ଏବଂ ସୁଯୋଗ ପରବର୍ତ୍ତୀ ଆର୍ଥିକ ବର୍ଷ ନିମନ୍ତେ ଆକଳନ କରିବେ।
ଜିଲ୍ଲା ପଞ୍ଚାୟତକୁ ଏହାର କାର୍ଯ୍ୟ ନିର୍ବାହ କରିବାରେ ଜିଲ୍ଲା କାର୍ଯ୍ୟ ସଂଯୋଜକ ସାହାଯ୍ୟ କରିବେ।	ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ରେ କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ କାର୍ଯ୍ୟକ୍ରମ ଅଧିକାରୀ ପଞ୍ଚାୟତ ସମିତିକୁ ସାହାଯ୍ୟ କରିବେ।
ଆବଶ୍ୟକସ୍ଥଳେ ପ୍ରଶାସନିକ ଅନୁମୋଦନ ନିମନ୍ତେ ଜିଲ୍ଲା କାର୍ଯ୍ୟ ସଂଯୋଜକ ସହମତି ପ୍ରକାଶ କରିବେ।	ବିଭିନ୍ନ ସଂସ୍ଥା ଦ୍ୱାରା ସମ୍ପାଦନ ହୋଇଥିବା କାର୍ଯ୍ୟ ନିମନ୍ତେ କାର୍ଯ୍ୟକ୍ରମ ଅଧିକାରୀ ନାମ ତାଲିକା ନିମନ୍ତେ ଫର୍ମ ଯୋଗାଇବେ।
ଜିଲ୍ଲା କାର୍ଯ୍ୟ ସଂଯୋଜକ ବିଭିନ୍ନ କାର୍ଯ୍ୟ ନିର୍ବାହୀ ସଂସ୍ଥାମାନଙ୍କୁ କାର୍ଯ୍ୟ ସମ୍ପାଦନ କରିବା ଏବଂ ମଜୁରୀ ପ୍ରଦାନ ନିମନ୍ତେ ଅର୍ଥ ଯୋଗାଇ ଦେବେ।	କାର୍ଯ୍ୟକ୍ରମ ଅଧିକାରୀ ଠିକ୍ ସମୟରେ ସଠିକ୍ ପରିମାଣର ମଜୁରୀ ପ୍ରଦାନ ନିମନ୍ତେ ଦାୟୀ ରହିବେ।
ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଜିଲ୍ଲାରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ସମୀକ୍ଷା ଓ ତଦାରଖ କରିବେ।	କାର୍ଯ୍ୟକ୍ରମ ଅଧିକାରୀ ବ୍ଲକ୍‌ରେ ପ୍ରକଳ୍ପ କାର୍ଯ୍ୟ କରୁଥିବା ଗ୍ରାମ ପଞ୍ଚାୟତ ଓ ଅନ୍ୟାନ୍ୟ କାର୍ଯ୍ୟ ନିର୍ବାହୀ ସଂସ୍ଥାର କାର୍ଯ୍ୟକୁ ତଦାରଖ କରିବେ।

ଜିଲ୍ଲା କାର୍ଯ୍ୟ ସଂଯୋଜକ (ଡିପିସି)ଙ୍କର ଦାୟୀତ୍ୱ (ଧାରା ୧୪ (୨ ଓ ୩)।	କାର୍ଯ୍ୟକ୍ରମ ଅଧିକାରୀ (ପିଓ)ଙ୍କ ଦାୟୀତ୍ୱ (ଧାରା ୧୫ (୨, ୩, ୪ ଓ ୫)।
ଜିଲ୍ଲା ସଂଯୋଜକ କାର୍ଯ୍ୟ ଅଧିକାରୀଙ୍କ କାର୍ଯ୍ୟକ୍ରମରେ ସମନ୍ୱୟ ରକ୍ଷା କରିବେ।	କାର୍ଯ୍ୟକ୍ରମ ଅଧିକାରୀ ବ୍ଲକ୍‌ରେ ଗ୍ରାମ ରୋଜଗାର ସହାୟକଙ୍କ କାର୍ଯ୍ୟକ୍ରମରେ ସମନ୍ୱୟ ରକ୍ଷା କରିବେ।
ଜିଲ୍ଲା କାର୍ଯ୍ୟ ସଂଯୋଜକ କାର୍ଯ୍ୟ ସମ୍ପର୍କିତ ଅଭିଯୋଗଗୁଡ଼ିକର ସମାଧାନ କରିବେ ଏବଂ ଝୁଲୁ ଥିବା କାର୍ଯ୍ୟଗୁଡ଼ିକର ଯାଞ୍ଚ କରିବେ।	କାର୍ଯ୍ୟକ୍ରମ ଅଧିକାରୀ ୭ ଦିନ ମଧ୍ୟରେ ସମସ୍ତ ଅଭିଯୋଗକୁ ଅନୁଧ୍ୟାନ କରି ଫଇସଲା କରିବେ।
ଜିଲ୍ଲା କାର୍ଯ୍ୟ ନିର୍ବାହୀ ସଂଯୋଜକ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ନିୟମିତ ସାମାଜିକ ସମୀକ୍ଷାକୁ ନିଶ୍ଚିତ କରିବେ।	କାର୍ଯ୍ୟକ୍ରମ ଅଧିକାରୀ ଗ୍ରାମସଭା ମାଧ୍ୟମରେ ବ୍ଲକ୍ ମଧ୍ୟରେ ସମସ୍ତ କାର୍ଯ୍ୟର ନିୟମିତ ସାମାଜିକ ସମୀକ୍ଷାକୁ ନିଶ୍ଚିତ କରିବେ।

ପ୍ରଶ୍ନ ୬ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀ କରିବା ନିମନ୍ତେ ଗ୍ରାମପଞ୍ଚାୟତର କଣ ଦାୟୀତ୍ୱ ରହିଛି ?

ଉତ୍ତର : ତୃଣମୂଳ ସ୍ତରରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ଅନ୍ତର୍ଗତ କାର୍ଯ୍ୟ ସମ୍ପାଦନ ନିମନ୍ତେ ଗ୍ରାମ ପଞ୍ଚାୟତର ମୁଖ୍ୟ ଭୂମିକା ରହିଛି (ଧାରା ୧) ଏବଂ ଧାରା ୧୭ (୩)

- ଗ୍ରାମସଭାର ଅନୁମୋଦନ କ୍ରମେ ଗ୍ରାମପଞ୍ଚାୟତ ପ୍ରକଳ୍ପଗୁଡ଼ିକର ଚିହ୍ନଟ କରି ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକ୍ରମ ନିମନ୍ତେ ବାଛିବେ।

- ଗ୍ରାମପଞ୍ଚାୟତ ବାର୍ଷିକ ବିକାଶ ଯୋଜନା ପ୍ରସ୍ତୁତ କରିବେ ଏବଂ ଆବଶ୍ୟକୀୟ ଅନୁମୋଦନ ପରେ କାର୍ଯ୍ୟର ପରିଚାଳନା କରିବେ ।
- ଗ୍ରାମପଞ୍ଚାୟତ ଶ୍ରମ ଯୋଗ୍ୟ ପରିବାରଗୁଡ଼ିକର ପଞ୍ଜିକରଣ କରିବେ ଏବଂ ସେମାନଙ୍କୁ ଜବ୍ କାର୍ଡ ପ୍ରଦାନ କରିବେ ।
- କାର୍ଯ୍ୟ ନିମନ୍ତେ ଦରଖାସ୍ତ ଗ୍ରହଣ କରିବେ ଏବଂ କାର୍ଯ୍ୟ ଆସିଲେ ଦରଖାସ୍ତକାରୀଙ୍କୁ ଅବଗତ କରାଇବେ ।
- ଏହି କାର୍ଯ୍ୟକାରୀ ହେବାକୁ ଥିବା ଯୋଜନାରେ ନିଆଯାଇଥିବା ପ୍ରକଳ୍ପ ଗୁଡ଼ିକରୁ ଅନୁନ୍ୟ ୫୦ ପ୍ରତିଶତ (ମୂଲ୍ୟ ଆଧାରରେ) କାର୍ଯ୍ୟ ଗ୍ରାମପଞ୍ଚାୟତ ସମ୍ପାଦନ କରିବେ । ଏଥି ନିମନ୍ତେ ଗ୍ରାମପଞ୍ଚାୟତ ସ୍ୱଚ୍ଛତା ଅବଲମ୍ବନ କରିବା ସହ ଗ୍ରାମସଭା ନିକଟରେ ଉତ୍ତରଦାୟୀ ରହିବେ ।
- ଗ୍ରାମପଞ୍ଚାୟତ ଏହାର ଅଞ୍ଚଳରେ ହୋଇଥିବା ସମସ୍ତ କାର୍ଯ୍ୟର ସାମାଜିକ ସମୀକ୍ଷା ନିୟମିତ ଭାବେ କରିବାକୁ ନିଶ୍ଚିତ କରିବେ ।
- ଗ୍ରାମପଞ୍ଚାୟତ ନିୟମିତ ଭାବରେ ଗ୍ରାମସଭାକୁ ରିପୋର୍ଟ ପ୍ରଦାନ କରିବେ ।
- ଗ୍ରାମପଞ୍ଚାୟତ କାର୍ଯ୍ୟ ସମ୍ପର୍କିତ ସମସ୍ତ ନଥିପତ୍ରକୁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଖୋଲା ରଖିବେ ଏବଂ ସର୍ବସାଧାରଣ ଯାଞ୍ଚ ନିମନ୍ତେ ଏହାକୁ ବୋଧଗମ୍ୟ ହେଲା ଭଳି ଏକ ମାଧ୍ୟମରେ ପ୍ରକାଶ କରିବେ ।

ପ୍ରଶ୍ନ ୭ : ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗ୍ରାମସଭାର ଭୂମିକା କ'ଣ ?

ଉତ୍ତର : ଧାରା ୧୬ (୧) ଓ ୧୭ ଅନୁଯାୟୀ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏରେ ଗ୍ରାମସଭାର ଦାୟିତ୍ୱଗୁଡ଼ିକ ହେଲା;

- ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସ ୨ ତାରିଖ ଦିନ ମହାତ୍ମା ଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ହେବାକୁ ଥିବା କାର୍ଯ୍ୟକ୍ରମଗୁଡ଼ିକୁ ଚିହ୍ନଟ କରିବା ।
- ଅଗ୍ରାଧିକାରଭିତ୍ତିରେ କାର୍ଯ୍ୟ ସମ୍ପାଦନ ନିମନ୍ତେ ଚିହ୍ନଟ କାର୍ଯ୍ୟକୁ ବାଛିବା ।
- ଗ୍ରାମପଞ୍ଚାୟତ ଏବଂ ଅନ୍ୟ ସଂସ୍ଥାମାନଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ ସମୟରେ କାର୍ଯ୍ୟର ତଦାରଖ କରିବା ।

ମହାତ୍ମା ଗାନ୍ଧୀ ଏନ୍.ଆର.ଇ.ଜି.ଏସ୍. ପାଇଁ ଗ୍ରାମସଭା

- ପଞ୍ଚାୟତରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ନିଆଯାଇଥିବା କାର୍ଯ୍ୟଗୁଡ଼ିକର ନିୟମିତ ସାମାଜିକ ସମୀକ୍ଷା କରିବା ।
- ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଅନ୍ତର୍ଗତ କାର୍ଯ୍ୟଗୁଡ଼ିକର ନିୟମିତ ତଦାରଖ ନିମନ୍ତେ ନିରୀକ୍ଷଣ ଓ ତଦାରଖ କମିଟି (ଭିଏମ୍‌ସି) ଗଠନ କରିବା ।
- ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ସମସ୍ତ ନଥିପତ୍ର ଯାଞ୍ଚ କରିବା ଏବଂ ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱ ନିଶ୍ଚିତ କରିବା ନିମନ୍ତେ ଏକ ମଞ୍ଚଭାବେ କାର୍ଯ୍ୟ କରିବ ।

ପ୍ରଶ୍ନ ୮ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ଗୋଟିଏ ଗ୍ରାମପଞ୍ଚାୟତ କେତୋଟି କାର୍ଯ୍ୟ କରିପାରିବ ?

ଉତ୍ତର : କାର୍ଯ୍ୟ ସମ୍ପାଦନ ନିମନ୍ତେ ଗ୍ରାମପଞ୍ଚାୟତ ଏକକ ଭାବେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟନିର୍ବାହୀ ସଂସ୍ଥା ଅଟେ । (ଧାରା ୧୬ (୫))

- ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ସମସ୍ତ ନଥିପତ୍ର ଯାଞ୍ଚ କରିବ ଏବଂ ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱ ନିଶ୍ଚିତ କରିବା ନିମନ୍ତେ ଏକ ମଞ୍ଚଭାବେ କାର୍ଯ୍ୟ କରିବ ।
- ଗ୍ରାମପଞ୍ଚାୟତ ଦ୍ୱାରା ମୂଲ୍ୟ ଆଧାରରେ ସର୍ବନିମ୍ନ ୫୦ ପ୍ରତିଶତ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଆଇନ୍‌ରେ ପ୍ରାବଧାନ ରହିଛି ।
- ବାର୍ଷିକ ଅନୁମୋଦନ କରାଯାଇଥିବା କାର୍ଯ୍ୟର ଶତ ପ୍ରତିଶତ ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତକୁ ଦିଆଯାଇପାରେ ।
- ସମ୍ପୃକ୍ତ ଗ୍ରାମପଞ୍ଚାୟତ ସେହି ଗ୍ରାମପଞ୍ଚାୟତ ଅଞ୍ଚଳରେ ହିଁ କାର୍ଯ୍ୟ ହାତକୁ ନେଇ ପାରିବେ ।

ପ୍ରଶ୍ନ ୯ : ଗ୍ରାମପଞ୍ଚାୟତ ଦ୍ୱାରା ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମ୍ପୂର୍ଣ୍ଣ ଭାବେ ସମ୍ପାଦନ ହେବା ଉଚିତ କି ?

ବିଭିନ୍ନ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟଖସଡ଼ା



ଉତ୍ତର : ଏହା କେତେକ ରାଜ୍ୟରେ ସମ୍ଭବ ହୋଇପାରେ । କାଳକ୍ରମେ, ଗ୍ରାମପଞ୍ଚାୟତ ମାଧ୍ୟମରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟ ପରିସର ବୃଦ୍ଧି ହୋଇପାରେ । ଅନେକ ରାଜ୍ୟରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ଏକ ଅନୁକୂଳ ବାତାବରଣ ସୃଷ୍ଟି ପାଇଁ ଗ୍ରାମପଞ୍ଚାୟତଗୁଡ଼ିକୁ ଆହୁରି ଅନେକ ସମୟ ଲାଗିବ । କାର୍ଯ୍ୟ ସମ୍ପାଦନ ନିମନ୍ତେ ଗ୍ରାମପଞ୍ଚାୟତକୁ ନନେଇ ବ୍ଲକ୍‌କୁ ମୌଳିକ ସଂସ୍ଥା ଭାବେ ଆଇନ୍‌ରେ ଦର୍ଶାଯିବାର ଏହା ଏକ ପ୍ରମୁଖ କାରଣ ଅଟେ ।

ଗ୍ରାମସ୍ତରରେ କାମର ଚାହିଦା ଓ କର୍ମନିଯୁକ୍ତିର ସୁଯୋଗରେ ମେଳ ରଖିବା କଷ୍ଟକର ହେତୁ ଗ୍ରାମପଞ୍ଚାୟତକୁ ମୌଳିକ ସଂସ୍ଥାଭାବେ ନବାଛିବା ଅନ୍ୟ ଏକ କାରଣ । କେତେକ ଗ୍ରାମରେ କାମର ଚାହିଦା ଅଧିକ ଥିବା ସ୍ଥଳେ କର୍ମନିଯୁକ୍ତିର ସୁଯୋଗ ବହୁତ କମ୍ ରହିଥାଏ ଅନ୍ୟ କେତେକ ଗ୍ରାମରେ ପରିସ୍ଥିତି ଠିକ୍ ଓଲଟା । ଏଣୁ ବ୍ଲକ୍ ସ୍ତରରେ ଏହାକୁ ମେଳ କରିବା ସୁବିଧା ହୋଇଥାଏ । କାର୍ଯ୍ୟ ଅଧିକାରୀଙ୍କ ଦାୟୀତ୍ୱକୁ ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କରିବା ନିମନ୍ତେ ଆଇନ୍‌ରେ ପ୍ରାବଧାନ ରହିଛି । ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ କ୍ରମେ କାର୍ଯ୍ୟ ଅଧିକାରୀଙ୍କ କେତେକ କିମ୍ବା ସମସ୍ତ କାର୍ଯ୍ୟ ଗ୍ରାମପଞ୍ଚାୟତରେ କିମ୍ବା କୌଣସି ସ୍ଥାନୀୟ ସଂସ୍ଥା ଦ୍ୱାରା କରାଯାଇପାରେ (ଧାରା ୧୫ (୭) । ଏଣୁ ଯଦି ଏହା ଆବଶ୍ୟକ ଏବଂ ସମ୍ଭବ ହୁଏ ତେବେ କାର୍ଯ୍ୟକ୍ରମ ଗ୍ରାମପଞ୍ଚାୟତ ଦ୍ୱାରା କରାଯିବା ନିମନ୍ତେ ଆଇନରେ ନିର୍ଦ୍ଦେଶ ରହିଛି ।

ପ୍ରଶ୍ନ ୧୦ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟ ନିର୍ବାହୀ ସଂସ୍ଥାଗୁଡ଼ିକ କିଏ ?

ଉତ୍ତର : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଅଧିନରେ କେନ୍ଦ୍ର/ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟ କରିବା ନିମନ୍ତେ ଅନୁମୋଦିତ ଯେକୌଣସି ସଂସ୍ଥା (ଧାରା ୧ ୩ (୧))

ଜିଲ୍ଲା ସ୍ତରରେ ଜିଲ୍ଲା ପଞ୍ଚାୟତ, ବ୍ଲକ ସ୍ତରରେ ମଧ୍ୟବର୍ତ୍ତୀ ପଞ୍ଚାୟତ ଏବଂ ଗ୍ରାମ ସ୍ତରରେ ଗ୍ରାମପଞ୍ଚାୟତ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌କୁ ଯୋଜନା ଏବଂ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରମୁଖ କାର୍ଯ୍ୟକର୍ତ୍ତା ହେବେ ।

ସରକାରଙ୍କର ସମ୍ପୃକ୍ତ ବିଭାଗ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ରାଷ୍ଟ୍ରୟତ୍ତ ସଂସ୍ଥା, ସମବାୟ ସଂସ୍ଥା, ବେସରକାରୀ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମଧ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥା ଭାବେ ବିବେଚନା କରାଯାଇପାରିବ । (ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ନିର୍ଦ୍ଦେଶନାମା)

ପ୍ରଶ୍ନ ୧୧ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ରେ ସମ୍ପୃକ୍ତ ବିଭାଗଗୁଡ଼ିକର ଭୂମିକା କ'ଣ ?

ଉତ୍ତର : ସମ୍ପାଦିତ କାର୍ଯ୍ୟର ଅଟକଳ, ମାପ ଏବଂ ତଦାରଖ ନିମନ୍ତେ ବୈଷୟିକ ସହାୟତା ଯୋଗାଇବା ସରକାର ବିଭାଗଗୁଡ଼ିକର ମୁଖ୍ୟ ଭୂମିକା ଅଟେ । (ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ନିର୍ଦ୍ଦେଶନାମା- ୨୦୦୮ର ଧାରା ୬.୨)



ପ୍ରଶ୍ନ ୧୨ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ସମ୍ପୃକ୍ତ ବିଭାଗ ଦ୍ୱାରା କାର୍ଯ୍ୟ ସମ୍ପାଦନ ନିମନ୍ତେ କି କି ସର୍ତ୍ତ ରହିଛି ?

ଉତ୍ତର : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ କାର୍ଯ୍ୟ ସମ୍ପାଦନ ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିମ୍ନୋକ୍ତ ପ୍ରକ୍ରିୟା ଅନୁସରଣ କରିବାକୁ ହେବ । (ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ନିର୍ଦ୍ଦେଶନାମା-୨୦୦୮ର ଧାରା ୬.୩ ଏବଂ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ-୨୦୦୮ର ପରିପତ୍ର ନଂ-ଜେ୧୧୦୧୩/୨/୨୦୦୮ ତା ୧୮ ଜୁନ୍ ୨୦୦୮)

- ଗ୍ରାମ ପଞ୍ଚାୟତ ଭିନ୍ନ ଅନ୍ୟ କାର୍ଯ୍ୟ ନିର୍ବାହୀ ସଂସ୍ଥାକୁ ସେମାନଙ୍କର ଜ୍ଞାନ କୌଶଳ ଅଭିଜ୍ଞତା, ସମ୍ବଳ, ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବାର ଦକ୍ଷତା ଏବଂ ହିତାଧିକାରୀମାନଙ୍କର ଇଚ୍ଛାକୁ ଭିତ୍ତିକରି ଚୟନ କରାଯିବ ।
- ଗ୍ରାମପଞ୍ଚାୟତର ବିକାଶ ଯୋଜନାରେ କାର୍ଯ୍ୟନିର୍ବାହୀ ସଂସ୍ଥାର ଚୟନ ସମ୍ବନ୍ଧରେ ସୂଚୀତ ହେବ ।
- ସମ୍ପୃକ୍ତ ବିଭାଗ ଦ୍ୱାରା ଯେଉଁ କାର୍ଯ୍ୟ ସମ୍ପାଦିତ ହେବ ତାହା କାର୍ଯ୍ୟ ବର୍ଷ ପୂର୍ବରୁ ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅନୁମୋଦିତ ହୋଇଥିବ ଏବଂ ଗ୍ରାମପଞ୍ଚାୟତ/ମଧ୍ୟବର୍ତ୍ତୀ ପଞ୍ଚାୟତ/ଜିଲ୍ଲା ପଞ୍ଚାୟତ ଦ୍ୱାରା ଅନୁମୋଦନ ପ୍ରାପ୍ତ ହୋଇଥିବା ଉଚିତ ।
- କୌଣସି ଏକ ନିର୍ଦ୍ଦିଷ୍ଟ ବର୍ଷ ନିମନ୍ତେ ଶ୍ରମ ବଜେଟ୍ ଅନୁମୋଦନ ହୋଇଗଲା ପରେ ଆଉ ଅତିରିକ୍ତ କାର୍ଯ୍ୟକୁ ଅନୁମତି ମିଳିବ ନାହିଁ ।

- ଜବ୍‌କାର୍ଡଧାରୀମାନଙ୍କଠାରୁ ଅହିଦା ପ୍ରାପ୍ତ ହେଲା ପରେ କାର୍ଯ୍ୟ ପ୍ରଦାନ କରାଯିବ। ଜବକାର୍ଡଧାରୀମାନଙ୍କର ଅହିଦା ଅନୁଯାୟୀ ସେମାନଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯିବ।
- ପ୍ରତ୍ୟେକ କାର୍ଯ୍ୟ ନିମନ୍ତେ ସମ୍ପୃକ୍ତ ବିଭାଗ ଶ୍ରମିକ ତାଲିକା (ମଷ୍ଟର ରୋଲ୍) ପ୍ରସ୍ତୁତ କରିବ ଏବଂ ଏହାର ନକଲ ଗ୍ରାମପଞ୍ଚାୟତ କାର୍ଯ୍ୟ ଅଧିକାରୀଙ୍କୁ ଦେବା ଆବଶ୍ୟକ।
- ଅଡିଟ୍ ନିମନ୍ତେ କାର୍ଯ୍ୟ ସମ୍ପର୍କିତ ସମସ୍ତ କାଗଜପତ୍ର ସାମାଜିକ ସମୀକ୍ଷା ମଞ୍ଚକୁ ମିଳିବା ଆବଶ୍ୟକ।
- କାର୍ଯ୍ୟ ନିର୍ବାହ ନିମନ୍ତେ କୌଣସି ଉପାୟରେ କଣ୍ଟ୍ରାକ୍ଟର ନିୟୋଜିତ ହୋଇପାରିବେ ନାହିଁ।
- କାର୍ଯ୍ୟ ସମ୍ପାଦନ ନିମନ୍ତେ ବିଭାଗଗୁଡ଼ିକୁ କୌଣସି ଅତିରିକ୍ତ ଦେୟ କରାଯାଇପାରିବନାହିଁ।
- ଯେଉଁ ଶ୍ରମିକମାନଙ୍କର ବ୍ୟାଙ୍କରେ ସଞ୍ଚୟଖାତା ଖୋଲା ଯାଇଥିବ, ସେମାନଙ୍କୁ ସେହି ବ୍ୟାଙ୍କ ଖାତା ମାଧ୍ୟମରେ ମଜୁରୀ ପ୍ରଦାନ କରାଯିବ।

୩. ଯୋଜନା ପ୍ରକ୍ରିୟା ଏବଂ କାର୍ଯ୍ୟର ପ୍ରକାର ଭେଦ

ପ୍ରଶ୍ନ ୧ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ କାର୍ଯ୍ୟ କରିବା ନିମନ୍ତେ ଯୋଜନା କାହିଁକି ଜରୁରୀ ?

ଉତ୍ତର : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର ସଫଳ କାର୍ଯ୍ୟକାରୀତା ନିମନ୍ତେ ଯୋଜନା ନିତାନ୍ତ ଜରୁରୀ ଅଟେ । ୧୫ ଦିନ ସମୟ ମଧ୍ୟରେ ନିଯୁକ୍ତି ସୃଷ୍ଟି କରିବା ନିମନ୍ତେ ଆଗୁଆ ଯୋଜନାର ଆବଶ୍ୟକତା ଏହାର ଏକ ଉଦାହରଣ । ଏହାଛଡ଼ା କାର୍ଯ୍ୟର ଚୟନ ଓ ଉଦ୍ଦେଶ୍ୟ ଏଭଳି ହେବା ଆବଶ୍ୟକ ଯଦ୍ଦ୍ୱାରା କି ଚିରସ୍ଥାୟୀ ବିକାଶ ନିମନ୍ତେ ଉଚ୍ଚମାନର ସମ୍ପତ୍ତି ସୃଷ୍ଟି ହୋଇପାରିବ । ଯୋଜନା ପ୍ରକ୍ରିୟାର ମୌଳିକ ଉଦ୍ଦେଶ୍ୟ ହେଲା ରହିଦା ଅନୁଯାୟୀ ଉତ୍ପାଦନକ୍ଷମ ନିଯୁକ୍ତି ସୁଯୋଗ ସମୟ ପୂର୍ବରୁ ଯୋଗାଇ ଦେବା ନିମନ୍ତେ ଜିଲ୍ଲା ସ୍ତରରେ ପ୍ରସ୍ତୁତିକୁ ନିଶ୍ଚିତ କରିବା ।

ପ୍ରଶ୍ନ ୨ : ବିକାଶ ଯୋଜନା କହିଲେ କଣ ବୁଝାଏ ?

ଉତ୍ତର : ଆଇନର ଧାରା ୧୬ (୩) ଏବଂ (୪) ଅନୁଯାୟୀ ପ୍ରତ୍ୟେକ ଗ୍ରାମପଞ୍ଚାୟତ ଏକ ବିକାଶ ଯୋଜନା ପ୍ରସ୍ତୁତ କରିବେ ଏବଂ କର୍ମ ନଯୁକ୍ତିର ରହିଦା ପୂରଣ ନିମନ୍ତେ କାର୍ଯ୍ୟଗୁଡ଼ିକର ତାଲିକା ପ୍ରସ୍ତୁତ କରିବେ । ବିକାଶ ଯୋଜନା ଏକ ବାର୍ଷିକ କାର୍ଯ୍ୟ ଯୋଜନା ଏଥିରେ କାର୍ଯ୍ୟର ଦାବୀ ସମୟରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ପ୍ରତ୍ୟେକ ଗ୍ରାମର କାର୍ଯ୍ୟ ପ୍ରକଳ୍ପର ଏକ ତାଲିକା ପ୍ରଶାସନିକ ଓ ବୈଷୟିକ ଅନୁମୋଦନ ସହ ରହିବ । ବିକାଶ ଯୋଜନାରେ ଶ୍ରମ ରହିଦା, ଚିହ୍ନଟ କାର୍ଯ୍ୟ ଏବଂ ପ୍ରତ୍ୟେକ କାର୍ଯ୍ୟ ଓ ମଜୁରୀ ନିମନ୍ତେ ମୂଲ୍ୟର ଏକ ଆକଳନ ସନ୍ନିବେଶିତ ରହିବ ।

ପ୍ରଶ୍ନ ୩ : ଯୋଜନା ପ୍ରକ୍ରିୟାରେ ଗ୍ରାମସଭା ଓ ଗ୍ରାମପଞ୍ଚାୟତରେ ଭୂମିକା କ'ଣ ?

ଉତ୍ତର : ଗ୍ରାମସଭା ପ୍ରସ୍ତାବିତ କାର୍ଯ୍ୟର ୮ଟି ବର୍ଗ ମଧ୍ୟରୁ ଚିହ୍ନଟ, ଅଗ୍ରାଧିକାର ଓ ସୁପାରିଶ କରିବେ । ଗ୍ରାମପଞ୍ଚାୟତ ଗ୍ରାମସଭା ଦ୍ୱାରା କରାଯାଇଥିବା ସୁପାରିଶକୁ ଏକାଠି କରି କାର୍ଯ୍ୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବା ଆବଶ୍ୟକ (ଧାରା ୧ (୧))

ପ୍ରଶ୍ନ ୪ : ଜିଲ୍ଲା କାର୍ଯ୍ୟ ସଂଯୋଜକ ଜିଲ୍ଲା ଶ୍ରମ ବଜେଟ୍ ଓ ବିକାଶ ଯୋଜନାକୁ କେଉଁ ସମୟରେ ରାଜ୍ୟ ସରକାରଙ୍କୁ ପଠାଇବା ଉଚିତ୍ ?

ଉତ୍ତର : ଜିଲ୍ଲା କାର୍ଯ୍ୟ ସଂଯୋଜକ ପ୍ରତ୍ୟେକ ବର୍ଷ ଡ଼ିସେମ୍ବର ମାସ ୩୧ ତାରିଖ ସୁଦ୍ଧା ପରବର୍ତ୍ତୀ ଆର୍ଥିକ ବର୍ଷର ଶ୍ରମ ବଜେଟ ଓ ବିକାଶ ଯୋଜନାକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ । (ଅନୁଚ୍ଛେଦ ୪.୪.୯, ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ନିର୍ଦ୍ଦେଶନାମା-୨୦୦୮)

କ୍ର.ନଂ	କାର୍ଯ୍ୟ	ଧାର୍ଯ୍ୟ ତାରିଖ
୧	ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ ତାଲିକା ପ୍ରସ୍ତୁତ ନିମନ୍ତେ ଗ୍ରାମସଭା ଡକାଇବା ।	ଅକ୍ଟୋବର ୨ ତାରିଖ
୨	ସମସ୍ତ ଗ୍ରାମପଞ୍ଚାୟତର ବିକାଶ ଯୋଜନା ଏବଂ ସଭା ବିବରଣୀ ନକଲ ସଂଗ୍ରହ କରିବା ଓ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ ସୁପାରିଶ କରିବା	ଅକ୍ଟୋବର ୩ୟ ସପ୍ତାହ ମଧ୍ୟରେ
୩	ମଧ୍ୟବର୍ତ୍ତୀ ଗ୍ରାମପଞ୍ଚାୟତକୁ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପୈଠ କରିବା	ନଭେମ୍ବର ୩ୟ ସପ୍ତାହ
୪	ମଧ୍ୟବର୍ତ୍ତୀ ପଞ୍ଚାୟତଦ୍ୱାରା ବ୍ଲକ୍ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଯୋଜନା ଅନୁମୋଦନ	ପାଇବାର ୧୫ ଦିନ ମଧ୍ୟରେ
୫	ବ୍ଲକ୍‌ୱାରୀ ପ୍ରକଳ୍ପ ତାଲିକା ଏବଂ ଶ୍ରମ ବଜେଟ ଜିଲ୍ଲା ପଞ୍ଚାୟତରେ ପୈଠ କରିବା	ଡ଼ିସେମ୍ବର ୩ୟ ସପ୍ତାହ
୬	ଜିଲ୍ଲା ପଞ୍ଚାୟତରେ ଅନୁମୋଦନ	ଡ଼ିସେମ୍ବର ୩୧ ତାରଖ

ପ୍ରଶ୍ନ ୫ : **ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଅଧିନରେ କି କି ପ୍ରକାର କାର୍ଯ୍ୟ କରାଯାଇପାରିବ ?**

ଉତ୍ତର : ଦୀର୍ଘସ୍ଥାୟୀ ସମ୍ପତ୍ତି ସୃଷ୍ଟି ଏବଂ ଗ୍ରାମୀଣ ଗରିବମାନଙ୍କର ଜୀବିକା ସମ୍ବଳକୁ ସୁଦୃଢ କରିବା ଯୋଜନାର ମୌଳିକ ଉଦ୍ଦେଶ୍ୟ । ଏଥିରେ ଯେଉଁ ଆଠଟି କାର୍ଯ୍ୟ ସମ୍ପାଦନ କରିବାକୁ ଅଗ୍ରାଧିକାର ଭିତ୍ତିରେ ଅନୁମତି ଦିଆଯାଇଛି, ସେଗୁଡ଼ିକ ନିମ୍ନରେ ଦିଆଗଲା ।

- ଜଳ ସଂରକ୍ଷଣ ଓ ଜଳ ଅମଳ
- ମରୁଡ଼ି ନିରାକରଣ, ବନୀକରଣ ଏବଂ ବୃକ୍ଷରୋପଣ
- ଜଳସେଚନ କେନାଲ, କ୍ଷୁଦ୍ର ଓ ଅତି କ୍ଷୁଦ୍ର ଜଳସେଚନ କାର୍ଯ୍ୟକ୍ରମ
- ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିବିଶେଷ ଯେଉଁମାନଙ୍କର ଜମି ଅଛି ସେମାନଙ୍କୁ ଜଳସେଚନ ନିମନ୍ତେ ସୁବିଧା, ଉଦ୍ୟାନ କୃଷି ଓ ଜମିର ଉନ୍ନତିକରଣ ନିମନ୍ତେ ବ୍ୟବସ୍ଥା କରିବା । ଏହା ଛଡ଼ା ଭୂସଂସ୍କାରର ହିତାଧିକାରୀ କିମ୍ବା କେନ୍ଦ୍ର ସରକାରଙ୍କର ଇନ୍ଦିରା ଆବାସ ଯୋଜନାର ହିତାଧିକାରୀ, କୃଷିଋଣ ଛାଡ ଏବଂ ଋଣ ରିହାତି ଯୋଜନା ୨୦୦୮ ଅନ୍ତର୍ଭୁକ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମଧ୍ୟ ଏହି ସୁବିଧା ପାଇବେ । (ଭାରତୀୟ ଗେଜେଟ ବିଶେଷ ବିଜ୍ଞପ୍ତି ତା ୨୪ ଜୁଲାଇ ୨୦୦୯, ଏସ୍.ଓ ୧୮୨୪ (ଇ))

- ପାରମ୍ପରିକ ଜଳାଶୟର ପୁନରୁଦ୍ଧାର ଏବଂ ପଙ୍କୋଦ୍ଧାର
- ଜମିର ଉନ୍ନତିକରଣ
- ବନ୍ୟା ନିୟନ୍ତ୍ରଣ ଓ ସୁରକ୍ଷା ଏବଂ ପାଣି ଜମୁଥିବା ସ୍ଥାନରେ ପାଣି ନିଷ୍କାସନ ନିମନ୍ତେ ନଳାର ବ୍ୟବସ୍ଥା ।
- ଗାଆଁମାନଙ୍କରେ ସବୁ ଦିନିଆ ରାସ୍ତା ନିର୍ମାଣ, ଯେଉଁଠାରେ ଆବଶ୍ୟକ ଗାଆଁ ମଧ୍ୟରେ ରାସ୍ତା କାମ ସହ କଲଭର୍ଟ ତିଆରି କରିବା ।
- ଗ୍ରାମର ଜ୍ଞାନ ସମ୍ବଳ କେନ୍ଦ୍ର ଭାବରେ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ ଏବଂ ଗ୍ରାମପଞ୍ଚାୟତ ଭବନ ନିର୍ମାଣ ।
- ରାଜ୍ୟ ସରକାରଙ୍କ ସହ ପରାମର୍ଶ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଥିବା ଅନ୍ୟ ଯେ କୌଣସି କାର୍ଯ୍ୟ ।

ପ୍ରଶ୍ନ ୬ : କାର୍ଯ୍ୟର ଚୟନ ସମୟରେ ମଜୁରୀ ଏବଂ ସାମଗ୍ରୀର ଅନୁପାତ କଣ ହେବା ଆବଶ୍ୟକ ?

ଉତ୍ତର : ଏହି ଯୋଜନାରେ ଅଣକୁଶଳୀ ଏବଂ ଅର୍ଦ୍ଧକୁଶଳୀ ଶ୍ରମିକଙ୍କର ମଜୁରୀ ଏବଂ ବ୍ୟବହୃତ ସାମଗ୍ରୀ ମୂଲ୍ୟ ମିଶି ୬୦ ପ୍ରତିଶତରୁ ଅଧିକ ହେବ ନାହିଁ (ଅନୁସୂଚୀ ୧ ପରିଚ୍ଛେଦ ୯)

ପ୍ରଶ୍ନ ୭ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ଋଷୀମାନଙ୍କର ବ୍ୟକ୍ତିଗତ ଜମି ଉନ୍ନତି କରାଯାଇପାରିବ କି ?

ଉତ୍ତର : ହଁ, କିନ୍ତୁ ଏହି ଜମି ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି କିମ୍ବା ଦାରିଦ୍ର୍ୟ ସୀମାରେଖା ତଳେଥିବା ପରିବାର କିମ୍ବା ଭୂସଂସ୍କାରର ହିତାଧିକାରୀ କିମ୍ବା ଭାରତସରକାରଙ୍କର ଇନ୍ଦିରା ଆବାସ ଯୋଜନାର ହିତାଧିକାରୀ କିମ୍ବା କୃଷି ଋଣ ଛାଡ ଏବଂ ଋଣ ରିହାତି ଯୋଜନା ୨୦୦୮ରେ ଅର୍ନ୍ତଭୁକ୍ତ କ୍ଷୁଦ୍ର ଅଥବା ନାମମାତ୍ର ଋଷୀ ହୋଇଥିବା ଆବଶ୍ୟକ । ଏହା ବ୍ୟତୀତ ସେହି ଜମିର ମାଲିକଙ୍କର କାର୍ଯ୍ୟପତ୍ର (ଜବକାର୍ଡ) ଥିବା ଆବଶ୍ୟକ ଏବଂ ସେ ଏହି ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଆବଶ୍ୟକ । (ଭାରତୀୟ ଗେଜେଟ୍‌ର ବିଶେଷ ବିଜ୍ଞପ୍ତି ୨୪ ଜୁଲାଇ ୨୦୦୯ ଏସ୍.ଓ ୧୮୨୪ (ଡ଼) ଅନୁଯାୟୀ)

ପ୍ରଶ୍ନ ୮ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ଅଧିନରେ କୌଣସି କୃଷକର ବ୍ୟକ୍ତିଗତ ଜମି ଉନ୍ନତିକରଣ ନିମନ୍ତେ କି କି ସର୍ତ୍ତାବଳୀ ରହିଛି ?

ଉତ୍ତର : ଋଷୀଙ୍କର ବ୍ୟକ୍ତିଗତ ଜମି ଯାହାର ଉନ୍ନତିକରଣ ଆବଶ୍ୟକ ତାହା ଏକ ପ୍ରକଳ୍ପ ଭାବେ ବିବେଚିତ ହେବା ଆବଶ୍ୟକ । ଏଥି ନିମନ୍ତେ ନିମ୍ନୋକ୍ତ ସର୍ତ୍ତାବଳୀ ଲାଗୁ ହେବ । (ଭାରତ ଗେଜେଟ୍ ବିଶେଷ ବିଜ୍ଞପ୍ତି ୧୮ ଜୁଲାଇ ୨୦୦୮ ଏସ୍.ଓ ୧୪୮୯ (ଡ଼) ଅନୁଯାୟୀ)

- ବ୍ୟକ୍ତିଗତ ଜମିର ମାଲିକଙ୍କର କାର୍ଯ୍ୟପତ୍ର (ଜବକାର୍ଡ) ଥିବ ଏବଂ ସେ ସେହି ପ୍ରକଳ୍ପରେ କାର୍ଯ୍ୟ କରିବେ ।
- ପ୍ରତ୍ୟେକ ପ୍ରକଳ୍ପ ନିମନ୍ତେ ମଜୁରୀ: ନିର୍ମାଣ ସାମଗ୍ରୀ ମୂଲ୍ୟ ଫରକ ହୋଇପାରେ, କିନ୍ତୁ ଗ୍ରାମପଞ୍ଚାୟତ ସ୍ତରରେ ଏହା ଯଥାକ୍ରମେ ୬୦:୪୦ ଅନୁପାତରେ ବଜାୟ ରହିବ ।
- ସମସ୍ତ ଜମି ଉନ୍ନତିକରଣ ପ୍ରକଳ୍ପ ଗ୍ରାମସଭା ଦ୍ୱାରା ଅନୁମୋଦନ ଲାଭ କରିଥିବ ।
- ବାର୍ଷିକ ପ୍ରକଳ୍ପ ତାଲିକାରେ ଏହି ଜମି ଉନ୍ନୟନ ପ୍ରକଳ୍ପ ତାଲିକାଭୁକ୍ତ ହୋଇଥିବା ଆବଶ୍ୟକ ।
- କାର୍ଯ୍ୟ ସମ୍ପାଦନ ନିମନ୍ତେ କୌଣସି ଠିକାଦାରଙ୍କୁ ସାମିଲ କରାଯିବ ନାହିଁ ।
- କାର୍ଯ୍ୟ ସମ୍ପାଦନ ନିମନ୍ତେ ଶ୍ରମିକଙ୍କ ବଦଳରେ କୌଣସି ଯନ୍ତ୍ର ବ୍ୟବହୃତ ହେବ ନାହିଁ ।
- କୌଣସି ଯନ୍ତ୍ର କିଣାଯିବ ନାହିଁ ।

ପ୍ରଶ୍ନ ୯ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ଅଧିନରେ ଜଳସେଚନ ଉତ୍ସ ସୃଷ୍ଟି କରିବା ନିମନ୍ତେ ଋଷୀର ବ୍ୟକ୍ତିଗତ ଜମିରେ କୂଅ ଖୋଳାଯାଇପାରିବ କି ?

ଉତ୍ତର : ହଁ, ଋଷୀର ବ୍ୟକ୍ତିଗତ ଜମିରେ ଜଳସେଚନ ନିମନ୍ତେ କୂଅ ଖୋଳାଯାଇପାରିବ । ଏଥିନିମନ୍ତେ ହରିଜନ, ଆଦିବାସୀ ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଋଷୀମାନଙ୍କୁ ଅଗ୍ରାଧିକାର ଦିଆଯିବା ଉଚିତ୍ । ଏହି ଋଷୀମାନଙ୍କର ଜମିରେ କୂଅ ଖୋଳା ଯିବା ପରେ କ୍ଷୁଦ୍ର ଏବଂ ନାମମାତ୍ର ଋଷୀଙ୍କ ଜମିରେ କୂଅ ଖୋଳାଯାଇପାରେ ।

ପ୍ରଶ୍ନ ୧୦ : ଗୋଷ୍ଠୀଗତ ଜମିରେ ଜମି ଉନ୍ନତିକରଣର ଏକ ଅଂଶ ଭାବେ କୂଅ ଖୋଳାଯାଇପାରିବ କି ?

ଉତ୍ତର : ହଁ, ଗୋଷ୍ଠୀ ଜମି ଉନ୍ନତିକରଣର ଏକ ଅଂଶ ଭାବେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଅଧିନରେ କୂଅ ଖୋଳାଯାଇପାରିବ । (ସୂଚୀ-୧ ପରିଚ୍ଛେଦ-୧)

ପ୍ରଶ୍ନ ୧୧ : ଜମି ଉନ୍ନତିକରଣ କାର୍ଯ୍ୟରେ ମଜୁରୀ ଓ ସାମଗ୍ରୀର ଅନୁପାତ କେତେ ହେବା ଆବଶ୍ୟକ ?

ଉତ୍ତର : ପ୍ରତ୍ୟେକ ପ୍ରକଳ୍ପରେ ମଜୁରୀ ଓ ସାମଗ୍ରୀର ଅନୁପାତ ଭିନ୍ନ ଅଟେ । କିନ୍ତୁ ଜମି ଉନ୍ନତିକରଣ ପ୍ରକଳ୍ପରେ ଗ୍ରାମପଞ୍ଚାୟତ ସ୍ତରରେ ମଜୁରୀ ଓ ସାମଗ୍ରୀର ଅନୁପାତ ୬୦:୪୦ ଭାବେ ବଜାୟ ରଖିବା ଆବଶ୍ୟକ । (ଭାରତୀୟ ଗେଜେଟ ବିଶେଷ ବିଜ୍ଞପ୍ତି ୧୮ ଜୁନ୍ ୨୦୦୯)

ପ୍ରଶ୍ନ ୧୨ : ସହାରାଞ୍ଚଳରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ କାର୍ଯ୍ୟ କରାଯାଇପାରିବ କି ?

ଉତ୍ତର : ନା, ଆଇନ ଅନୁସାରେ ଏହି ଯୋଜନାରେ କାର୍ଯ୍ୟ ଗ୍ରାମାଞ୍ଚଳରେ ହେବ । (ସୂଚୀ-୧, ପରିଚ୍ଛେଦ-୩)

ପ୍ରଶ୍ନ ୧୩ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ଅଧିନରେ ନୂତନ କାର୍ଯ୍ୟ ଚିହ୍ନଟ ଓ ଅନୁମୋଦନ କିଏ କରନ୍ତି ?

ଉତ୍ତର : ରାଜ୍ୟ ନିଶ୍ଚିତ ନିଯୁକ୍ତି ପରିଷଦ ସହ ଆଲୋଚନା କରି ରାଜ୍ୟ ସରକାର ନୂତନ କାମ ଚିହ୍ନଟ କରନ୍ତି ଏବଂ ଏହାକୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟକୁ ଅନୁମୋଦନ ନିମନ୍ତେ ପଠାନ୍ତି । ପ୍ରସ୍ତାବିତ କାର୍ଯ୍ୟର ଯାଞ୍ଚ ପରେ ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ କେନ୍ଦ୍ର ନିଶ୍ଚିତ ନିଯୁକ୍ତି ପରିଷଦ ସହ ପରାମର୍ଶ କରି ଏହାକୁ ଅନୁମୋଦନ କରିଥାନ୍ତି ।

୪. ପରିବାର ପଞ୍ଜିକରଣ

ପ୍ରଶ୍ନ ୧ : ପରିବାରର ସଂଜ୍ଞା କ'ଣ ?

ଉତ୍ତର : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର ଧାରା-୧ (୨ ଚ) ଅନୁଯାୟୀ କୌଣସି ପରିବାରର ପ୍ରତ୍ୟକ ସଦସ୍ୟ ବିବାହ କିମ୍ବା ପୋଷ୍ୟପୁତ୍ର ମାଧ୍ୟମରେ ସମ୍ପର୍କ ସ୍ଥାପନ କରିଥିଲେ ପରସ୍ପର ସହିତ ରକ୍ତ ସମ୍ପର୍କିତ ହେଲେ ଏବଂ ସାଧାରଣତଃ ଏକତ୍ର ବାସ କରୁଥିଲେ ଏବଂ ଭୋଜନ କରୁଥିଲେ, କିମ୍ବା ଗୋଟିଏ ରେସନକାର୍ଡ ଥିଲେ ସେମାନଙ୍କୁ ଗୋଟିଏ ପରିବାର ବୋଲି ଧରାଯିବ । କାର୍ଯ୍ୟକାରୀ ନିର୍ଦ୍ଦେଶନାମାରେ ଏହା ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ ଅଛି ଯେ ବାପା, ମା ଏବଂ ସେମାନଙ୍କର ପିଲାମାନଙ୍କୁ ନେଇ ଗଠିତ ଏକକ ପରିବାରକୁ ଏକ ଅଲଗା ପରିବାର ଭାବେ ଗଣାଯିବ । (ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ କାର୍ଯ୍ୟକାରୀ ନିର୍ଦ୍ଦେଶନାମା ୨୦୦୮, ପୃଷ୍ଠା-୨୦)

ପ୍ରଶ୍ନ ୨ : କାର୍ଯ୍ୟପତ୍ର(ଜବକାର୍ଡ) କହିଲେ କ'ଣ ?

ଉତ୍ତର :

- କାର୍ଯ୍ୟପତ୍ର ମୌଳିକ ଆଇନ ସିଦ୍ଧ ଏକ ନଥି ଯାହା ପଞ୍ଜିକୃତ ପରିବାରକୁ ନିଶ୍ଚିତ କର୍ମ ନିଯୁକ୍ତି ନିମନ୍ତେ ଦାବୀ କରିବା ପାଇଁ କ୍ଷମତା ପ୍ରଦାନ କରିଥାଏ ।
- ଏଥିରେ ପରିବାରର ତଥ୍ୟ (ପରିବାର ପଞ୍ଜିକରଣ ସଂଖ୍ୟା, ବୟସ୍କ ସଦସ୍ୟମାନେ ଯେଉଁମାନେ କାର୍ଯ୍ୟ କରିବାକୁ ଇଚ୍ଛୁକ ସେମାନଙ୍କର ବୟସ ଓ ଲିଙ୍ଗ) ଆଦି ଦର୍ଶାଯାଇଥାଏ ।
- ଦରଖାସ୍ତ କରିବାର ୧୫ ଦିନ ମଧ୍ୟରେ କାର୍ଯ୍ୟପତ୍ର ପ୍ରଦାନ କରାଯାଏ । (ମହାତ୍ମାଗାନ୍ଧୀ ଏନ୍‌ଆରଇଜିଏ କାର୍ଯ୍ୟକାରୀ ନିର୍ଦ୍ଦେଶାନାମା ୨୦୦୮)
- ଏହି କାର୍ଯ୍ୟପତ୍ର ପାଞ୍ଚବର୍ଷ ନିମନ୍ତେ ବୈଧ ଅଟେ । (ସୂଚୀ-୨, ପରିଚ୍ଛେଦ-୩)
- ପରିବାରର କାର୍ଯ୍ୟପତ୍ରରେ ପଞ୍ଜିକୃତ ହୋଇଥିବା ସମସ୍ତ ବୟସ୍କ ସଦସ୍ୟମାନଙ୍କର ନାମ ଓ ଫଟୋ ରହିବ । ଦରଖାସ୍ତକାରୀଙ୍କ ନିମନ୍ତେ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟପତ୍ର ଏବଂ ଫଟୋ ମାଗଣାରେ ଯୋଗାଇ ଦେବେ । (ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ କାର୍ଯ୍ୟକାରୀ ନିର୍ଦ୍ଦେଶନାମା ୨୦୦୮)

ଓଡ଼ିଶା ସରକାର

ପଞ୍ଚାୟତିରାଜ ବିଭାଗ

ଫର୍ମ ନଂ ଝ-୨

ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଓଡ଼ିଶା)

(ଏନ୍.ଆର୍.ଇ.ଜି.ଏସ୍.)

କାର୍ଯ୍ୟ ପତ୍ର

(JOB CARD)

(୫ ବର୍ଷ ପାଇଁ ବଳବତ୍ତର : ୨୦୦୮-୦୯ ଠାରୁ ୨୦୧୨-୧୩)

ଠିକଣା :

- ଯଦି ପରିବାରର କୌଣସି ବୟସ୍କ ସଦସ୍ୟଙ୍କର ନାମ କାର୍ଯ୍ୟପତ୍ରରେ ଯୋଡ଼ିବାକୁ କିମ୍ବା କାଟିବାକୁ ହୁଏ, ତେବେ କାର୍ଯ୍ୟପତ୍ରକୁ ନବିକରଣ କରାଯାଇପାରିବ । (ସୂଚୀ-୨, ପରିଚ୍ଛେଦ-୩)
- କାର୍ଯ୍ୟପତ୍ରରେ ପରିବାରର ସମସ୍ତ ସଦସ୍ୟଙ୍କର ନିଯୁକ୍ତି ଆବେଦନ, ଦିଆଯାଇଥିବା ନିଯୁକ୍ତି, ମଜୁରୀ, ବେକାରୀ ଭତ୍ତାର ସମ୍ପୂର୍ଣ୍ଣ ବିବରଣୀ ଉଲ୍ଲେଖ ରହିବ । (ମହାତ୍ମାଗାନ୍ଧୀ ଏନ୍.ଆର୍.ଇ.ଜି.ଏ କାର୍ଯ୍ୟକାରୀ ନିର୍ଦ୍ଦେଶନାମା ୨୦୦୮)

ପ୍ରଶ୍ନ ୩ : କାର୍ଯ୍ୟପତ୍ର ପଞ୍ଜିକରଣ କିଭଳି ହୁଏ ?

ଉତ୍ତର : ମହାତ୍ମାଗାନ୍ଧୀ ଏନ୍.ଆର୍.ଇ.ଜି.ଏର ଅନୁସୂଚୀ ୨ ପରିଚ୍ଛେଦ ୧ ଏବଂ ୩ରେ ମହାତ୍ମାଗାନ୍ଧୀ ଏନ୍.ଆଇ.ଜି.ଏସ୍‌ରେ ପଞ୍ଜିକରଣ ପ୍ରକ୍ରିୟା ବିଷୟରେ ସୂଚନା ଦିଆଯାଇଛି ।

- ମହାତ୍ମାଗାନ୍ଧୀ ଏନ୍.ଆର୍.ଇ.ଜି.ଏ ଅଧିନରେ ସୁବିଧା ପାଇବାକୁ ଇଚ୍ଛୁକ ଥିବା ପରିବାର ପଞ୍ଜିକରଣ ନିମନ୍ତେ ଗ୍ରାମପଞ୍ଚାୟତରେ ଦରଖାସ୍ତ ଦେବେ ।
- ଦରଖାସ୍ତ ଲିଖିତ କିମ୍ବା ମୌଖିକ ଭାବରେ ଦିଆଯାଇପାରେ । ଏଥିରେ ପରିବାରର ବୟସ୍କ ବ୍ୟକ୍ତି ଯେଉଁମାନେ କାର୍ଯ୍ୟ କରିବାକୁ ଇଚ୍ଛୁକ ସେମାନଙ୍କର ନାମ ଓ ବୟସ ସୂଚୀତ ହେବ ଏବଂ ପରିବାରର ଠିକଣା ରହିବ ।
- ପଞ୍ଜିକରଣ ଫର୍ମ ଓ ପଞ୍ଜିକରଣ ପ୍ରକ୍ରିୟା (ପରିବାର ଯାଞ୍ଚ, କାର୍ଯ୍ୟପତ୍ରର ମୂଲ୍ୟ ଆଦି) ନିମନ୍ତେ କୌଣସି ମୂଲ୍ୟ ପଡ଼ିବ ନାହିଁ ।
- ପଞ୍ଜିକରଣର ୧୫ ଦିନ ମଧ୍ୟରେ ଦରଖାସ୍ତକାରୀ ପରିବାରର ସମସ୍ତ ଯାଞ୍ଚ ପରେ ପରିବାରକୁ ଗୋଟିଏ କାର୍ଯ୍ୟପତ୍ର ମିଳିବ । କାର୍ଯ୍ୟପତ୍ରରେ ପଞ୍ଜିକୃତ ବୟସ୍କ ସଦସ୍ୟମାନଙ୍କର ଫଟୋ ଥାଇ ଗ୍ରାମପଞ୍ଚାୟତ ଦ୍ୱାରା ବିନା ମୂଲ୍ୟରେ ଯୋଗାଇ ଦିଆଯାଇଯବ ।
- ପାଞ୍ଚବର୍ଷ ମଧ୍ୟରେ ଥରେ ପଞ୍ଜିକରଣ ଆବଶ୍ୟକ ।
- କାର୍ଯ୍ୟପତ୍ରର ବିବରଣୀ ସମୟାନୁସାରେ ନବୀକରଣ ହେବ ।

ପ୍ରଶ୍ନ ୪ : ପଞ୍ଜିକରଣ ପ୍ରକ୍ରିୟାରେ ଗ୍ରାମପଞ୍ଚାୟତର ଭୂମିକା କଣ ?

ଉତ୍ତର : ଏକ ପଞ୍ଜିକୃତ ପରିବାରକୁ କାର୍ଯ୍ୟପତ୍ର ପ୍ରଦାନ ପୂର୍ବରୁ ଗ୍ରାମପଞ୍ଚାୟତର ଭୂମିକାଗୁଡ଼ିକ ହେଲା (ସୂଚୀ ୧, ପରିଚ୍ଛେଦ-୨)

- ପଞ୍ଜିକରଣକୁ ବୈଧ କରିବା ନିମନ୍ତେ ଗ୍ରାମପଞ୍ଚାୟତ ଦରଖାସ୍ତକାରୀ ସେହି ଗ୍ରାମରେ ରହୁଛି କି ନାହିଁ ଏବଂ ସାବାଳକ କି ନୁହେଁ ଯାଞ୍ଚ କରିଥାଏ ।
- ଯାଞ୍ଚ ପରେ ଗ୍ରାମପଞ୍ଚାୟତ ପରିବାରର ସାବାଳକ ସଦସ୍ୟମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ଓ ଫଟୋ ଥାଇ ଏକ କାର୍ଯ୍ୟପତ୍ର ପ୍ରଦାନ କରିବେ ।
- କାର୍ଯ୍ୟପତ୍ର ରେଜିଷ୍ଟରରେ ସମସ୍ତ ବିବରଣୀ ଗ୍ରାମପଞ୍ଚାୟତ ଲିପିବଦ୍ଧ କରିବେ ।
- ଆବଶ୍ୟକସ୍ଥଳେ କାର୍ଯ୍ୟପତ୍ରକୁ ନବୀକରଣ କରିବେ ।
- ପ୍ରତି ତିନିମାସରେ ଥରେ ପଂଜିକରଣ ତାଲିକାକୁ ନବିକରଣ କରାଯିବ ।

ପ୍ରଶ୍ନ ୫ : କାର୍ଯ୍ୟପତ୍ରରେ କାହାର ନାଆଁ ରହିବ ?

ଉତ୍ତର : କାର୍ଯ୍ୟପତ୍ରରେ କେବଳ ପରିବାରର ଯେଉଁ ସାବାଳକ ସଦସ୍ୟ ଅଣକୁଶଳୀ ଶାରୀରିକ ଶ୍ରମ ନିମନ୍ତେ ଆବେଦନ କରିଥିବେ, ଯାହା ବାର୍ଷିକ ପରିବାରକୁ ୧୦୦ ଦିନ କାର୍ଯ୍ୟ ଯୋଗାଇବ, ସେମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ଉଲ୍ଲେଖ ରହିବ । (ସୂଚୀ ୧, ପରିଚ୍ଛେଦ ୫.୧)

ପ୍ରଶ୍ନ ୬ : କାର୍ଯ୍ୟପତ୍ରରେ କେଉଁମାନଙ୍କର ଫଟୋ ଲାଗିବ ?

ଉତ୍ତର : କାର୍ଯ୍ୟପତ୍ର ପ୍ରଦାନ କରାଯାଇ ଥିବା ପରିବାରର ପଞ୍ଜିକୃତ ସାବାଳକ ସଦସ୍ୟମାନଙ୍କର ଫଟୋ କାର୍ଯ୍ୟପତ୍ରରେ ଲାଗିବ । ପଞ୍ଜିକୃତ ହୋଇନଥିବା କୌଣସି ସଦସ୍ୟଙ୍କର ଫଟୋ, ନାମ କିମ୍ବା ବିବରଣୀ କାର୍ଯ୍ୟପତ୍ରରେ ରହିବ ନାହିଁ ।



ପ୍ରଶ୍ନ ୭ : କାର୍ଯ୍ୟପତ୍ରରେ କେଉଁ ଆବଶ୍ୟକୀୟ ସୂଚନା ରହିବ ?

ଉତ୍ତର : କାର୍ଯ୍ୟପତ୍ରର ନିମ୍ନୋକ୍ତ ଆବଶ୍ୟକୀୟ ସୂଚନା ରହିବ (ଭାରତୀୟ ଗେଜେଟ୍ ବିଶେଷ ବିଜ୍ଞପ୍ତି ଏପ୍ରିଲ ୨ ତାରିଖ ୨୦୦୮ ମସିହା, ଏସ୍. ଓ ୮୦୨ (ଡ଼)



- କାର୍ଯ୍ୟପତ୍ର ନମ୍ବର (ରାଜ୍ୟ, ଜିଲ୍ଲା, ବ୍ଲକ୍, ଗ୍ରାମପଞ୍ଚାୟତ, ଗ୍ରାମ ଓ ପରିବାର କୋର୍ଡ) (ସ୍ୱତନ୍ତ୍ର ପରିଚୟ ସଂଖ୍ୟା)
- ପରିବାରର ପଞ୍ଜିକୃତ ସାବାଳକ ସଦସ୍ୟମାନଙ୍କର ଫଟୋ ରହିବ
- ପୋଷ୍ଟାଲ ଆକାଉଣ୍ଟ/ବ୍ୟାଙ୍କ ଆକାଉଣ୍ଟ ନମ୍ବର
- ଯଦି ବୀମା ପଲିସି ନମ୍ବର କିଛି ଥାଏ
- ଭୋଟର ଫଟୋ ପରିଚୟପତ୍ର ନମ୍ବର
- ଦରଖାସ୍ତକାରୀଙ୍କ ଦସ୍ତଖତ/ଟିପଚିହ୍ନ
- ପଞ୍ଜିକୃତ ଅଧିକାରୀଙ୍କ ମୋହର ଓ ଦସ୍ତଖତ
- ରାଜ୍ୟ ସରକାରଙ୍କ ଅଧିକାରୀ (ଉଦାହରଣ ବିଡ଼ିଓ)ଙ୍କ ଦସ୍ତଖତ

- ପରିବାର ସଦସ୍ୟଙ୍କାରୀ କାର୍ଯ୍ୟଦାବୀ ଏବଂ କାର୍ଯ୍ୟ ପ୍ରଦାନ
- କରିଥିବା କାର୍ଯ୍ୟର ବିବରଣୀ
- କାର୍ଯ୍ୟ କରିଥିବା ତାରିଖ ଓ କାର୍ଯ୍ୟଦିବସ
- ଯେଉଁ ଶ୍ରମ ତାଲିକା ନମ୍ବରରେ ମଜୁରି ପ୍ରଦାନ କରାଯାଇଛି ତାର ବିବରଣୀ
- ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ କେତେ ମଜୁରୀ ପ୍ରଦାନ କରାଯାଇଛି ତାର ବିବରଣୀ
- ବେକାରୀ ଭତ୍ତାର ବିବରଣୀ (ଯଦି ଦିଆଯାଇଥାଏ)

ପ୍ରଶ୍ନ ୮ : ଯଦି କାର୍ଯ୍ୟପତ୍ର ହଜିଯାଏ ତେବେ କେତେ ଦିନରେ ନୂଆ କାର୍ଯ୍ୟପତ୍ର ପ୍ରଦାନ କରାଯିବ ?

ଉତ୍ତର : ଗ୍ରାମ ପଞ୍ଚାୟତ ଦ୍ୱାରା ଦରଖାସ୍ତ କରିବାର ୧୫ ଦିନ ମଧ୍ୟରେ ନୂଆ କାର୍ଯ୍ୟପତ୍ର ପ୍ରଦାନ କରାଯିବ ।

ପ୍ରଶ୍ନ ୯ : କାର୍ଯ୍ୟପତ୍ର କାହା ଦାୟୀତ୍ୱରେ ରହିବ ?

ଉତ୍ତର : କାର୍ଯ୍ୟପତ୍ର ଯେଉଁମାନଙ୍କ ନାମରେ ଅଛି ସେହିମାନଙ୍କ ପାଖରେ ରହିବ । (ଭାରତୀୟ ଗେଜେଟ୍ ବିଶେଷ ବିଜ୍ଞପ୍ତି ଏପ୍ରିଲ ୨ ତାରିଖ ୨୦୦୮ ମସିହା, ଏସ୍. ଓ ୮୦୨ (ଡ))

ପ୍ରଶ୍ନ ୧୦ : ପ୍ରାକୃତିକ ବିପର୍ଯ୍ୟୟ ସମୟରେ କାର୍ଯ୍ୟପତ୍ରଧାରୀମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସାମୟିକ ସମୟ ପାଇଁ ସ୍ଥାନାନ୍ତରିତ ହୋଇଥାନ୍ତି । ଏହି ସମୟରେ ପରିବାରର ବୟସ୍କ ସଦସ୍ୟମାନେ ମହାତ୍ମାଗାନ୍ଧୀ ଏନ୍‌ଆରଇଜିଏସ୍ ଅଧିନରେ କାମ କରିବାର ଅଧିକାରକୁ କିଭଳି ସାବ୍ୟସ୍ତ କରିବେ ?

ଉତ୍ତର : ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ଥାନାନ୍ତରିତ ହୋଇଥିବା ପରିବାରର ସଦସ୍ୟମାନେ ଯେଉଁ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥାନ୍ତି ସେହି ଗ୍ରାମପଞ୍ଚାୟତ କିମ୍ବା କାର୍ଯ୍ୟ ଅଧିକାରୀଙ୍କୁ କାର୍ଯ୍ୟପତ୍ର ଏବଂ ପଞ୍ଜିକରଣ ନିମନ୍ତେ ଜଣାଇପାରିବେ । କାର୍ଯ୍ୟପତ୍ର ପାଇବା ପରେ ସେମାନେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କିମ୍ବା କାର୍ଯ୍ୟ ଅଧିକାରୀଙ୍କୁ ନିଯୁକ୍ତି ନିମନ୍ତେ ଲିଖିତ କିମ୍ବା ମୌଖିକ ଆବେଦନ କରିବେ । (ଭାରତୀୟ ଗେଜେଟ୍ ବିଶେଷ ବିଜ୍ଞପ୍ତି ସେପ୍ଟେମ୍ବର ୧୨ ତାରିଖ ୨୦୦୮ ମସିହା, ଏସ୍.ଓ ୨୧୮୮ (ଡ))

ପ୍ରଶ୍ନ ୧୧ : ପ୍ରାକୃତିକ ବିପର୍ଯ୍ୟୟରେ କାର୍ଯ୍ୟପତ୍ର ହଜିଗଲେ କିମ୍ବା ନଷ୍ଟ ହୋଇଗଲେ, ସମ୍ପୃକ୍ତ ପରିବାର ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଅଧିନରେ କିଭଳି କାମ ପାଇପାରିବେ ?

ଉତ୍ତର : ପ୍ରାକୃତିକ ବିପର୍ଯ୍ୟୟରେ କାର୍ଯ୍ୟପତ୍ର ହଜିଗଲେ କିମ୍ବା ନଷ୍ଟ ହୋଇଗଲେ ପରିବାରଟି ପୁନଃ ପଞ୍ଜିକରଣ ଏବଂ ପୁନଃ କାର୍ଯ୍ୟପତ୍ର ପ୍ରଦାନ ନିମନ୍ତେ ଆବେଦନ କରିପାରିବ ।

ପ୍ରଶ୍ନ ୧୨ : ଥଇଥାନ ହୋଇଥିବା ସ୍ଥାନରେ ପ୍ରଦାନ କରାଯାଇଥିବା କାର୍ଯ୍ୟପତ୍ରର ପୁନଃ ସ୍ୱୀକୃତିର ଆବଶ୍ୟକତା ରହିଛି କି ?

ଉତ୍ତର : ହଁ, ପରିସ୍ଥିତିରେ ପରିବର୍ତ୍ତନ ଘଟିଲେ, ପରିବାରଟି ତାର ମୂଳ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ ପ୍ରଦାନ କରାଯାଇଥିବା କାର୍ଯ୍ୟପତ୍ରକୁ ପୁନଃ ସ୍ୱୀକୃତି ପ୍ରଦାନ କରାଯିବ ଏବଂ ମୂଳ କାର୍ଯ୍ୟପତ୍ର ସହ ଯୋଡ଼ି

ଦିଆଯିବ। (ଭାରତୀୟ ଗେଜେଟ୍ ବିଶେଷ ବିଜ୍ଞପ୍ତି ସେପ୍ଟେମ୍ବର ୧୨ ତାରିଖ ୨୦୦୮ ଏସ୍.ଓ ୨୧୮୮ (ଙ))

ପ୍ରଶ୍ନ ୧୩ : ସଞ୍ଚୟ ବ୍ୟାଙ୍କ ଖାତା ଖୋଲିବା ନିମନ୍ତେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର କାର୍ଯ୍ୟପତ୍ର ଏକ ଦଲିଲଭାବେ ବିବେଚିତ ହେବ କି ?

ଉତ୍ତର : ହଁ, ମହାତ୍ମାଗାନ୍ଧୀ ଏନ୍‌ଆର୍ ଇଜିଏସ୍ ଅଧିନରେ ପ୍ରଦାନ କରାଯାଇଥିବା କାର୍ଯ୍ୟପତ୍ର ସରକାରୀ ସ୍ତରରେ ଏକ ବୈଧ ଦଲିଲଭାବେ ବିଚାର କରାଯିବ। ଏହା ଭାରତ ସରକାରଙ୍କ ଦ୍ୱାରା ଏକ ସରକାରୀ ଦଲିଲଭାବେ ବିବେଚିତ ହେଉଥିବାରୁ ସଞ୍ଚୟ ଖାତା ବ୍ୟାଙ୍କରେ ଖୋଲିବା ନିମନ୍ତେ ବୈଧ ହେବ।

ପ୍ରଶ୍ନ ୧୪ : ସାଧାରଣ ନିର୍ବାଚନର ଆଚରଣ ସଂହିତା ଲାଗୁ ବେଳେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ରେ କରୁଥିବା ସଂସ୍ଥା କାର୍ଯ୍ୟପତ୍ର ଯୋଗାଇ ଦେଇପାରିବ କି ?

ଉତ୍ତର : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ୨୦୦୫ ଅନୁଯାୟୀ ପରିବାର ପଞ୍ଜିକରଣ ଓ ପଞ୍ଜିକୃତ ପରିବାରଙ୍କୁ କାର୍ଯ୍ୟପତ୍ର ପ୍ରଦାନ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ଅଟେ। ଏଣୁ ଏହାକୁ କୌଣସି ଅଧିକାରୀ କୌଣସି ପରିସ୍ଥିତିରେ ବନ୍ଦ କରିପାରିବେ ନାହିଁ। ଏଣୁ ସାଧାରଣ ନିର୍ବାଚନରେ ଆଚରଣ ସଂହିତା ଲାଗୁବେଳେ ମଧ୍ୟ କାର୍ଯ୍ୟପତ୍ର ପ୍ରଦାନ କରାଯାଇପାରିବ। (ଭାରତୀୟ ନିର୍ବାଚନ କମିଶନରଙ୍କ ପରିଚୟ ସଂଖ୍ୟା ୪୩୭/୬/୨୦୦୬ ପିଏଲ୍‌ଏନ୍ ୩ (ଖଣ୍ଡ ୩)/୭୮୫)

୫. କାମ ପାଇଁ ଆବେଦନ

ପ୍ରଶ୍ନ ୧ : ଜବ୍‌କାର୍ଡ ପାଇଥିବା ଜଣେ ହିତାଧିକାରଙ୍କୁ କାମ ମିଳିବା ନିଶ୍ଚିତ କି ?

ଉତ୍ତର : କାମ ମିଳିବା ନେଇ, ହିତାଧିକାରୀଙ୍କୁ ଗ୍ରାମପଞ୍ଚାୟତ କିମ୍ବା କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଆବେଦନ ପତ୍ର ଦେବାକୁ ପଡ଼ିବ । (ଅନୁସୂଚୀ-୨, ପରିଚ୍ଛେଦ-୪)

ପ୍ରଶ୍ନ ୨ : ଆଇନର ନିୟମାବଳୀ ଅନୁଯାୟୀ, କେଉଁ ଧରଣର ବ୍ୟକ୍ତି କାମ ମିଳିବା ନେଇ ଆବେଦନ କରିପାରିବେ ?

ଉତ୍ତର : ନିଶ୍ଚିତ କର୍ମନିଯୁକ୍ତି ଆଇନ ଅନୁଯାୟୀ, 'କାମ ମିଳିବାର ଅଧିକାର' ଏକ ବିଶ୍ୱ-ସମୁଦାୟିକ ପ୍ରତିବଦ୍ଧତା । ସର୍ବନିମ୍ନ ମଜୁରୀରେ ଶାରୀରିକ କାମ କରିବାକୁ ସହମତି ଥିବା ଗ୍ରାମାଞ୍ଚଳର ଯେକୌଣସି ପ୍ରାପ୍ତ-ବୟସ୍କ ସଦସ୍ୟ କର୍ମ-ନିଯୁକ୍ତି ପାଇଁ ଆବେଦନ କରିପାରିବେ । ଏପରିକି, ଯଦି କୌଣସି ବ୍ୟକ୍ତି କୌଣସି କାମରେ ବି ରତ ଥାଆନ୍ତି, ତେବେ ବି ସେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ-ନିଯୁକ୍ତି ଆଇନ ଅନୁଯାୟୀ କାମ ମିଳିବା ନେଇ ଅଧିକାର ଦାବୀ କରିପାରିବେ । ତା'ଛଡ଼ା ଯେ କୌଣସି ବ୍ୟକ୍ତି ଯେ କୌଣସି ସମୟରେ ସମ୍ପୃକ୍ତ ଅଧିକାରୀଙ୍କୁ ଆବେଦନ କଲେ ମଧ୍ୟ ସେ ଯେତେ ଦିନ ରହିଁବ, ସେତେଦିନ ପାଇଁ କାମ ପାଇବାକୁ ହକ୍‌ଦାର ହେବ; କିନ୍ତୁ ଗୋଟିଏ ପରିବାରର ଜଣେ ସଦସ୍ୟ କିମ୍ବା ଏକାଧିକ ସଦସ୍ୟଙ୍କ ପାଇଁ ଦାବୀ କରାଯାଉଥିବା ସମୁଦାୟ କାର୍ଯ୍ୟଦିବସର ସର୍ବୋଚ୍ଚ ସୀମା ୧୦୦ ଦିନରୁ ଅଧିକ ହେବ ନାହିଁ । (ଧାରା-୧)

ପ୍ରଶ୍ନ ୩ : ଜଣେ ବ୍ୟକ୍ତି କିଭଳି କାମ ପାଇଁ ଆବେଦନ କରିପାରିବ ?

ଉତ୍ତର :

- ଜବ୍‌କାର୍ଡରେ ଲିଖିତ ଥିବା ସଦସ୍ୟଙ୍କ ମଧ୍ୟରୁ ପରିବାରର କାମପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ଏକ ଲିଖିତ ଦରଖାସ୍ତ ଜରିଆରେ କିମ୍ବା ମୌଖିକ ଭାବେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ଅଧିକାରୀ କିମ୍ବା ଗ୍ରାମପଞ୍ଚାୟତଙ୍କୁ ଜଣାଇବେ । (ଅନୁସୂଚୀ-୨, ପରିଚ୍ଛେଦ-୬)
- ଦରଖାସ୍ତ କରି ସାରିବା ପରେ, କାମ ରହୁଁଥିବା ବ୍ୟକ୍ତିଙ୍କୁ କାର୍ଯ୍ୟକ୍ରମ-ଅଧିକାରୀ କିମ୍ବା ଗ୍ରାମପଞ୍ଚାୟତ

ଦରଖାସ୍ତ ଗ୍ରହଣ ସ୍ୱୀକାରପ୍ରାପ୍ତିର ଏକ ରସିଦ ଦେବେ ଏବଂ ଦରଖାସ୍ତ ଗ୍ରହଣର ନିର୍ଦ୍ଦିଷ୍ଟ ତାରିଖ ସେଥିରେ ଉଲ୍ଲେଖ ଥିବ । (ଅନୁସୂଚୀ-୨, ପରିଚ୍ଛେଦ-୧୦)

- ନିରବଚ୍ଛିନ୍ନ ଭାବେ ଅନ୍ୟୂନ ୧୪ ଦିନ କାମ କରିବା ନେଇ ଦରଖାସ୍ତରେ ଉଲ୍ଲେଖ ଥିବା ବାଞ୍ଛନୀୟ । (ଅନୁସୂଚୀ-୨, ପରିଚ୍ଛେଦ-୭)
- ଭିନ୍ନ ଭିନ୍ନ ସମୟ ପାଇଁ ସଂଘବଦ୍ଧ ଭାବେ ଦରଖାସ୍ତ, ଅଗ୍ରୀମ ଦରଖାସ୍ତ ଏବଂ ଯୁଗ୍ମ ଆଭିମୁଖ୍ୟର ଦରଖାସ୍ତକୁ ମଧ୍ୟ କାର୍ଯ୍ୟକ୍ରମ ଅଧିକାରୀ କିମ୍ବା ଗ୍ରାମପଞ୍ଚାୟତ ଗ୍ରହଣ କରିବେ । (ଅନୁସୂଚୀ-୨, ପରିଚ୍ଛେଦ ସମୂହ-୧୦, ୧୮ ଓ ୧୯)
- କୌଣସି ବ୍ୟକ୍ତିଙ୍କର ଦରଖାସ୍ତରେ ଉହୁଁଥିବା କାର୍ଯ୍ୟ-ଦିବସର କୌଣସି ନିର୍ଦ୍ଦିଷ୍ଟ-ସୀମା ରହିବ ନାହିଁ, କିନ୍ତୁ ତାହା ସମ୍ପୃକ୍ତ ପରିବାରର ସର୍ବମୋଟ କାର୍ଯ୍ୟଦିବସ ମଧ୍ୟରେ ସୀମିତ ରହିବା ଆବଶ୍ୟକ । (ଅନୁସୂଚୀ-୨, ପରିଚ୍ଛେଦ-୫)

ପ୍ରଶ୍ନ ୪ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅଧିନରେ କାମ ପାଇବା ପାଇଁ ଆବଶ୍ୟକତାଗୁଡ଼ିକ କ'ଣ ?

ଉତ୍ତର : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅଧିନରେ କାମ ପାଇବା ପାଇଁ ନିମ୍ନଲିଖିତ ସର୍ତ୍ତ ପୂରଣ ହେଉଥିବା ବାଞ୍ଛନୀୟ-

- କାମ ପାଇବାକୁ ଉହୁଁଥିବା ବ୍ୟକ୍ତିର ବୟସ ୧୮ ବର୍ଷ ବା ତଦୁର୍ଦ୍ଧ୍ୱ ହେବା ଉଚିତ ।
- କାମ ପାଇବାକୁ ଉହୁଁଥିବା ବ୍ୟକ୍ତି ଭାରତର ଗ୍ରାମାଞ୍ଚଳରେ ରହୁଥିବା ବାଞ୍ଛନୀୟ ।
- କାମ ପାଇବାକୁ ଉହୁଁଥିବା ପରିବାରର ମୁଖ୍ୟଙ୍କ ନାମ ପଞ୍ଜିକୃତ ହୋଇଥିବା ଉଚିତ ଏବଂ ସେ ଜବ୍‌କାର୍ଡ ପାଇଥିବେ ।
- ଜବ୍‌କାର୍ଡରେ କାମ ପାଇବାକୁ ଉହୁଁଥିବା ପରିବାରର ୧୮ ବର୍ଷ ବୟସ ବା ତଦୁର୍ଦ୍ଧ୍ୱ ବ୍ୟକ୍ତିଙ୍କର ନାମ ରହିଥିବା ବାଞ୍ଛନୀୟ ।
- ସେହି ବ୍ୟକ୍ତି (ପୁରୁଷ ବା ମହିଳା) ସର୍ବନିମ୍ନ ମଜୁରୀରେ ଶାରିରୀକ ଶ୍ରମ କରିବାକୁ ସହମତ ଥିବେ ।

ପ୍ରଶ୍ନ ୫ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅଧିନରେ କାମ ପାଇବାକୁ ଉହୁଁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ମହିଳାମାନଙ୍କ ପାଇଁ କିଛି ପ୍ରାଥମିକତା ଅଛି କି ?

ଉତ୍ତର : ହଁ, ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅଧିନରେ କାମ ପାଇବାକୁ ଉହୁଁଥିବା ବ୍ୟକ୍ତିଙ୍କ ମଧ୍ୟରେ ମହିଳାମାନଙ୍କୁ ପ୍ରାଥମିକତା ଦିଆଯିବା ଉଚିତ୍ । ଯୋଜନା ଅଧିନରେ ଯେଉଁ ମହିଳାମାନେ କାମ କରିବାକୁ ଉହୁଁଥିବେ, ସେମାନେ ଅନ୍ତତଃ ପକ୍ଷେ ଆବେଦନପତ୍ରରେ କାମ ପାଇଁ

ଅନୁରୋଧ କରିଥିବେ ଓ ସେମାନଙ୍କର ନାମ ପଞ୍ଜିକରଣ କରିଥିବେ । ଆଇନ ଅନୁଯାୟୀ, ସମୁଦାୟ ଶ୍ରମିକଙ୍କ ମଧ୍ୟରୁ ଅନ୍ୟୂନ ଏକ ତୃତୀୟାଂଶ ଶ୍ରମିକ ବା ହିତାଧିକାରୀ ମହିଳା ରହିବେ ।

ପ୍ରଶ୍ନ ୬ : ଦରଖାସ୍ତକାରୀ କାମ ପାଇଁ ଆବେଦନ କରିଥିବା ଆବେଦନପତ୍ରର ଏକ ପ୍ରାପ୍ତି-ସ୍ୱୀକାର ରସିଦ ପାଇବେ କି ?

ଉତ୍ତର : ହଁ, ଆବେଦନ ପତ୍ର ଗ୍ରହଣର ତାରିଖ ଉଲ୍ଲେଖ କରାଯାଇ ହିତାଧିକାରୀଙ୍କୁ ଏକ ପ୍ରାପ୍ତି ସ୍ୱୀକାର ରସିଦ ଦେବା ହେଉଛି ଗ୍ରାମ ପଞ୍ଚାୟତର ଦାୟିତ୍ୱ । (ଅନୁସୂଚୀ-୨, ପରିଚ୍ଛେଦ-୧୦)

ପ୍ରଶ୍ନ ୭ : ଦଳଗତ ଭାବେ ଲୋକମାନେ ଦରଖାସ୍ତ ଦେଲେ ଗ୍ରାମପଞ୍ଚାୟତ ତାହା ଗ୍ରହଣ କରିବ କି ?

ଉତ୍ତର : ହଁ, କାମ ପାଇବାକୁ ଇଚ୍ଛୁଥିବା ଲୋକେ ବ୍ୟକ୍ତିଗତ ଭାବେ ବା ଦଳଗତ ଭାବେ ଦରଖାସ୍ତ ଦେଲେ ଉଲ୍ଲେଖ କରାଯାଇଥିବା ମତେ ଦଳଗତ ଶ୍ରମିକଙ୍କୁ ବା ବ୍ୟକ୍ତିଗତ ଶ୍ରମିକଙ୍କୁ କାମରେ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯିବ । (ଅନୁସୂଚୀ-୨, ପରିଚ୍ଛେଦ-୧୦)

ପ୍ରଶ୍ନ ୮ : କାମ ପାଇବାକୁ ଇଚ୍ଛୁଥିବା ଜଣେ ଶ୍ରମିକ/ଶ୍ରମିକମାନେ କେତେ ଶ୍ରମ-ଦିବସ କାମ କରିବାକୁ ଦରଖାସ୍ତରେ ଉଲ୍ଲେଖ କରିପାରିବ/କରିପାରିବେ ?

ଉତ୍ତର : ନିରବିଚ୍ଛିନ୍ନ ଭାବେ ଅନ୍ୟୂନ ୧୪ ଶ୍ରମ ଦିବସ କାମ ପାଇବାକୁ ଦରଖାସ୍ତରେ ଉଲ୍ଲେଖ କରିପାରିବେ; କିନ୍ତୁ ଶ୍ରମ-ଦିବସର ଏହି ଧାର୍ଯ୍ୟ-ସୀମା ସପ୍ତାହରେ ୬ ଦିନରୁ ଅଧିକ ହେବ ନାହିଁ । (ଅନୁସୂଚୀ-୨, ପରିଚ୍ଛେଦ-୬)

୬. କାମରେ ନିଯୁକ୍ତି

କାମ ପାଇବାର ପଦ୍ଧତି



ପ୍ରଶ୍ନ ୧ : କେତେବେଳେ ବା କେଉଁ ପରିପ୍ରେକ୍ଷୀରେ ଗ୍ରାମପଞ୍ଚାୟତ କିମ୍ବା ଅନ୍ୟ କୌଣସି ଭାରପ୍ରାପ୍ତ ସଂସ୍ଥା ଏକ ନୂଆ କାମ ଶୁଭାରମ୍ଭ କରିପାରିବେ ?

ଉତ୍ତର :

- କେବଳ ଯେତେବେଳେ ଅତି କମ୍‌ରେ ୧୦ ଜଣ ଶ୍ରମିକ ନିର୍ଦ୍ଦିଷ୍ଟକାମ କରିବା ଉଦ୍ଦେଶ୍ୟରେ ଉପଲବ୍ଧ ହେବେ, ସେତେବେଳେ ହିଁ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅଧିନରେ ଏକ ନୂଆ କାମର ଶୁଭାରମ୍ଭ କରାଯାଇପାରିବ । (୨୦୦୯ ମାର୍ଚ୍ଚ ୬ର ଭାରତ ସରକାରଙ୍କର ବିଶେଷ ବିଜ୍ଞପ୍ତିର ଗେଜେଟ୍, ଏସ୍.ଓ-୩୨୪ (ଡ))

- କାମର ଆରମ୍ଭ ସମୟରେ ଯେଉଁ ଶ୍ରମିକମାନେ କାମ କରୁଥିବେ, ଯଦି ବି କୌଣସି କାରଣରୁ ସେମାନେ ଆଗକୁ କରାଯିବାକୁ ଥିବା ସେହି କାମର ପରିବର୍ଦ୍ଧିତ/ବିସ୍ତାରିତ କାମର ଅଂଶବିଶେଷକୁ କରିବାକୁ ଦିଆଯିବାକୁ ନଥିବ ଏବଂ ସେପରି ସ୍ଥଳେ କାମ ବନ୍ଦ କରାନଯାଇ ଯେକୌଣସି ଶ୍ରମିକ ବା ଦଳଗତ ଶ୍ରମିକଙ୍କ ଦ୍ୱାରା କାମ କରାଇ ନିଆଯିବାକୁ ବ୍ୟବସ୍ଥା ଥିବ, ସେହି ପ୍ରକାର

ପରିସ୍ଥିତିକୁ ଆଖି ଆଗରେ ରଖି ଏକ ନୂଆ କାମର ଆରମ୍ଭ କରାଯିବ । ଉପରୋକ୍ତ ବ୍ୟବସ୍ଥା ନ ହୋଇପାରିବାର ଆଶଙ୍କା ଥିଲେ ସେହି କାମର ଆରମ୍ଭ କରାଯିବ ନାହିଁ ।

- ତେବେ ପାର୍ବତ୍ୟାଞ୍ଚଳରେ କୌଣସି ବନୀକରଣ କାମ ହାତକୁ ନିଆଯାଇ ଆରମ୍ଭ କରାଯାଇଥିଲେ, ରାଜ୍ୟ ସରକାରଙ୍କ ଦ୍ୱାରା ଉପରୋକ୍ତ କଟକଣାକୁ ଉଠାଇ ଦିଆଯିବ । (ଅନୁସୂଚୀ, ପରିଚ୍ଛେଦ-୧୩)

ପ୍ରଶ୍ନ ୨ : ବର୍ଷକରେ ନିଶ୍ଚିତ କର୍ମ-ନିଯୁକ୍ତି ଜନିତ ଶ୍ରମ-ଦିବସର କୌଣସି ଧାର୍ଯ୍ୟ ସୀମା ଅଛି କି ?

ଉତ୍ତର : ଗୋଟିଏ ଆର୍ଥିକ ବର୍ଷରେ ଜଣେ ଗୃହକର୍ତ୍ତା ବା ତାଙ୍କ ପରିବାରର ସାବାଳକ ହିତାଧିକାରୀଙ୍କୁ ୧୦୦ ଦିନ ପର୍ଯ୍ୟନ୍ତ କାମ ଯୋଗାଇ ଦେବାର ନିୟମ ଅଛି । (ଧାରା-୩ (୧))

ପ୍ରଶ୍ନ ୩ : ଜଣେ ବ୍ୟକ୍ତି କେତେ ଦିନ ପାଇଁ କାମ ପାଇ ପାରିବେ ?

ଉତ୍ତର : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ କର୍ମ ନିଯୁକ୍ତି ଆଇନ ଅନୁଯାୟୀ, ଗୋଟିଏ ଆର୍ଥିକ ବର୍ଷରେ ଗୋଟିଏ ପରିବାରକୁ ୧୦୦ ଦିନ ପାଇଁ କାମ ଯୋଗାଇ ଦିଆଯାଇପାରିବ । ପରିବାରର ଏକାଧିକ ସାବାଳକ ବ୍ୟକ୍ତି ନିର୍ଦ୍ଦିଷ୍ଟ କାମ ଖୋଜିଥିବା ବେଳେ ଭିନ୍ନ ଭିନ୍ନ ସମୟରେ କିମ୍ବା ଏକାଠି ସେହି କାମରେ ନିଯୁକ୍ତି ପାଇପାରିବେ । ସାଧାରଣତଃ କର୍ମ-ନିଯୁକ୍ତିର ଓ ନିରବିଚ୍ଛିନ୍ନ ସମୟ-ସୀମା ଅନ୍ୟୂନ ୧୪ ଦିନ ହେବ ଏବଂ ଗୋଟିଏ ସପ୍ତାହରେ ୬ ଦିନରୁ ଅଧିକ ହେବ ନାହିଁ । ତା'ଛଡ଼ା କାମ କରିବାକୁ ଖୋଜୁଥିବା ଆବେଦନକାରୀ କେଉଁ ତାରିଖରୁ କାମ କରିବାକୁ ଖୋଜୁଛନ୍ତି, ତାହା ଉଲ୍ଲେଖ କରି ଅଗ୍ରୀମ ଦରଖାସ୍ତ ମଧ୍ୟ ପଇଠ କରିପାରନ୍ତି ।

ପ୍ରଶ୍ନ ୪ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନରେ ୧୮ ବର୍ଷ ବୟସରୁ କମ୍ ବୟସର କୌଣସି ବ୍ୟକ୍ତିଙ୍କୁ କାମ କରିବାର ଅନୁମତି ଅଛି କି ?

ଉତ୍ତର : ୧୮ ବର୍ଷରୁ କମ୍ ବୟସର କୌଣସି ବ୍ୟକ୍ତିଙ୍କୁ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ପ୍ରକଳ୍ପ ଅଧିନରେ କାର୍ଯ୍ୟ କରିବାର ଅନୁମତି ଦିଆଯିବ ନାହିଁ ।

ପ୍ରଶ୍ନ ୫ : ଗୋଟିଏ ପରିବାରର ସାବାଳକ ସଦସ୍ୟମାନେ ପ୍ରତ୍ୟେକ ବ୍ୟକ୍ତିଗତ ଭାବେ କାମ କରିବା ପାଇଁ ଦରଖାସ୍ତ ଉପସ୍ଥାପନ କରିପାରିବେ କି ?

ଉତ୍ତର : କାମ କରିବାକୁ ଖୋଜୁଥିବା ଲୋକଙ୍କ ସକାଶେ ପରିବାରଭିତ୍ତିକ କର୍ମ-ନିଯୁକ୍ତିର ପଞ୍ଜିକରଣ କରାଯାଇଥାଏ । ତେବେ, ଗୋଟିଏ ଆର୍ଥିକ ବର୍ଷରେ ୧୦୦ ଦିନର ଶ୍ରମ ଦିବସକୁ ବଣ୍ଟନ ଧାରା ଭିତ୍ତିରେ ନିର୍ଦ୍ଦିଷ୍ଟ ପରିବାରର ସଦସ୍ୟମାନେ କରିପାରିବେ ଏବଂ ସେହି ଭିତ୍ତିରେ ପ୍ରତ୍ୟେକ ସଦସ୍ୟ ଦରଖାସ୍ତ ଉପସ୍ଥାପନ କରିପାରିବେ ।

ପ୍ରଶ୍ନ ୬ : କାମ କରିବାକୁ ଖୋଜୁଥିବା ଲୋକେ ସେମାନଙ୍କୁ ଦିଆଯିବାକୁ ଥିବା କାମ ସେମାନଙ୍କ ପସନ୍ଦ ମୁତାବକ କରିପାରିବେ କି ?

ଉତ୍ତର : ନା, ପଞ୍ଚାୟତ ସମିତିର କାର୍ଯ୍ୟକ୍ରମ ଅଧିକାରୀ କିମ୍ବା ଗ୍ରାମପଞ୍ଚାୟତ ଯେ କୌଣସି କାମ ସେମାନଙ୍କ ପାଇଁ ଧାର୍ଯ୍ୟ କରିବେ, ତାହାକୁ ସେମାନଙ୍କୁ ଗ୍ରହଣ କରିବାକୁ ପଡ଼ିବ (ଅନୁସୂଚୀ-୧, ପରିଚ୍ଛେଦ-୧୦) । ତେବେ, ଯେହେତୁ ସେମାନେ କାମର ଯୋଜନା ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି, ସେହେତୁ ଗ୍ରାମସଭା ଓ ତାଦୃଶ ମାଧ୍ୟମ ଜରିଆରେ ସେମାନେ କାମର ପ୍ରକାର ପ୍ରସଂଗରେ ଅତି ବେଶୀରେ ସେମାନଙ୍କର ପରୋକ୍ଷ ମତାମତ ପ୍ରଦାନ କରିପାରିବେ ।

ପ୍ରଶ୍ନ ୭ : ଜଣେ ଶ୍ରମିକକୁ କାମରେ ନିଯୁକ୍ତି ଦିଆଯାଇଛି ବୋଲି ଆବେଦନକାରୀ କିପରି ଜାଣିବ ?

ଉତ୍ତର : କେଉଁ ସ୍ଥାନରେ ଓ କେତେବେଳେ କାମ କରିବାକୁ ଦିଆଯିବ, ସେ ସମ୍ପର୍କରେ ସୂଚନା ଦେଇ କାର୍ଯ୍ୟକ୍ରମ ଅଧିକାରୀ/ଗ୍ରାମପଞ୍ଚାୟତ ଆବେଦନକାରୀଙ୍କୁ ଚିଠି ପଠାଇବେ । ଏହାଛଡ଼ା, ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ କର୍ମ ନିଯୁକ୍ତି ଦିଆଯାଇଥିବା ଶ୍ରମିକମାନଙ୍କର ନାମ, କାମରେ ଯୋଗ ଦେବାର ତାରିଖ ଓ କାମ କରିବାର ସ୍ଥାନ ସମ୍ପର୍କରେ ସର୍ବ ସାଧାରଣଙ୍କ ଗୋଚରାର୍ଥେ ଏକ ତାଲିକା ଉଲ୍ଲେଖ କରାଯିବ । (ଅନୁସୂଚୀ-୨, ପରିଚ୍ଛେଦ-୧୧)

ପ୍ରଶ୍ନ ୮ : କର୍ମନିଯୁକ୍ତି ପତ୍ର ପାଇ ସାରିବା ପରେ ଆବେଦନକାରୀ ହିତାଧିକାରୀଙ୍କୁ କ'ଣ କରିବାକୁ ପଡ଼ିବ ?

ଉତ୍ତର : ଚିଠିରେ ସୂଚିତ ଧାର୍ଯ୍ୟ ତାରିଖରେ କାମ ନିର୍ଦ୍ଧାରଣ କରାଯାଇଥିବା ସ୍ଥାନରେ ଜବ୍‌କାର୍ଡ ସାଙ୍ଗରେ ଧରି ଆବେଦନକାରୀ ହିତାଧିକାରୀ କାମରେ ଯୋଗ ଦେଲେ ବୋଲି ସମ୍ପୃକ୍ତ ଅଧିକାରୀଙ୍କୁ ରିପୋର୍ଟ ଦେବେ ।

ପ୍ରଶ୍ନ ୯ : ଶ୍ରମିକର ବାସସ୍ଥାନଠାରୁ କେତେ ଦୂରତାରେ କାମର ବ୍ୟବସ୍ଥା କରାଯିବ ? ଦୂରତା ଯଦି ୫ କିଲୋମିଟରରୁ ଉର୍ଦ୍ଧ୍ୱ ହୋଇଥାଏ, ତେବେ ଶ୍ରମିକକୁ କୌଣସି ସ୍ୱତନ୍ତ୍ର ଭତ୍ତା ଦିଆଯିବାର ବ୍ୟବସ୍ଥା ଅଛି କି ?

ଉତ୍ତର : ଆବେଦନକାରୀଙ୍କର ବାସସ୍ଥାନ/ବାସଗୃହଠାରୁ ୫ କିଲୋମିଟର ଦୂରତା ମଧ୍ୟରେ କାମର ଯୋଗାଣର ବ୍ୟବସ୍ଥା କରାଯିବ । ଯଦି ୫ କିଲୋମିଟର ଦୂରତାରୁ ଅଧିକ ଦୂରତ୍ୱରେ କାମ ନିଯୁକ୍ତିର ବ୍ୟବସ୍ଥା ହୋଇଥାଏ, ସେ କ୍ଷେତ୍ରରେ ସମ୍ପୃକ୍ତ ଶ୍ରମିକ ତା'ର ଜିନିଷପତ୍ର ଓ ଚଳଣୀ ବାବଦକୁ ମଜୁରୀର ୧୦ ପ୍ରତିଶତ ପରିମାଣର ଅର୍ଥ ଅତିରିକ୍ତ ମଜୁରୀ ଭାବେ ପାଇବାକୁ ହକ୍‌ଦାର ଅଟେ । ତେବେ, ତୁଳନାତ୍ମକ ଭାବେ ଅଧିକ ବୟସର ଲୋକ ଏବଂ ମହିଳାଙ୍କୁ ପ୍ରାଥମିକତା ଭିତ୍ତିରେ ନିଜ ବାସଗୃହର ଯଥା ସମ୍ଭବ ନିକଟତମ ସ୍ଥାନରେ କାମ କରିବାର ସୁଯୋଗ ଦିଆଯିବ । (ଅନୁସୂଚୀ-୨, ପରିଚ୍ଛେଦ-୧୨)

ପ୍ରଶ୍ନ ୧୦ : କର୍ମନିଯୁକ୍ତିର ଚିଠି ପାଇବାର ୧୫ ଦିନ ମଧ୍ୟରେ ସମ୍ପୃକ୍ତ ଶ୍ରମିକ ଯଦି କାମରେ ଯୋଗ ନ ଦିଏ, ତେବେ କ'ଣ ହେବ ?

ଉତ୍ତର : କାର୍ଯ୍ୟକ୍ରମ ଅଧିକାରୀ କିମ୍ବା ଗ୍ରାମପଞ୍ଚାୟତଠାରୁ ବିଜ୍ଞପ୍ତି ପାଇବାର ୧୫ ଦିନ ମଧ୍ୟରେ ଯଦି ଜଣେ ଶ୍ରମିକ କାମରେ ଯୋଗ ନ ଦିଏ, ତେବେ ସେ କୌଣସି ମଜୁରୀ/ଭତ୍ତା ପାଇବାକୁ ହକ୍‌ଦାର ହେବନାହିଁ । (ଧାରା-୭ (୧))

ମହାତ୍ମା ଗାନ୍ଧୀ ଏନ୍.ଆର.ଇ.ଜି.ଏସ୍. କାର୍ଯ୍ୟ

କାର୍ଯ୍ୟ ପାଇଁ ଦରଖାସ୍ତ

କର୍ମ ଯୋଗାଣ ସୂଚନା

କର୍ମ ଯୋଗାଣ

ମଜୁରୀ ପ୍ରଦାନ

ପ୍ରଶ୍ନ ୧୧ : ସେହି ଶ୍ରମିକ ବା ଜବ୍‌କାର୍ଡ ପାଇଥିବା ହିତାଧିକାରୀ କାମ ପାଇବା ପାଇଁ ପୁନର୍ବାର ଆବେଦନ କରିପାରିବ କି ?

ଉତ୍ତର : ହଁ, ଆବେଦନକାରୀଙ୍କୁ ପୁନଃ ଆବେଦନ କରିବାର ସୁଯୋଗ ଦିଆଯିବ । (ଧାରା-୯ (୩))

ପ୍ରଶ୍ନ ୧୨ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନରେ ଅନୁସୂଚୀତ ଜାତି/ଉପଜାତିର ଲୋକଙ୍କ ପାଇଁ କୌଣସି ସଂରକ୍ଷଣର ବ୍ୟବସ୍ଥା ଅଛି କି ?

ଉତ୍ତର : ନା, ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନରେ ଅନୁସୂଚୀତ ଜାତି/ଉପଜାତିର ଲୋକଙ୍କ ପାଇଁ ସଂରକ୍ଷଣର କୌଣସି ବ୍ୟବସ୍ଥା ନାହିଁ। ଅନ୍ୟମାନଙ୍କ ଭଳି ସେମାନେ ଯୋଜନାରେ ଅଂଶୀଦାର ହେବାକୁ ଯୋଗ୍ୟ ଅଟନ୍ତି ଓ ସେମାନଙ୍କର ଦାବୀ ମୁତାବକ ଗୋଟିଏ ଆର୍ଥିକ ବର୍ଷରେ ସେମାନେ ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ପାଇ ପାରିବେ। କାମ ପାଇବାରେ ନିଶ୍ଚିତତା ଏକ ବିଶ୍ୱ ସାମୂଦାୟିକ ପ୍ରତିବଦ୍ଧତା।

ପ୍ରଶ୍ନ ୧୩ : ପୁନଃ ନିର୍ଦ୍ଧାରିତ ସ୍ଥାନରେ ବ୍ୟବସ୍ଥା କରାଯାଇଥିବା କାମ କରିବାର ଦିବସଗୁଡ଼ିକୁ ବିଚ୍ଛରକୁ ନିଆଯିବ କି ଏବଂ ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତିର ଦିବସ ସହ ଯୋଗ କରାଯିବ କି ?

ଉତ୍ତର : ହଁ, ଜବ୍‌କାର୍ଡ ପାଇଁ ପରିବାର ପିଛା ୧୦୦ ଦିନର ନିଶ୍ଚିତ କର୍ମ-ନିଯୁକ୍ତିର ଦିବସକୁ ହିସାବକୁ ନିଆଗଲାବେଳେ ପୁନଃ ନିର୍ଦ୍ଧାରିତ ସ୍ଥାନରେ ବ୍ୟବସ୍ଥା କରାଯାଇଥିବା କାମ କରିବାର ଦିବସଗୁଡ଼ିକୁ ଗଣନା କରାଯିବ। (୨୦୦୮, ସେପ୍ଟେମ୍ବର-୧୨ର ଭାରତ ସରକାରଙ୍କ ରାଜପତ୍ର (ଅସାଧାରଣ), ଏସ୍.ଓ-୨୧୮୮ (ଙ))

ପ୍ରଶ୍ନ ୧୪ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନରେ ମହିଳାମାନଙ୍କର ଭାଗୀଦାରୀ ପାଇଁ କିଛି ଅଧିକ ବ୍ୟବସ୍ଥା ଅଛି କି ?

ଉତ୍ତର : ମହିଳା ଶ୍ରମିକମାନଙ୍କୁ ଏଭଳି ଭାବରେ ପ୍ରାଥମିକତା ପ୍ରଦାନ କରାଯିବ, ଯଦ୍ଦ୍ୱାରା ସେମାନେ ନିଯୁକ୍ତି ପାଇବାକୁ ଥିବା ସମୁଦାୟ ହିତାଧିକାରୀ ସଂଖ୍ୟାର ଅନୂ୍ୟନ ଏକ ତୃତୀୟାଂଶ ହେଉଥିବେ। ଏହି ମହିଳାମାନଙ୍କୁ ସେମାନଙ୍କର ନାମ ପଞ୍ଜିକରଣ କରିବାକୁ ପଡ଼ିବ ଏବଂ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅଧିନରେ ସେମାନେ କାମ ପାଇବା ପାଇଁ ଦାବୀ କରିପାରିବେ।

ପ୍ରଶ୍ନ ୧୫ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନର ପ୍ରବର୍ତ୍ତନ କାର୍ଯ୍ୟକ୍ରମ ସମ୍ପାଦନ କ୍ଷେତ୍ରରେ ଠିକାଦାରମାନଙ୍କର କିଛି ଭୂମିକା ଅଛି କି ?

ଉତ୍ତର : ନା, ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନର ଯୋଜନା ଓ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରୁ ଠିକାଦାରମାନଙ୍କୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦିଆଯାଇଛି। (ଅନୁସୂଚୀ-୧, ପରିଚ୍ଛେଦ-୧୧)

୭. ମଜୁରୀ ପ୍ରଦାନ

ପ୍ରଶ୍ନ ୧ : ଶ୍ରମିକମାନଙ୍କୁ କେତେବେଳେ ମଜୁରୀ ଦିଆଯିବ ?

ଉତ୍ତର : କାମ ଆରମ୍ଭ ହେବାର ସପ୍ତାହ ଶେଷରେ; କିମ୍ବା କୌଣସି କ୍ଷେତ୍ରରେ ଅତି ବେଶୀରେ ୧୫ ଦିନ ମଧ୍ୟରେ ଶ୍ରମିକମାନଙ୍କୁ ମଜୁରୀ ପ୍ରଦାନ କରାଯିବ । (ଅନୁସୂଚୀ-୨, ପରିଚ୍ଛେଦ-୩୦)

ପ୍ରଶ୍ନ ୨ : ଶ୍ରମିକମାନଙ୍କୁ ନଗଦ ଅର୍ଥ ଆକାରରେ କିମ୍ବା କୌଣସି ସାମଗ୍ରୀ ଆକାରରେ ମଜୁରୀ ପ୍ରଦାନ କରାଯିବ କି ?

ଉତ୍ତର : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର ପରିଚ୍ଛେଦ-୩୦, ତଫସିଲ-୨ ଅନୁଯାୟୀ, ସମ୍ପୂର୍ଣ୍ଣ ଭାବେ ଅର୍ଥ ଆକାରରେ କିମ୍ବା ସମୁଦାୟ ମଜୁରୀ ପରିମାଣର ଏକ ଚତୁର୍ଥାଂଶ ନଗଦ ଅର୍ଥ

ଆକାରରେ ଦିଆଯାଇ ଅବଶିଷ୍ଟ ପରିମାଣ ସାମଗ୍ରୀ ଆକାରରେ ଦିଆଯାଇପାରେ । ତେବେ, ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ୨୦୦୯, ଫେବୃୟାରୀ ସଂଶୋଧନ ଅନୁଯାୟୀ ଏହି ପରିଚ୍ଛେଦରେ ସଂଶୋଧନ ଅଣାଯାଇଛି । ତାହା ହେଲା- ରାଷ୍ଟ୍ରୟତ୍ତ ବ୍ୟାଙ୍କ କିମ୍ବା ଡାକ ଘରେ ହିତାଧିକାରୀ ଶ୍ରମିକ ଏହି ଉଦ୍ଦେଶ୍ୟରେ ବ୍ୟକ୍ତିଗତ ବା ଯୁଗ୍ମ ସଞ୍ଚୟ ଜମାଖାତା ଖୋଲିଥିବେ ଏବଂ ସେହି ବ୍ୟାଙ୍କ/ଡାକଘର ଜରିଆରେ ସେମାନଙ୍କୁ ସେମାନଙ୍କର ମଜୁରୀ ପ୍ରଦାନ କରାଯିବ । (୨୦୦୯, ଫେବୃୟାରୀ ୯ର ଭାରତ ସରକାରଙ୍କ ରାଜପତ୍ରର ବିଶେଷ ବିଜ୍ଞପ୍ତି, ଏସ୍.ନଂ-୫୧୩ (ଡ))

ପ୍ରଶ୍ନ ୩ : କିଭଳି ଭାବରେ ମଜୁରୀର ହିସାବ କରାଯିବ ?

ଉତ୍ତର : ଦୈନିକ ମଜୁରୀ ହିସାବରେ କିମ୍ବା ଖଣ୍ଡିତାଂଶ ଅର୍ଥାତ୍ ଘଣ୍ଟା ପିଛା ହାରରେ ଶ୍ରମିକମାନଙ୍କୁ ମଜୁରୀ ଦିଆଯାଇପାରିବ । ଆଇନ ଅନୁଯାୟୀ, ଉପରୋକ୍ତ ଉଭୟ ପ୍ରକାରରେ ମଜୁରୀ ଦିଆଯାଇପାରିବ । ଯଦି ଖଣ୍ଡିତାଂଶ ଭିତ୍ତିରେ ମଜୁରୀ ଦିଆଯାଏ, ତାହା ଏହିପରି ହେବ । ଧରାଯାଉ, ଜଣେ ମଜୁରିଆ ଗୋଟିଏ ଦିନରେ ୯ ଘଣ୍ଟା କାମ କଲେ (୯ ଘଣ୍ଟା ମଧ୍ୟରୁ ୧ ଘଣ୍ଟା ବିଶ୍ରାମ ସମୟ ରହିବ, ଯାହାକୁ ୯ ଘଣ୍ଟା କାମ ମଧ୍ୟରେ ଅନ୍ତର୍ଭୁକ୍ତ ଓ ଗଣନା କରାଯିବ), ତେବେ ଘଣ୍ଟାଓ୍ୱାରୀ ନିର୍ଦ୍ଧାରିତ ମଜୁରୀ ହାରର ପରିମାଣ ଏପରି ହେବ, ଯେପରି ସେହି ରାଜ୍ୟର ସରକାରଙ୍କର ନିର୍ଦ୍ଧାରିତ ସର୍ବନିମ୍ନ ଦୈନିକ ମଜୁରୀ ହାର ସହ ସମାନ ହେବ । (ଅନୁସୂଚୀ-୧, ପରିଚ୍ଛେଦ-୬)

ପ୍ରଶ୍ନ ୪ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ପାଇଁ ମଜୁରୀ ହାରର ସୂଚୀ କିଭଳି ଭାବେ ସ୍ଥିର କରାଯାଇଛି ?

ଉତ୍ତର : ଭିନ୍ନ ଭିନ୍ନ ଅଣକୁଶଳୀ ଶ୍ରମିକଙ୍କ ଉଦ୍ଦେଶ୍ୟରେ ମଜୁରୀ ହାରର ସୂଚୀ ଏଭଳି ଭାବେ ସ୍ଥିର କରାଯାଇଛି ଯେ, ଯଦି ଜଣେ ବୟସ୍କ ବ୍ୟକ୍ତି ଗୋଟିଏ ଦିନରେ ୯ ଘଣ୍ଟା କାମ କରେ, ତେବେ ସେ କେନ୍ଦ୍ର ସରକାରଙ୍କ ସୂଚିତ ଓ ନିର୍ଦ୍ଧାରିତ ମତେ ସାଧାରଣତଃ ସର୍ବନିମ୍ନ ମଜୁରୀ ସହ ସମାନ ପରିମାଣ ରୋଜଗାର କରିପାରିବ । କାର୍ଯ୍ୟ ନିର୍ଘଣ୍ଟକୁ ଏପରି ଭାବେ ବ୍ୟବସ୍ଥିତ କରାଯାଇଛି ଯେ, ଉପରୋକ୍ତ ବର୍ଣ୍ଣିତ ୯ ଘଣ୍ଟାର ନିର୍ଘଣ୍ଟରେ ୧ ଘଣ୍ଟା ବିଶ୍ରାମ ସମୟ ରହିବ; ଏବଂ କୌଣସି ବି ଦିନରେ ଏହି ନିର୍ଘଣ୍ଟର ସମୟ ୧୨ ଘଣ୍ଟାରୁ ଅଧିକ ହେବ ନାହିଁ । (ଅନୁସୂଚୀ-୧, ପରିଚ୍ଛେଦ-୮)

ପ୍ରଶ୍ନ ୫ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅନୁଯାୟୀ ଜଣେ ଶ୍ରମିକକୁ କେତେ ମଜୁରୀ ଦିଆଯିବ ?

ଉତ୍ତର : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନର ଧାରା-୬(୧) ଅନୁଯାୟୀ, ଯେ ପର୍ଯ୍ୟନ୍ତ କେନ୍ଦ୍ର ସରକାର ସର୍ବନିମ୍ନ ଦୈନିକ ମଜୁରୀ ହାରର ବିଜ୍ଞପ୍ତି ପ୍ରକାଶ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଜଣେ ଶ୍ରମିକ ତା' ନିଜ ରାଜ୍ୟର ରାଜ୍ୟ ସରକାରଙ୍କର କୃଷି ଶ୍ରମିକଙ୍କ ଉଦ୍ଦେଶ୍ୟରେ ସ୍ଥିର କରିଥିବା ଆଇନ ସିଦ୍ଧ ସର୍ବନିମ୍ନ ଦୈନିକ ମଜୁରୀ ହିଁ ପାଇବ । କୌଣସି କ୍ଷେତ୍ରରେ ବି ସେହି ମଜୁରୀ ହାର ଦୈନିକ ୬୦ ଟଙ୍କାରୁ କମ୍ ହେବ ନାହିଁ । ତେବେ, କେନ୍ଦ୍ର ସରକାର ତାଙ୍କର ୨୦୦୯, ଜାନୁୟାରୀ ୧ର ରାଜପତ୍ର ବିଜ୍ଞପ୍ତି ଜରିଆରେ ଭିନ୍ନ ଭିନ୍ନ ରାଜ୍ୟ ପାଇଁ ଅଣକୁଶଳୀ ଶ୍ରମିକଙ୍କ ଉଦ୍ଦେଶ୍ୟରେ ଦୈନିକ

ସର୍ବନିମ୍ନ ମଜୁରୀ ହାର ପ୍ରକାଶ କରିଛନ୍ତି । ଏହା ସେହି ତାରିଖଠାରୁ ଲାଗୁ କରାଯାଇଛି । (୨୦୦୯, ଜାନୁୟାରୀ ୧ର ଭାରତ ସରକାରଙ୍କ ରାଜପତ୍ର (ଅସାଧାରଣ), ଏଓ୍.ଓ-୧ (ଡ), ୨୦୦୯, ଡ଼ିସେମ୍ବର-୧୫, ଏସ୍.ଓ-୩୨୦୮ (ଡ) ଏବଂ ୨୦୧୦, ଜାନୁୟାରୀ-୪, ଏସ୍.ଓ-୭ (ଡ)।

ପ୍ରଶ୍ନ ୬ : ପୁରୁଷ ଓ ମହିଳା ଶ୍ରମିକଙ୍କୁ ପୃଥକ ହାରରେ ମଜୁରୀ ଦିଆଯାଇପାରିବ କି ?

ଉତ୍ତର : ନା, ଉଭୟ ପୁରୁଷ ଓ ମହିଳା ଶ୍ରମିକଙ୍କୁ ସମାନ ହାରରେ ମଜୁରୀ ଦିଆଯିବ । ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନରେ ଲିଙ୍ଗଗତ ବାଛ ବିଚାରକୁ ପ୍ରଶ୍ରୟ ଦିଆଯାଇନାହିଁ । (ଅନୁସୂଚୀ-୨, ପରିଚ୍ଛେଦ-୩୪)

ପ୍ରଶ୍ନ ୭ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅଧିନରେ ପୁରୁଷ ଓ ମହିଳା ଶ୍ରମିକମାନେ ସମାନ ମଜୁରୀ ପାଇଲେ ବୋଲି କିଭଳି ନିଶ୍ଚିତ ହେବ ?

ଉତ୍ତର : କରିଥିବା କାମ ଅନୁଯାୟୀ, ଶ୍ରମିକଙ୍କର ଏକ ଦଳକୁ ମଜୁରୀ ପ୍ରଦାନ କରାଯିବ । ଦଳଗତ ଭାବେ ଉଭୟ ପୁରୁଷ ଓ ମହିଳାଙ୍କୁ (ଗୋଟିଏ ଦଳରେ ପୁରୁଷ ଓ ମହିଳା ଶ୍ରମିକ ଥିବେ) ଗୋଟିଏ କାମ ଦିଆଯାଇଥିବା ଦିଆଯାଇଥିବା କୌଣସି କାମରୁ ଦଳ କେତେ ଉତ୍ପାଦନ ଦେଲା, ତାହାରି ଆଧାରରେ ମଜୁରୀ ହାରର ନିର୍ଦ୍ଧାରଣ କରାଯିବ । ଯଦ୍ଦ୍ୱାରା ପୁରୁଷ ଓ ମହିଳା ଶ୍ରମିକଙ୍କ ମଧ୍ୟରେ ଆଉ ଲିଙ୍ଗଗତ ପାର୍ଥକ୍ୟ ଅଥବା ବାଛ ବିଚାରର ପ୍ରଶ୍ନ ଉଠିବ ନାହିଁ । ସୁତରାଂ, ଦଳରେ ଥିବା ସଦସ୍ୟ ବା ଶ୍ରମିକଙ୍କର ଦଳଗତ ଉତ୍ପାଦନ ଅନୁଯାୟୀ, ଗୋଟିଏ ଦଳରେ ଥିବା ସବୁ ସଦସ୍ୟ ବା ଶ୍ରମିକଙ୍କର ଦଳଗତ ଉତ୍ପାଦନ ଅନୁଯାୟୀ, ଗୋଟିଏ ଦଳରେ ଥିବା ପ୍ରତ୍ୟେକ ସଦସ୍ୟ ସମାନ ମଜୁରୀ ପାଇବେ । (୧୫.୧.୨୦୦୯ର ଭାରତ ସରକାରଙ୍କ ରାଜପତ୍ର (ଅସାଧାରଣ) ବିଜ୍ଞପ୍ତି, ଏସ୍.ଓ-୮୮ (ଡ))।

ପ୍ରଶ୍ନ ୮ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନର ସଞ୍ଚୟ ଖାତା ସମ୍ପର୍କିତ ମୌଳିକ ନିୟମଗୁଡ଼ିକ କ'ଣ ?

ଉତ୍ତର : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅନ୍ତର୍ଭୁକ୍ତ ଶ୍ରମିକମାନଙ୍କର ମଜୁରୀ ସମ୍ପର୍କିତ ଡାକ ଘର ସଞ୍ଚୟ ଜମା ଖାତାର ନିୟମଗୁଡ଼ିକ ନିମ୍ନ ପ୍ରକାରର ଅଟେ । (୨୦୦୮, ଅଗଷ୍ଟ-୨୬ର ଭାରତ ସରକାରଙ୍କ ରାଜପତ୍ର (ବିଶେଷ)ର ବିଜ୍ଞପ୍ତି, ଜିଏସ୍ଆର୍ (ଡ), ଭାରତ ସରକାରଙ୍କ ଯୋଗାଯୋଗ ଏବଂ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରାଳୟରୁ ୨୦୦୮, ଅଗଷ୍ଟ-୨୭ର ଏସ୍.ବି ଆଦେଶନାମା ସଂଖ୍ୟା-୧୯/୨୦୦୮)

- ସଞ୍ଚୟ ଖାତା ଖୋଲିବା ପାଇଁ କୌଣସି ପ୍ରାରମ୍ଭିକ ଜମା ପରିମାଣର ଆବଶ୍ୟକତା ନାହିଁ ।
- ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଉପଯୁକ୍ତ ପରିବାରର ମୁଖ୍ୟଙ୍କ ନାମରେ ଜବ୍‌କାର୍ଡ ଥିବ ଓ ସେହି ପରିବାରର ମୁଖ୍ୟ କିମ୍ବା ଅନ୍ୟ ସାବାଳକ ସଦସ୍ୟ (ଯେଉଁମାନେ କି କାମ ଚାହୁଁଥିବେ)ଙ୍କ ନାମରେ ସଞ୍ଚୟ ଖାତା ଖୋଲା ଯାଇପାରିବ ।

- ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଞ୍ଚୟ ଜମା ଖାତା ଖୋଲିବାକୁ ହେଲେ ଡାକଘରକୁ ଦିଆଯାଇଥିବା ଦରଖାସ୍ତ ଫର୍ମ (ଏସ୍.ବି-୩)ର ଉପରି ଭାଗରେ ଜବ୍ କାର୍ଡର ନମ୍ବର ଉଲ୍ଲେଖ କରାଯିବ ।
- ଏହି ଆକାଉଣ୍ଟରେ ସର୍ବନିମ୍ନ ଜମା ବ୍ୟବସ୍ଥାର ଆବଶ୍ୟକତା ନାହିଁ ।
- ଏହି ପ୍ରକାରର ଖାତାଧାରୀଙ୍କୁ କୌଣସି ଚେକ୍ ବହି ଦିଆଯିବ ନାହିଁ ।
- ଗୋଟିଏ ଡାକଘରୁ ଆଉ ଗୋଟିଏ ଡାକଘରକୁ ଏହି ଖାତାକୁ ସ୍ଥାନାନ୍ତରଣ କରି ହେବ ନାହିଁ ।
- ଡାକ କାର୍ଯ୍ୟାଳୟରୁ ଟଙ୍କା ଉଠାଣ ସମୟରେ, ଶ୍ରମିକ ସଠିକ ଭାବେ ପୂରଣ କରାଯାଇଥିବା ଉଠାଣ ଫର୍ମ (ଏସ୍.ବି-୭) ସହିତ କାର୍ଯ୍ୟକ୍ରମ ଅଧିକାରୀ/ଗ୍ରାମପଞ୍ଚାୟତ ଦ୍ୱାରା ପ୍ରଦତ୍ତ ମଜୁରୀ ଚିଠା (ଯହିଁରେ ସେହି ମଜୁରିଆ ପାଇବାକୁ ଥିବା ମଜୁରୀର ପରିମାଣ ଉଲ୍ଲେଖ ଥିବ)କୁ ଡାକ କାର୍ଯ୍ୟାଳୟରେ ଦାଖଲ କରିବେ ।
- କୌଣସି ଶ୍ରମିକ ଯେ କୌଣସି ସମୟରେ ତାଙ୍କ ଜମାରୁ ଯେତେ ପରିମାଣର ଟଙ୍କା ଉଠାଇବାକୁ ଚାହିଁବେ, ତାଙ୍କୁ ସେଥିପାଇଁ ସୁଯୋଗ ଦିଆଯିବ ।

୮. ବେକାରୀ ଭତ୍ତା ଓ ମଜୁରୀ କ୍ଷତିପୂରଣ

ପ୍ରଶ୍ନ ୧ : ଜବ୍‌କାର୍ଡଧାରୀଙ୍କୁ ଯଦି କର୍ମ-ନିଯୁକ୍ତି ଦିଆନଯାଏ, ତେବେ କ'ଣ ହେବ ?

ଉତ୍ତର : ଆଇନ ଅନୁଯାୟୀ, କାମ ଚାହୁଁଥିବା ଜଣେ ଜବ୍‌କାର୍ଡଧାରୀ ଶ୍ରମିକ କୁ କାମ ଯୋଗାଇ ଦିଆଯାଇ ନଗଲେ, ତାଙ୍କୁ ବେକାରୀ ଭତ୍ତା ଦିଆଯିବ । (ଧାରା-୭(୧))

ପ୍ରଶ୍ନ ୨ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ଅଧିନରେ କେଉଁ ପ୍ରକାର ଲୋକେ ବେକାରୀ ଭତ୍ତା ପାଇବାକୁ ହକ୍‌ଦାର ଅଟନ୍ତି ?

ଉତ୍ତର : ଜଣେ ଜବ୍‌କାର୍ଡ ପାଇଥିବା ହିତାଧିକାରୀଙ୍କୁ କାମ ପାଇବା ପାଇଁ ଆବେଦନ କରିବାର ୧୫ ଦିନ ମଧ୍ୟରେ ଯଦି କାମ ଯୋଗାଇ ଦିଆ ନଯାଇଥାଏ (କିମ୍ବା ଅଗ୍ରୀମ ଆବେଦନ କ୍ଷେତ୍ରରେ, କାମ ପାଇବାକୁ ଆଶା ରଖାଯାଇଥିବା ତାରିଖର ୧୫ ଦିନ ମଧ୍ୟରେ ଯଦି କାମ ଯୋଗାଇ ଦିଆଯାଇନଥାଏ), ତେବେ ସେହି ହିତାଧିକାରୀ ବେକାରୀ ଭତ୍ତା ପାଇବାକୁ ହକ୍‌ଦାର ହେବେ । (ଧାରା-୭(୧))

ପ୍ରଶ୍ନ ୩ : ବେକାରୀ ଭତ୍ତାର ହାର କେତେ ?

ଉତ୍ତର : ରାଜ୍ୟର ଆର୍ଥିକ ସ୍ଥିତି ଉପରେ ବେକାରୀ ଭତ୍ତାର ହାର ନିର୍ଭର କରେ । ଆର୍ଥିକ ବର୍ଷର ପ୍ରଥମ ୩୦ ଦିନରେ ଏହା ସର୍ବ ନିମ୍ନ ମଜୁରୀର ଏକ ଚତୁର୍ଥାଂଶରୁ କମ୍ ହେବା ଆବଶ୍ୟକ ନୁହେଁ ଏବଂ ବର୍ଷର ପରବର୍ତ୍ତି ସମୟରେ ସର୍ବ ନିମ୍ନ ମଜୁରୀର ଅଧାରୁ କମ୍ ହେବା ଉଚିତ୍ ନୁହେଁ । (ଧାରା - ୭(୨))

ବେକାରୀ ଭତ୍ତାର ହାର



ପ୍ରଶ୍ନ ୪ : କେଉଁ ପରିସ୍ଥିତିରେ ରାଜ୍ୟ ସରକାର ବେକାରୀ ଭତ୍ତା ଦେବେ ନାହିଁ ?

ଉତ୍ତର :

- ଆବେଦନକାରୀ ନିଜେ କିମ୍ବା ନିଜ ପରିବାରର ଅନ୍ୟୂନ ଜଣେ ବୟସ୍କ ସଦସ୍ୟଙ୍କୁ କାମ ପାଇଁ ରିପୋର୍ଟ ଦେବାକୁ ଗ୍ରାମପଞ୍ଚାୟତ କିମ୍ବା କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲେ;
- କିମ୍ବା, ଯେଉଁ ସମୟ ଅବଧି ପାଇଁ କର୍ମନିଯୁକ୍ତି ଇଚ୍ଛା କରାଯାଉଛି, ସେହି ସମୟ ଅବଧି ପୂରି ଯାଇଥିଲେ;
- କିମ୍ବା, ଆବେଦନକାରୀଙ୍କର ପରିବାରର କୌଣସି ସଦସ୍ୟଙ୍କୁ କାମ ପାଇବା ପାଇଁ ମନା ହୋଇନଥିଲେ;
- କିମ୍ବା, ଆବେଦନକାରୀଙ୍କର ସବୁ ସାବାଳକ ସଦସ୍ୟ ଏକତ୍ରିତ ଭାବେ ସେହି ଆର୍ଥିକ ବର୍ଷରେ ୧୦୦ ଦିନର କର୍ମନିଯୁକ୍ତି ପାଇଥିଲେ;
- କିମ୍ବା, ଆବେଦନକାରୀଙ୍କର ପରିବାର ମଜୁରୀ ବାବଦରୁ ଯଥେଷ୍ଟ ପରିମାଣରେ ଅର୍ଥ ଉପାର୍ଜନ କରିଥିଲେ ଏବଂ ଏକତ୍ରିତ ଭାବେ ବେକାରୀ ଭତ୍ତା ପାଇଥିଲେ; ଏବଂ ଉପାର୍ଜନ ଓ ଭତ୍ତାକୁ ମିଶାଇ ଦେଲେ ସେହି ଆର୍ଥିକ ବର୍ଷ ପାଇଁ ୧୦୦ ଦିନର ମଜୁରୀ ସହ ସମାନ ହୋଇଯାଉଥିଲେ ।

ପ୍ରଶ୍ନ ୫ : ଜଣେ ଶ୍ରମିକ କେଉଁ ପରିସ୍ଥିତିରେ ବେକାରୀ ଭତ୍ତା ଦାବୀ କରିବାକୁ ହକ୍‌ଦାର ହେବେ ନାହିଁ ?

ଉତ୍ତର : ନିମ୍ନୋକ୍ତ ପରିସ୍ଥିତିରେ ୩ ମାସର ଏକ ସମୟ ଅବଧି ପାଇଁ ଜଣେ ଶ୍ରମିକ ବେକାରୀ ଭତ୍ତା ଦାବୀ କରିବାକୁ ହକ୍‌ଦାର ହେବ ନାହିଁ । (ଧାରା-୯)

- ତା'ର ପରିବାର ବା ପରିବାରର ମୁଖ୍ୟଙ୍କ ଉଦ୍ଦେଶ୍ୟରେ ବ୍ୟବସ୍ଥା କରାଯାଇଥିବା ନିଯୁକ୍ତିକୁ ଯେତେବେଳେ ଜଣେ ଆବେଦନକାରୀ ଗ୍ରହଣ ନକରେ; କିମ୍ବା

  କାମ ପାଇଁ ରିପୋର୍ଟ କରିବାକୁ କାର୍ଯ୍ୟକ୍ରମ ଅଧିକାରୀ କିମ୍ବା କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ବିଜ୍ଞପ୍ତି ପ୍ରକାଶର ୧୫ ଦିନ ମଧ୍ୟରେ କାମ ପାଇଁ ରିପୋର୍ଟ ପ୍ରଦାନ ନକରେ; କିମ୍ବା
- ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ସଂସ୍ଥାଙ୍କଠାରୁ ଅନୁମତି ନନେଇ ଏକ ସପ୍ତାହରୁ ଅଧିକ ସମୟ ଅବଧି ପାଇଁ ଧାରାବାହିକ ଭାବେ କାମରେ ଅନୁପସ୍ଥିତ ରହିଥିଲେ; କିମ୍ବା
- କୌଣସି ମାସରେ ସମୁଦାୟ ଗୋଟିଏ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ଧରି ଅନୁପସ୍ଥିତ ରହିଥିଲେ ।

ପ୍ରଶ୍ନ ୬ : ବେକାରୀ ଭତ୍ତା କିଏ ପ୍ରଦାନ କରିବେ ?

ଉତ୍ତର : ବେକାରୀ ଭତ୍ତା ଦେବା ଘୋଷଣା ଦିନଠାରୁ ୧୫ ଦିନ ମଧ୍ୟରେ, ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ବ୍ଲକ୍‌ର କାର୍ଯ୍ୟକ୍ରମ ଅଧିକାରୀ କିମ୍ବା ସେହି ବ୍ୟାଙ୍କର କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ବେକାରୀ ଭତ୍ତା ପ୍ରଦାନ କରିବେ ।

ପ୍ରଶ୍ନ ୭ : ବେକାରୀ ଭତ୍ତାର ଉଦ୍ଦେଶ୍ୟ କଣ ?

ଉତ୍ତର : ବେକାରୀ ଭତ୍ତାର ବିବିଧ ଉଦ୍ଦେଶ୍ୟ ଅଛି । ପ୍ରଥମତଃ, ଯେଉଁମାନେ କାମ ଅପେକ୍ଷାରେ ଅଛନ୍ତି, ସେମାନଙ୍କୁ ବେକାରୀ ଭତ୍ତା ସୀମିତ ପରିମାଣର ଆର୍ଥିକ ସହାୟତା ପ୍ରଦାନ କରାଯିବ । ଦ୍ୱିତୀୟତଃ, ଯେଉଁ କର୍ତ୍ତୃପକ୍ଷମାନେ ପଞ୍ଜିକୃତ ଆବେଦନକାରୀମାନଙ୍କୁ କର୍ମନିଯୁକ୍ତି ପ୍ରଦାନ କରିବାରେ ଅକୃତ କାର୍ଯ୍ୟ ଦେଉଛନ୍ତି, ସେମାନଙ୍କର ଦାୟିତ୍ୱ ପ୍ରତି ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତୃତୀୟତଃ, ବେକାରୀ ଭତ୍ତା ପ୍ରଦାନ କରିବା ମୁଖ୍ୟତଃ ରାଜ୍ୟ ସରକାରଙ୍କର ଦାୟିତ୍ୱ ହୋଇଥିବାରୁ, ଏହା ରାଜ୍ୟ ସରକାରଙ୍କର ଅକୃତ କାର୍ଯ୍ୟତା ପାଇଁ ଏକ ଜୋରିମାନାର କାମ କରେ ।

ପ୍ରଶ୍ନ ୮ : ବେକାରୀ ଭତ୍ତା ପାଇବାକୁ କେଉଁ ପଦ୍ଧତି ଅନୁସରଣ କରିବାକୁ ପଡ଼ିଥାଏ ?

ଉତ୍ତର : କାମ ପାଇବାକୁ ଝହୁଁଥିବା ଜବ୍‌କାର୍ଡଧାରୀ ହିତାଧିକାରୀ କାମ ପାଇଁ ଆବେଦନପତ୍ର ଗ୍ରହଣର ତାରିଖ ଉଲ୍ଲିଖିତ ରସିଦ ସହିତ ଗ୍ରାମପଞ୍ଚାୟତ କିମ୍ବା କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଦରଖାସ୍ତ ଦେବାକୁ ପଡ଼ିବ । କାର୍ଯ୍ୟକ୍ରମ ଅଧିକାରୀ ସେହି ଦରଖାସ୍ତକୁ ଫୁଙ୍ଗାନୁଫୁଙ୍ଗ ଭାବେ ଯାଞ୍ଚ କଲାପରେ ୧୫ ଦିନ ମଧ୍ୟରେ ହିତାଧିକାରୀଙ୍କୁ ବେକାରୀ ଭତ୍ତା ପ୍ରଦାନ କରିବେ ।

ପ୍ରଶ୍ନ ୯ : **ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଯଦି ମଜୁରୀ ପ୍ରଦାନ କରନଯାଏ, ତେବେ କ'ଣ ହେବ ?**

ଉତ୍ତର : ସୂଚିତ ସମୟ ଅବଧି (୧୫ ଦିନ) ମଧ୍ୟରେ ଯଦି ଶ୍ରମିକକୁ ତା'ର ନ୍ୟାଯ୍ୟ ମଜୁରୀ ପ୍ରଦାନ କରାନଯାଏ, ତେବେ ସରକାରଙ୍କର 'ମଜୁରୀ ପ୍ରଦାନ ଆଇନ ୧୯୩୬'ରେ ବ୍ୟବସ୍ଥିତମତେ, ସେହି ଶ୍ରମିକ ମଜୁରୀ ବାବଦରେ ଏକ କ୍ଷତିପୂରଣ ପରିମାଣ ପାଇବାକୁ ହକ୍‌ଦାର ହେବେ (ଅନୁସୂଚୀ-୨, ପରିଚ୍ଛେଦ-୩୦)

ବେକାରୀ ଭତ୍ତା ପାଇବାର ପଦ୍ଧତି



୯. କାର୍ଯ୍ୟ କ୍ଷେତ୍ରରେ ଆନୁଷଙ୍ଗିକ ସୁବିଧା ସୁଯୋଗ

ପ୍ରଶ୍ନ ୧ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅଧିନରେ କାମ କରୁଥିବା ଶ୍ରମିକମାନଙ୍କ ପାଇଁ କାର୍ଯ୍ୟକ୍ଷେତ୍ରରେ କୌଣସି ସୁବିଧା ସୁଯୋଗର ବ୍ୟବସ୍ଥା ଅଛି କି ?

ଉତ୍ତର : ହଁ. ନିରାପଦ ବିଶୁଦ୍ଧ ପାନୀୟଜଳ, କାମ କରୁଥିବା ମହିଳା, ପୁରୁଷ ଏବଂ ସେମାନଙ୍କର ଛୋଟ ପିଲାଙ୍କ ପାଇଁ ବିଶ୍ରାମ ଘର, କାମ କରୁଥିବା ସମୟରେ ଶ୍ରମିକମାନଙ୍କ ଛୋଟ ଛୋଟ ଆଘାତ ପାଇଁ ପ୍ରାଥମିକ ଚିକିତ୍ସା ବାକ୍ସ ଆଦି ଏହି ସୁବିଧା ମଧ୍ୟରେ ଅନ୍ତର୍ଭୁକ୍ତ । ଯଦି ୬ ବର୍ଷ ବୟସରୁ କମ୍ ବୟସର ୫ ଜଣରୁ ଅଧିକ ପିଲା କାର୍ଯ୍ୟ ସ୍ଥଳରେ ଥାଆନ୍ତି, ସେ କ୍ଷେତ୍ରରେ ସେମାନଙ୍କର ଯତ୍ନ ନେବା ପାଇଁ ଜଣେ ଲୋକ (ଆୟା)ଙ୍କୁ ନିଯୁକ୍ତି ଦିଆଯିବା ଉଚିତ୍ । (ଅନୁସୂଚୀ-୨, ପରିଚ୍ଛେଦ-୨୬ ଓ ୨୮)

କାର୍ଯ୍ୟସ୍ଥଳରେ ଆନୁସଙ୍ଗିକ ସୁବିଧା



ପ୍ରଶ୍ନ ୨ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ଅଧିନରେ କାମ କରୁଥିବା ଆୟାମାନଙ୍କର ମଜୁରୀ ହାର କେତେ ?

ଉତ୍ତର : କାର୍ଯ୍ୟ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କର ୬ ବର୍ଷ ବୟସରୁ କମ୍ ବୟସର ୫ ଜଣରୁ ଅଧିକ ଛୋଟ ପିଲାଙ୍କର ଯତ୍ନ ନେବା ପାଇଁ ଜଣେ ଆୟାଙ୍କୁ ନିଯୁକ୍ତି ଦିଆଯିବ । ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ବିଜ୍ଞପ୍ତି ମତେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ଦୈନିକ ମଜୁରୀ ସହ ସମାନ ମଜୁରୀ ତାଙ୍କୁ ଦିଆଯିବ ।

ପ୍ରଶ୍ନ ୩ : କାର୍ଯ୍ୟ କ୍ଷେତ୍ରର ସୁବିଧା ସୁଯୋଗ ବାଦ୍ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର ଅନ୍ୟାନ୍ୟ ସୁବିଧା ସୁଯୋଗଗୁଡ଼ିକ କ'ଣ ?

ଉତ୍ତର : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନର ଅନୁସୂଚୀ ଅନୁଯାୟୀ, ଅନ୍ୟାନ୍ୟ ସୁବିଧା ସୁଯୋଗଗୁଡ଼ିକ ନିମ୍ନୋକ୍ତ ପ୍ରକାରର ଅଟେ ।

(କ) ଦୁର୍ଘଟଣା ବଶତଃ କାର୍ଯ୍ୟକ୍ଷେତ୍ରରେ କାମ କରୁଥିବାବେଳେ କୌଣସି ଶ୍ରମିକର ଯଦି ବଡ଼ ଧରଣର କ୍ଷତି ଘଟେ, ତେବେ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନାରେ ଭର୍ତ୍ତି କରାଯିବ ଓ ମାଗଣାରେ ରହିବା, ଚିକିତ୍ସା, ଔଷଧ ଯୋଗାଇ ଦିଆଯିବ । ତା'ଛଡ଼ା ଚିକିତ୍ସାଧିନ ଶ୍ରମିକଙ୍କୁ ତାଙ୍କର ପ୍ରାପ୍ୟ ଦୈନିକ ମଜୁରୀର ଅର୍ଦ୍ଧାଂଶ ଦିଆଯିବ । (ଅନୁସୂଚୀ-୨, ପରିଚ୍ଛେଦ-୨୪ ଓ ୨୫)

(ଖ) କାର୍ଯ୍ୟକ୍ଷେତ୍ରରେ କାମ କରୁଥିବା ଶ୍ରମିକ କୌଣସି ଦୁର୍ଘଟଣା ବଶତଃ ଯଦି ସବୁଦିନ ପାଇଁ ବିକଳାଙ୍ଗ ହୋଇଯାଏ, କିମ୍ବା ତାଙ୍କର ମୃତ୍ୟୁ ଘଟେ, ତେବେ କାମ କରାଉଥିବା ସଂସ୍ଥା ତାଙ୍କୁ

ଆଇନ ଅନୁଯାୟୀ ପଚିଶ ହଜାର ଟଙ୍କା କ୍ଷତି ପୂରଣ ଦେବେ; ଏବଂ ସେହି ପରିମାଣ ତାଙ୍କର ଆଇନଗତ ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯିବ । (ଅନୁସୂଚୀ-୨, ପରିଚ୍ଛେଦ-୨୬)

(ଗ) ଯଦି କାମ କରାଉଥିବା ସଂସ୍ଥା ସମ୍ପୃକ୍ତ ବିକଳାଙ୍ଗ ବା ମୃତ ଶ୍ରମିକଙ୍କର ଆଇନଗତ ଉତ୍ତରାଧିକାରୀଙ୍କୁ ୧୫ ଦିନ ମଧ୍ୟରେ କ୍ଷତି ପୂରଣ ନ ଦିଅନ୍ତି, ତେବେ ସେ ମଜୁରୀ ପ୍ରଦାନ ଆଇନ' ୧୯୩୬ (୧୯୩୬ର ୪) ର ବ୍ୟବସ୍ଥା ଅନୁଯାୟୀ ସରକାରଙ୍କଠାରୁ କ୍ଷତି ପୂରଣ ପାଇବାକୁ ହକ୍‌ଦାର ହେବେ ।

(ଘ) କାର୍ଯ୍ୟସ୍ଥଳରେ କାମ କରୁଥିବା ଶ୍ରମିକମାନଙ୍କର ୬ ବର୍ଷ ବୟସରୁ କମ୍ ବୟସର ପିଲା ଯଦି କୌଣସି କାରଣରୁ ବା ଦୁର୍ଘଟଣା ବଶତଃ ଆଘାତ ପ୍ରାପ୍ତ ହୁଅନ୍ତି, ତେବେ ସଙ୍ଗେ ସଙ୍ଗେ ତାକୁ ନିକଟତମ ଚିକିତ୍ସାଳୟରେ ଭର୍ତ୍ତି କରାଯିବ ଓ ମାଗଣାରେ ରହିବା, ଚିକିତ୍ସା ଓ ଔଷଧ ଯୋଗାଇ ଦିଆଯିବ । ଯଦି ସେହି ପିଲା ବିକଳାଙ୍ଗ ହୋଇଯାଏ କିମ୍ବା ତାର ମୃତ୍ୟୁ ଘଟେ, ତେବେ ରାଜ୍ୟ ସରକାରଙ୍କ ସ୍ଥିରୀକୃତମତେ ତାଙ୍କୁ ଏକ କ୍ଷତିପୂରଣ ପରିମାଣ ପ୍ରଦାନ କରାଯିବ । (ଅନୁସୂଚୀ-୨, ପରିଚ୍ଛେଦ-୩୩)

(ଙ) 'ସମାନ ମଜୁରୀ ଆଇନ-୧୯୭୬' ଅନୁଯାୟୀ ଉଭୟ ପୁରୁଷ ଓ ମହିଳା ଶ୍ରମିକଙ୍କୁ ସମାନ ମଜୁରୀ ଦିଆଯିବ । (ଅନୁସୂଚୀ-୨, ପରିଚ୍ଛେଦ-୩୪)

୧୦. ଶ୍ରମିକ ତାଲିକା ପୁସ୍ତିକା (ମଷ୍ଟର ରୋଲ୍) ଓ ମାପ ପୁସ୍ତିକା

ପ୍ରଶ୍ନ ୧ : ମଷ୍ଟର ରୋଲ୍ କିଏ ଦେଇଥାନ୍ତି ଓ କାର୍ଯ୍ୟକ୍ଷେତ୍ରରେ ତାକୁ କିଭଳି ପୂରଣ କରାଯାଏ ?

ଉତ୍ତର :

- ସବୁ କାମ ପାଇଁ କାର୍ଯ୍ୟକ୍ରମ ଅଧିକାରୀ ମାଷ୍ଟର ରୋଲ୍ ଦେଇଥାନ୍ତି ।
- ପ୍ରତି ମଷ୍ଟର ରୋଲ୍ ରେ ଏକ ସ୍ୱତନ୍ତ୍ର ପରିଚୟ ସଂଖ୍ୟା' ରହିବ; ଏବଂ ତାହା କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରମାଣିକୃତ ଓ ସ୍ୱାକ୍ଷରିତ ହୋଇଥିବ ।
- ଉପଯୁକ୍ତ ଭାବେ ନମ୍ବର କରାଯାଇଥିବା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷର କରାଯାଇଥିବା ମଷ୍ଟର ରୋଲ୍‌କୁ କାର୍ଯ୍ୟକ୍ଷେତ୍ରରେ ବିନିଯୋଗ କରାଯିବ ।
- କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଷ୍ଟର ରୋଲ୍‌ର ଏକ ଫୁଙ୍ଗାନୁଫୁଙ୍ଗ ବିବରଣୀ ଲିପିବଦ୍ଧ କରାଯିବ । ସବୁଦିନ କାର୍ଯ୍ୟ କରାଯାଉଥିବା ସ୍ଥଳରେ କୌଣସି ବ୍ୟକ୍ତି ବା ଶ୍ରମିକ ଦାବୀ କଲେ, ମଷ୍ଟର ରୋଲ୍‌ରେ ତାଙ୍କର ନାମ ଓ ଆନୁଷଙ୍ଗିକ କାର୍ଯ୍ୟ ସମ୍ପର୍କିତ ବିବରଣୀ ଲିପିବଦ୍ଧ କରାଯାଇପାରିବ କିମ୍ବା ମଷ୍ଟର ରୋଲ୍ ବିଷୟରେ ଜାଣିବାକୁ ଚାହୁଁଥିଲେ ତାଙ୍କୁ ଜଣାଇ ଦିଆଯିବ ।
- ଶ୍ରମିକମାନଙ୍କର ଉପସ୍ଥାନ ଏବଂ ଦିନ ଶେଷରେ ସେମାନେ କେତେ କାମ କରିଛନ୍ତି ଓ କେତେ ମଜୁରୀ ପାଇଛନ୍ତି, ସେ ସମ୍ପର୍କିତ ମଷ୍ଟର ରୋଲ୍‌ର ସୂଚନା ସମୂହକୁ କ୍ଷମତାପ୍ରାପ୍ତ ବ୍ୟକ୍ତି ଶ୍ରମିକମାନଙ୍କ ସମ୍ମୁଖରେ ପଢି ଶୁଣାଇବେ । (୨୦୦୮, ଡ଼ିସେମ୍ବର ୩୧ର ଭାରତ ସରକାରଙ୍କ ରାଜପତ୍ର (ଅସାଧାରଣ), ଏସ୍ ଓ ୩୦୦୦ (ଡ଼) ଏବଂ ଧାରା-୨୯ (୧.୩ 'କ' ରୁ 'ଛ')

ପ୍ରଶ୍ନ ୨ : ମଷ୍ଟର ରୋଲ୍‌କୁ କେଉଁଠାରେ ରଖାଯିବ ?

ଉତ୍ତର : ବ୍ୟୟର ହିସାବର ଏକ ନଥି ଭାବେ ମୂଳ ମଷ୍ଟର ରୋଲ୍‌କୁ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ସଂସ୍ଥାଙ୍କ ପାଖରେ ରଖାଯିବ । ରେକର୍ଡ ବା ନଥି ଉଦ୍ଦେଶ୍ୟରେ ମଷ୍ଟର ରୋଲ୍‌ର ନକଲ ସବୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଉପଲବ୍ଧ ହେବା ଉଚିତ ।

ପ୍ରଶ୍ନ ୩ : ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟର ମାପ ସମ୍ବନ୍ଧରେ ଜଣେ କିପରି ଜାଣିପାରିବ ?

ଉତ୍ତର :

- କାର୍ଯ୍ୟ ସ୍ଥଳରେ ଦାୟିତ୍ୱରେ ଥିବା ଜଣେ ଶିକ୍ଷିତ ଓ ଯୋଗ୍ୟ ବୈଷୟିକବିତଙ୍କ ଦ୍ୱାରା 'ମାପ ପୁସ୍ତିକା'ରେ କାମ ମାପର ବିବରଣୀ ଲିପିବଦ୍ଧ କରାଯିବ ।
- ସର୍ବ ସାଧାରଣଙ୍କ ପରିଦର୍ଶନ ଉଦ୍ଦେଶ୍ୟରେ ପ୍ରତି କାମର 'ମାପ ବିବରଣୀ' ନିଶ୍ଚିତ ଭାବେ ଉପଲବ୍ଧ ହେବା ବାଞ୍ଛନୀୟ ।
- କାମ ମାପ ହେଉଥିବା ସମୟରେ ଶ୍ରମିକମାନଙ୍କ ସମ୍ମୁଖରେ 'ମାପନ ପୁସ୍ତିକା'ରେ ଲିପିବଦ୍ଧ ମାପ ବିବରଣୀ ସମୂହ ପଢାଯିବା ବାଞ୍ଛନୀୟ । (୨୦୦୮ ଡ଼ିସେମ୍ବର ୩୧ର ଭାରତ ସରକାରଙ୍କ ରାଜପତ୍ର (ଅସାଧାରଣ), ଏସ୍.ଓ. ୩୦୦୦ (ଙ) ଏବଂ ଧାରା-୨୯ (୧.୩ (ଝ) ଓ (ଞ))

ପ୍ରଶ୍ନ ୪ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ପାଇଁ 'ସ୍ୱୀକୃତିପ୍ରାପ୍ତ ଯନ୍ତ୍ରୀ'ମାନଙ୍କର ଏକ ତାଲିକା କିଏ ପ୍ରସ୍ତୁତ କରନ୍ତି ?

ଉତ୍ତର : କାମର ଅଟକଳ ଓ ମାପନ ପାଇଁ ସହାୟତା କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଜିଲ୍ଲା ଓ ବ୍ଲକ୍ ସ୍ତରରେ 'ସ୍ୱୀକୃତିପ୍ରାପ୍ତ ଯନ୍ତ୍ରୀ'ମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବେ । ସ୍ୱୀକୃତିପ୍ରାପ୍ତ ଯନ୍ତ୍ରୀମାନଙ୍କର ସର୍ବନିମ୍ନ ଆନୁଷ୍ଠାନିକ ଯୋଗ୍ୟତା, ସେମାନଙ୍କୁ କେତେ ବେତନ ଦିଆଯିବ (ଯଦି ସେମାନେ ସରକାରୀ ଚାକିରିଆ ହୋଇନଥାନ୍ତି), ସ୍ୱୀକୃତି ପାଇବାର ପଦ୍ଧତି ସମୂହ ଏବଂ ଆବଶ୍ୟକସ୍ଥଳେ ସ୍ୱୀକୃତି ପ୍ରତ୍ୟାହାର କରିନିଆଯିବାର ଉପାୟ ଆଦି ପ୍ରସଙ୍ଗ ଉପରେ ରାଜ୍ୟ ସରକାର ନୀତି ନିର୍ଦ୍ଧାରଣ କରିବେ ।

ପ୍ରଶ୍ନ ୫ : ସ୍ୱୀକୃତିପ୍ରାପ୍ତ ଯନ୍ତ୍ରୀମାନେ ପ୍ରସ୍ତୁତ କରିଥିବା ଅଟକଳ ଓ ମାପକୁ କିଏ ଯାଞ୍ଚ କରିବେ ?

ଉତ୍ତର : ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ସ୍ୱୀକୃତିପ୍ରାପ୍ତ ଯନ୍ତ୍ରୀମାନଙ୍କର ଅଟକଳ ଓ ମାପର ସତ୍ୟାସତ୍ୟ ଯାଞ୍ଚ କରିବେ ।

୧୧. ଆର୍ଥିକ ଜମା ଓ ଏହାର ପରିଚାଳନା

ପ୍ରଶ୍ନ ୧ : ମହାତ୍ମାଗାନ୍ଧୀ ଏନ.ଆର.ଇ.ଜି.ଏସ୍ ରେ କାର୍ଯ୍ୟ ନିର୍ବାହ ନିମନ୍ତେ ଖର୍ଚ୍ଚ କେନ୍ଦ୍ର ସରାକର ଓ ରାଜ୍ୟ ସରକାରଙ୍କ ମଧ୍ୟରେ କିଭଳି ଭାଗ ହୋଇଥାଏ ?

ଉତ୍ତର : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ହେଉଛି କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଏକ ଯୋଜନା । ଏହି ଯୋଜନାର ୯୦ ପ୍ରତିଶତ ଅର୍ଥ କେନ୍ଦ୍ର ସରକାର ବହନ କରିବେ ଓ ଅବଶିଷ୍ଟ ୧୦ ପ୍ରତିଶତ ଅର୍ଥ ସମ୍ପୃକ୍ତ ରାଜ୍ୟ ସରକାର ଯୋଗାଇ ଦେବେ । ଅଣକୁଶଳୀ ଶ୍ରମିକମାନଙ୍କର ସମୁଦାୟ ମଜୁରୀ, ସାମଗ୍ରୀ କ୍ରୟ ବାବଦକୁ ଦାମ୍‌ର ୭୫ ପ୍ରତିଶତ (କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କର ମଜୁରୀ ଏଥିରେ ଅନ୍ତର୍ଭୁକ୍ତ), ପ୍ରଶାସନିକ ବ୍ୟୟ ଭାର ବାବଦକୁ ସମୁଦାୟ ମୂଲ୍ୟ, ଏବଂ କେନ୍ଦ୍ରୀୟ ଇଜିଏସ୍ ପରିଷଦର ପ୍ରଶାସନିକ ବ୍ୟୟ ଭାର ଏବଂ କାର୍ଯ୍ୟସ୍ଥଳରେ ଶ୍ରମିକମାନଙ୍କ ପାଇଁ ସୁବିଧା ସୁଯୋଗ ଉଦ୍ଦେଶ୍ୟରେ ବ୍ୟୟ ସମୂହର ଦାମ୍ ଆଦି ଏହି କେନ୍ଦ୍ରୀୟ ୯୦ ପ୍ରତିଶତ ଜମାରୁ ବହନ କରାଯିବ । ଲୋକପାଳଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟୟ ରାଶି ମଧ୍ୟ ଏହି କେନ୍ଦ୍ର ଜମା ପରିମାଣରୁ ବହନ କରାଯିବ ।

ମହାତ୍ମା ଗାନ୍ଧୀ ଏନ୍.ଆର.ଇ.ଜି.ଏ. - ପୁଞ୍ଜି ବିନିଯୋଗ

ରାଜ୍ୟ ପୁଞ୍ଜି

- ସାମଗ୍ରୀ ମୂଲ୍ୟ -୨୫%
- ବେରୋଜଗାର ଭତ୍ତା -୧୦୦%
- ମଜୁରୀ କ୍ଷତିପୂରଣ -୧୦୦%
- ଏସ.ଇ.ଜି.ସି. ର ପରିଚାଳନା ବ୍ୟୟ -୧୦୦%



କେନ୍ଦ୍ରୀୟ ପୁଞ୍ଜି

- ମଜୁରୀ ବ୍ୟୟ -୧୦୦%
- ସାମଗ୍ରୀ ମୂଲ୍ୟ -୭୫%
- ପରିଚାଳନା ବ୍ୟୟ -୬%
- କାର୍ଯ୍ୟସ୍ଥଳରେ ଆନୁସଙ୍ଗିକ ସୁବିଧା -୧୦୦%
- ସି.ଇ.ଜି.ସି. ର ପରିଚାଳନା ବ୍ୟୟ -୧୦୦%
- ଓମ୍ବୁଡ଼୍‌ସ୍‌ମେନ୍ ବ୍ୟୟ - ୧୦୦%

ବେକାରୀ ଭତ୍ତା ବାବଦକୁ ସମୁଦାୟ ବ୍ୟୟଭାର, ସାମଗ୍ରୀ କ୍ରୟ ବାବଦକୁ ବ୍ୟୟର ୨୫ ପ୍ରତିଶତ ଏବଂ ରାଜ୍ୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦର ପ୍ରଶାସନଗତ ବ୍ୟୟ ଭାର, ତା'ଛଡ଼ା ବିଳମ୍ବରେ ଶ୍ରମିକମାନଙ୍କୁ ମଜୁରୀ ଦିଆଯାଇଥିଲେ, ତଜ୍ଜନିତ ଅଭିଯୋଗର କ୍ଷତି ପୂରଣ ବାବଦ ପରିମାଣ ମଧ୍ୟ ରାଜ୍ୟ ସରକାର ବହନ କରିବେ ।

ପ୍ରଶ୍ନ ୨ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅଧିନରେ ପ୍ରଶାସନିକ ବ୍ୟୟଭାରର ହାର କେତେ ?

ଉତ୍ତର : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅଧିନରେ, ୨୦୦୯ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରଶାସନିକଗତ ବ୍ୟୟ ଭାର ସମୁଦାୟ ବ୍ୟୟ ଭାରର ୪ ପ୍ରତିଶତରେ ସୀମିତ ଥିଲା । ତେବେ ଆଇନ ଅନ୍ତର୍ଭୁକ୍ତ କାର୍ଯ୍ୟସୂଚୀ ସମୂହର ସ୍ୱଚ୍ଛ ଓ ଉତ୍ତରଦାୟୀ ପରିଚାଳନାକୁ ଅଧିକ ସୁଦୃଢ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଏହି ବ୍ୟୟଭାରକୁ ୬ ପ୍ରତିଶତକୁ ବୃଦ୍ଧି କରିଛନ୍ତି, ତେବେ ଏହି ୬ ପ୍ରତିଶତ ପରିମାଣରୁ ଅଧିକ ବ୍ୟୟ ଭାରର ଆବଶ୍ୟକତା ପଡ଼ିଲେ ତାହାକୁ ରାଜ୍ୟ ସରକାର ବହନ କରିବେ । ଅର୍ଥ ପରିଚାଳନା କ୍ଷେତ୍ରରେ ମିତବ୍ୟୟିତା ଅବଲମ୍ବନ କରାଯିବ । ବିଳାସ ସାମଗ୍ରୀ କ୍ରୟ, ଯାନବାହାନ କ୍ରୟ, ବ୍ୟୟ ବହୁଳ ଆସବାବପତ୍ର କ୍ରୟ ଓ ସାଜସଜ୍ଜାରେ ବ୍ୟୟ ଭାରକୁ ଯଥା ସାଧ୍ୟ ପରିହାର କରାଯିବା ବାଞ୍ଛନୀୟ । (୨୦୦୯, ମାର୍ଚ୍ଚ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ସର୍କୁଲାର ସଂଖ୍ୟା- ୫)

ପ୍ରଶ୍ନ ୩ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନର କାର୍ଯ୍ୟକାରିତାରେ କେଉଁ ଉଦ୍ଦେଶ୍ୟରେ ପ୍ରଶାସନିକ ବ୍ୟୟକୁ ବିନିଯୋଗ କରାଯାଇପାରିବ ?

ଉତ୍ତର : କାର୍ଯ୍ୟକ୍ରମ ଅଧିକାରୀ ଓ ସହାୟାକାରୀ କର୍ମଚାରୀଙ୍କର ବେତନ/ମଜୁରୀ ବାବଦକୁ, କର୍ମଚାରୀମାନଙ୍କୁ ସହାୟତା ଦେଉଥିବା ଗ୍ରାମପଞ୍ଚାୟତମାନଙ୍କ ଉଦ୍ଦେଶ୍ୟରେ, କାଗଜ, ଖାତା, କଲମ ଆଦି ସାମଗ୍ରୀ କିଣା ବାବଦକୁ, ଯାନବାହାନର ତେଲ ଓ ସଜାଡିବା ବାବଦକୁ (କେବଳ ନୂଆ ଯାନବାହାନ କ୍ରୟକୁ ବାଦ୍ ଦେଇ), ଭ୍ରମଣ, କମ୍ପ୍ୟୁଟରୀକରଣ, ତାଲିମ, ଆଇଇସି କାର୍ଯ୍ୟକ୍ରମ ବାବଦକୁ, ତତ୍ତ୍ୱାବଧାନ, ସାମାଜିକ ସମୀକ୍ଷା ଓ ଅଡିଟ ସମ୍ପର୍କିତ ବ୍ୟୟ ସମୂହ ତଥା କାର୍ଯ୍ୟସ୍ଥଳରେ ଶ୍ରମିକଙ୍କ ପାଇଁ ଆନୁସଙ୍ଗିକ ସୁବିଧା ସୁଯୋଗ ପ୍ରଦାନ ବାବଦକୁ ଏବଂ ରାଜ୍ୟ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଅଧିଯୋଜନା ପ୍ରକୋଷ୍ଠର ପ୍ରତିଷ୍ଠା ପାଇଁ ଏବଂ 'ସ୍ଥାୟୀ ଓ ବାରମ୍ବାର' ବ୍ୟୟ ଭାର ଆଦିକୁ ସମ୍ଭାଳିବା ସକାଶେ ଏହି ୬ ପ୍ରତିଶତର ପ୍ରଶାସନିକ ବ୍ୟୟକୁ ବ୍ୟବହାର କରାଯାଇପାରେ ।

ପ୍ରଶ୍ନ ୪ : ରାଜ୍ୟ ସରକାରଙ୍କଠାରୁ ଅନୁମତି ନ ନେଇ କୌଣସି ଜିଲ୍ଲା ପ୍ରଶାସନ ଏହି ୬ ପ୍ରତିଶତ ପ୍ରଶାସନିକ ବ୍ୟୟ ପରିମାଣକୁ ପାଇପାରିବ କି ?

ଉତ୍ତର : ନା, କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ସ୍ତରରେ ଖର୍ଚ୍ଚ ହେବାକୁ ଥିବା ଅର୍ଥର ପ୍ରତିଶତ ପରିମାଣ ରାଜ୍ୟ ସରକାର ହିଁ ସ୍ଥିର କରିବେ ।

ପ୍ରଶ୍ନ ୫ : କେଉଁ ଜମାରୁ କାର୍ଯ୍ୟକ୍ରମ ଅଧିକାରୀଙ୍କର ବେତନ ଦିଆଯିବ ?

ଉତ୍ତର : କାର୍ଯ୍ୟକ୍ରମ ଅଧିକାରୀ ଓ ସହାୟକ କର୍ମଚାରୀଙ୍କର ବେତନ ଓ ଭତ୍ତା କେନ୍ଦ୍ରୀୟ ଜମାରୁ ଦିଆଯିବ। (ଧାରା-୨୨ (୧.ଗ)

ପ୍ରଶ୍ନ ୬ : ରାଜ୍ୟ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ପ୍ରକୋଷ୍ଠ ପ୍ରତିଷ୍ଠାର ବ୍ୟୟ ଭାର କେଉଁ ଜମାଅଟକଳରୁ ବହନ କରାଯିବ ?

ଉତ୍ତର : ରାଜ୍ୟ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ପ୍ରକୋଷ୍ଠ ପ୍ରତିଷ୍ଠାର ବ୍ୟୟ ଭାର 'ପ୍ରଶାସନିକ ବ୍ୟୟ ଅଟକଳ ଜମା' (୬%)ରୁ ବହନ କରାଯିବ ଏବଂ ଏହା ୨୦୦୯-୧୦ ଆର୍ଥିକ ବର୍ଷରୁ ଲାଗୁ ହେବ।

ପ୍ରଶ୍ନ ୭ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅଧିନରେ କର୍ମନିଯୁକ୍ତି ଜଣେ ଶ୍ରମିକ କୁ ଦୈନିକ କେତେ ମଜୁରୀ ଦେବାର ବ୍ୟବସ୍ଥା ଅଛି ?

ଉତ୍ତର : ଅନେକ ରାଜ୍ୟରେ ସର୍ବନିମ୍ନ ମଜୁରୀର ହାରାହାରି ହାର ଏକ ଶହ ଟଙ୍କା ରଖାଯାଇଛି। ସର୍ବ ସାଧାରଣଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ଶ୍ରମଭିତ୍ତିକ କାର୍ଯ୍ୟରେ ଶ୍ରମ ଓ ସାମଗ୍ରୀ ବାବଦକୁ ଆନୁପାତିକ ବ୍ୟୟ ହାରର ଏକ ସମତୁଲ ମାପଦଣ୍ଡ ଭାବେ ୬୦:୪୦ ଅନୁପାତକୁ ଧାର୍ଯ୍ୟ କରାଯାଇଛି। ଏହି ଦୁଇଟିକୁ ଏକତ୍ର ମିଶାଇ ଦେଲେ ଏପରି ହେବ ଯେ, 'ଜଣେ ଶ୍ରମିକକୁ ଗୋଟିଏ ଦିନ କାମରେ ନିଯୁକ୍ତ କରାଗଲେ ମୋଟ ବ୍ୟୟ ପରିମାଣ ଟ୧୬୬.୬୭ ପଇସା ହେବ'।

୧୨. ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱ ନିୟମାବଳୀ

ପ୍ରଶ୍ନ ୧ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟ ନିର୍ବାହୀ ମାନେ ଯେଉଁସବୁ କାମ କରନ୍ତି, ସେଥିପାଇଁ ସେମାନେ କିଭଳି ଭାବେ ଉତ୍ତରଦାୟୀ ଅଟନ୍ତି ?

ଉତ୍ତର : ଆଭ୍ୟନ୍ତରୀଣ ଓ ବାହ୍ୟ ମୂଲ୍ୟାୟନ ଅଧିକାରୀଙ୍କ ଦ୍ୱାରା ଧାରାବାହିକ ଓ ସମୟାନୁବର୍ତ୍ତୀ ମୂଲ୍ୟାୟନ ଓ ନିରୀକ୍ଷଣ ଜରିଆରେ ସବୁ କାର୍ଯ୍ୟ ନିର୍ବାହୀ ନିଜର କାର୍ଯ୍ୟ ପାଇଁ ଉତ୍ତରଦାୟୀ ଅଟନ୍ତି । ସାମାଜିକ ସମୀକ୍ଷା ପରିଚାଳନାର ଭାର ଗ୍ରାମସଭା ଉପରେ ନ୍ୟସ୍ତ ଅଛି । (ଧାରା-୧୭-୨) ନିୟମିତ ଭାବେ ସବୁ କାମର ତତ୍ତ୍ୱାବଧାନ ପାଇଁ ଗ୍ରାମସଭା ଦ୍ୱାରା ଏକ ଗ୍ରାମସ୍ତରୀୟ "ନିରିକ୍ଷଣ କମିଟି" ଗଠନ କରିବାକୁ ପଡ଼ିଥାଏ । ଏହା ସହିତ ଆଗତ ଅଭିଯୋଗ ସମୂହର ଶୁଣାଣି ପାଇଁ ସବୁ ବ୍ଲକ୍, ଜିଲ୍ଲା ଓ ରାଜ୍ୟ ସ୍ତରରେ ଏକ 'ଅଭିଯୋଗ ଶୁଣାଣି ପ୍ରକ୍ରିୟା' ଆରମ୍ଭ କରାଯାଇଛି । ଆଗତ ଅଭିଯୋଗ ସବୁର ଶୁଣାଣି ବେଳେ ଆଇନର ବିରୁଦ୍ଧାଚରଣ କରି କୌଣସି ନିଷ୍ପତ୍ତି ନିଆଗଲେ ଏହାକୁ ଆଇନର ଅବମାନନା ବୋଲି ଧରି ନିଆଯିବ; ଏବଂ ନିଷ୍ପତ୍ତିଦାତାଙ୍କୁ ଜୋରିମାନା ଦେବାକୁ ପଡ଼ିବ, ଯାହା ଟ୧୦୦୦/- ପର୍ଯ୍ୟନ୍ତ ହୋଇପାରେ (ଧାରା-୨୫) । ତା'ଛଡ଼ା ଭାରତର କମ୍ପଟ୍ରୋଲର୍ ଓ ଅଡିଟର ଜେନେରାଲ ମଧ୍ୟ ସବୁ ସ୍ତରରେ ଯୋଜନାର ହିସାବ ତନଖି କରିବେ । (ଧାରା-୧୭ (୧), ଧାରା-୨୩, ୨୪)

ପ୍ରଶ୍ନ ୨ : ଆଇନ ଅଧିନରେ ଯଦି କୌଣସି ଦାୟିତ୍ୱ ସମ୍ପନ୍ନ ଅଧିକାରୀ (ଯଥା-କାର୍ଯ୍ୟକ୍ରମ ଅଧିକାରୀ) ତାଙ୍କର କର୍ତ୍ତବ୍ୟ ପାଳନରେ ଅସଫଳ ହୁଅନ୍ତି, ତେବେ କ'ଣ ହେବ ?

ଉତ୍ତର : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ୟବସ୍ଥା ସମୁହକୁ ଯଦି କୌଣସି ଦାୟିତ୍ୱ ସମ୍ପନ୍ନ ଅଧିକାରୀ ପାଳନ କରିବାରେ ଖିଲାପ କରନ୍ତି, ତେବେ ତାଙ୍କୁ ଅଭିଯୁକ୍ତ ସାବ୍ୟସ୍ତ କରାଯାଇ ଜୋରିମାନା ଦଣ୍ଡରେ ଦଣ୍ଡିତ କରାଯିବ; ଏବଂ ଏହି ଜୋରିମାନା ପରିମାଣ ଟ୧୦୦୦/- ପର୍ଯ୍ୟନ୍ତ ହୋଇପାରେ । (ଧାରା-୨୫)

ପ୍ରଶ୍ନ ୩ : **ଦୁର୍ନୀତି ବିରୋଧରେ ସତର୍କତାମୂଳକ ବ୍ୟବସ୍ଥା ସ୍ୱରୂପ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ରେ କିଛି ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରାଯାଇଛି କି ?**

ଉତ୍ତର : ହଁ, ଯୋଜନା କାର୍ଯ୍ୟକାରୀତାରେ ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱ ପାଇଁ ଆଇନରେ ଦୃଢ ବ୍ୟବସ୍ଥା ରହିଛି । ସ୍ୱଚ୍ଛତା ସମ୍ପର୍କିତ ମାପଦଣ୍ଡର କେତେକ ଉଦାହରଣ ନିମ୍ନରେ ପ୍ରଦାନ କରାଗଲା । (୨୦୦୮ ଡ଼ିସେମ୍ବର ୩୧ର ଭାରତ ସରକାରଙ୍କ ରାଜପତ୍ର (ଅସାଧାରଣ), ଏସ୍.ଓ ୩୦୦୦ (ଡ))

- ସ୍ପଷ୍ଟ ଭାବେ ବ୍ୟକ୍ତି ପରିଚୟର ସଂଖ୍ୟା ସହ ସବୁ ପଞ୍ଜିକୃତ ପରିବାରକୁ ଜବ୍‌କାର୍ଡ ପ୍ରଦାନର ବିଧି ରହିଛି ।
- ପ୍ରତି କାମ ପାଇଁ ସ୍ୱତନ୍ତ୍ର ଓ ସ୍ପଷ୍ଟ ପରିଚୟ ସଂଖ୍ୟା ଦିଆଯିବ ।
- ସମ୍ପୃକ୍ତ ଶ୍ରମିକର ସଞ୍ଚୟ ଜମା ହିସାବ ଖାତା ଜରିଆରେ ମଜୁରୀ ପ୍ରଦାନ କରାଯିବ ।
- କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ନମ୍ବର ପକାଯାଇଥିବା ମଷ୍ଟର ରୋଲ୍ ଇସ୍ୟୁ କରାଯିବ ଏବଂ ତାହାକୁ କାର୍ଯ୍ୟସ୍ଥଳରେ ପ୍ରସ୍ତୁତ କରାଯିବ, ଏବଂ ଶ୍ରମିକମାନଙ୍କୁ ସେମାନଙ୍କର ମଜୁରୀ ନ ଦିଆଯିବା ପର୍ଯ୍ୟନ୍ତ ତାହାକୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ କାନ୍ଥରେ ଟାଙ୍ଗି ଦିଆଯିବ ।
- ସର୍ବସାଧାରଣଙ୍କ ଯାଞ୍ଚ ଉଦ୍ଦେଶ୍ୟରେ କାର୍ଯ୍ୟ ସ୍ଥଳରେ କାମ ମଞ୍ଜୁରୀ ଆଦେଶନାମାର ଏକ ନକଲ ନିଶ୍ଚିତ ଭାବେ ଉପଲବ୍ଧ ହେବା ବାଞ୍ଛନୀୟ ।
- ସର୍ବସାଧାରଣଙ୍କ ଯାଞ୍ଚ ଉଦ୍ଦେଶ୍ୟରେ ସବୁ ନଥି ଉପଲବ୍ଧ ହେବା ବାଞ୍ଛନୀୟ ।
- ସବୁ ଅଭିଯୋଗର ଫଇସଲା ୭ ଦିନ ମଧ୍ୟରେ କରାଯିବ ।
- ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅଧିନରେ ଖର୍ଚ୍ଚ ହୋଇଥିବା ଅର୍ଥ ପରିମାଣର ବିନିଯୋଗ ପ୍ରମାଣପତ୍ର କାମ କରାଉଥିବା ସଂସ୍ଥାକୁ ଦେବାକୁ ପଡ଼ିବ ।
- ଗ୍ରାମସଭା ଦ୍ୱାରା ନିୟମିତ ସାମାଜିକ ସମୀକ୍ଷା ହେବା ବାଞ୍ଛନୀୟ ।
- କାମ କରାଉଥିବା ସଂସ୍ଥାଙ୍କ ବିରୁଦ୍ଧରେ ଅର୍ଥ ତୋଷରପାତ ନେଇ ଯଦି କୌଣସି ଅଭିଯୋଗ କେନ୍ଦ୍ର ସରକାରଙ୍କ ପାଖରେ ପହଞ୍ଚେ, ତେବେ କେନ୍ଦ୍ର ସରକାର ତା'ର ତଦନ୍ତ କରିବେ, ଯଦି ତୋଷରପାତର ପ୍ରମାଣ ମିଳେ, ତେବେ ସେହି ଯୋଜନାକୁ ଅର୍ଥ ମଞ୍ଜୁର କରିବା ବନ୍ଦ କରିଦେବେ, ଏବଂ ସମ୍ପୃକ୍ତ ଯୋଜନାର ଉପଯୁକ୍ତ କାର୍ଯ୍ୟକାରୀତା ପାଇଁ ବିହିତ ବ୍ୟବସ୍ଥା ସମୂହ ଗ୍ରହଣ କରିବେ ।

- ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ସୂଚନା ଅଧିକାର ଆଇନ ସହ ପ୍ରତ୍ୟକ୍ଷ ଭାବେ ସମ୍ପର୍କିତ । ଦୁର୍ନୀତିକୁ ମୂଳ ପୋଛ କରିବା ପାଇଁ ସୂଚନା ଅଧିକାର ଆଇନ ଏକ ଅସ୍ତ୍ର ସ୍ୱରୂପ । ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନର ସଫଳତା ପାଇଁ ସୂଚନା ଅଧିକାର ଆଇନର ପ୍ରୟୋଗର ଆବଶ୍ୟକତା ରହିଛି ।

ପ୍ରଶ୍ନ ୪ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ସମ୍ପର୍କିତ ସୂଚନା କେଉଁଠାରେ ଉପଲବ୍ଧ ?

ଉତ୍ତର : କାର୍ଯ୍ୟ ପ୍ରୟୋଗର ସବୁ ସ୍ତରରେ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତିର ଆଇନର ସୂଚନା ଉପଲବ୍ଧ ଅଟେ ।

- ନାଗରିକ ସୂଚନା ପରିଷଦ ଜରିଆରେ କାର୍ଯ୍ୟ ସ୍ଥଳରେ କରାଯାଉଥିବାର ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପର୍କରେ ସୂଚନା ଭିତ୍ତିକ ଏକ ଫଳକ ଟାଙ୍ଗି ଦିଆଯିବ ବା ରଖି ଦିଆଯିବ ।
- ଗ୍ରାମପଞ୍ଚାୟତ ଏବଂ ପଞ୍ଚାୟତ ସମିତି କାର୍ଯ୍ୟକ୍ରମ ପ୍ରସ୍ତୁତି କାର୍ଯ୍ୟାଳୟରେ ବୋର୍ଡ ଲଗାଯାଇ ଓ କାନ୍ଥ ଲେଖା ଜରିଆରେ ସୂଚନାସବୁକୁ ସର୍ବସାଧାରଣ/ହିତାଧିକାରୀଙ୍କ ଗୋଚରାର୍ଥେ ଜଣାଇ ଦିଆଯିବ । କର୍ମନିଯୁକ୍ତିର ବ୍ୟବସ୍ଥା, ଗ୍ରହଣ କରାଯାଇଥିବା ଅର୍ଥ, ବ୍ୟୟ କରାଯାଇଥିବା ଅର୍ଥ ପରିମାଣ ତଥା ଅନୁମୋଦିତ ପ୍ରକଳ୍ପର ବିବରଣୀ ଆଦି ଏହି ସୂଚନା ସମୂହ ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ ।
- ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର ସବୁ ସୂଚନା ମଧ୍ୟ କେନ୍ଦ୍ର ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ୱେବସାଇଟ www.nrega.nic.in ଜରିଆରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରସାର କରାଯିବ ।
- ସବୁ ରାଜ୍ୟ ସରକାରମାନେ ମଧ୍ୟ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ସମ୍ପର୍କିତ ସୂଚନା ସମୂହକୁ ନିୟମିତ ଭାବେ ୱେବ୍‌ସାଇଟ www.nrega.nic.in ଜରିଆରେ ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇବେ ।

୧୩. ଅଭିଯୋଗର ଶୁଣାଣୀ

ପ୍ରଶ୍ନ ୧ : ଭିନ୍ନ ଭିନ୍ନ ସ୍ତରରେ ଅଭିଯୋଗ ଫଇସଲାକାରୀ ଅଧିକାରୀ କେଉଁମାନେ ଅଟନ୍ତି ?

ଉତ୍ତର : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅନୁଯାୟୀ, ବ୍ଲକ୍ ସ୍ତରରେ କାର୍ଯ୍ୟକ୍ରମ ସଞ୍ଚାଳନ ଅଧିକାରୀ, ଜିଲ୍ଲା ସ୍ତରରେ କାର୍ଯ୍ୟକ୍ରମ ସଂଯୋଜକ ଓ ରାଜ୍ୟ ସ୍ତରରେ ରାଜ୍ୟ ଆୟୋଗ (ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍) ହେଉଛନ୍ତି ଅଭିଯୋଗ ଫଇସଲାକାରୀ ଅଧିକାରୀ (ପରିଚ୍ଛେଦ-୨ (ଚ))

ପ୍ରଶ୍ନ ୨ : ଜଣେ ଅଭିଯୋଗକାରୀ କେଉଁ ସ୍ଥାନରେ ନିଜର ଅଭିଯୋଗ ଉପସ୍ଥାପନ କରିବ ?

ଉତ୍ତର : ଭାରତର ଅଧିବାସୀ ହୋଇଥିବା ଯେ କୌଣସି ଜଣେ ନାଗରିକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ/କାର୍ଯ୍ୟକ୍ରମ ଅଧିକାରୀ/ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଅଧିକାରୀ/ଆୟୋଗ (ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍)ଙ୍କ କାର୍ଯ୍ୟାଳୟ କିମ୍ବା ଏପରିକି ଜାତୀୟ ସ୍ତରରେ ମଧ୍ୟ ନିଜର ଅଭିଯୋଗ ପଇଠ କରିପାରିବ । ପ୍ରତ୍ୟେକ ଅଭିଯୋଗକାରୀଙ୍କୁ ଅଭିଯୋଗ ପାଇଁ ତାରିଖ ଲେଖାଥିବା ଏକ ପ୍ରାପ୍ତି ସ୍ୱୀକାରର ରସିଦ ଦିଆଯିବ । (ପରିଚ୍ଛେଦ-୨ (କ))

ପ୍ରଶ୍ନ ୩ : କେତେବେଳେ ଓ କିଭଳି ଭାବେ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅନ୍ତର୍ଭୁକ୍ତ ଅଭିଯୋଗ ସମୂହର ଫଇସଲା କରାଯିବ ?

ଉତ୍ତର : ଯେଉଁ ଅଭିଯୋଗ ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରୀଙ୍କର କ୍ଷମତା-ପରିସର ମଧ୍ୟରେ ଆସୁଥିବ, ସେସବୁକୁ ଘଟଣାସ୍ଥଳ ପରିଦର୍ଶନ ଓ ଯାଞ୍ଚ ଜରିଆରେ ଅଭିଯୋଗ ପାଇବାର ୭ ଦିନ ମଧ୍ୟରେ ଫଇସଲା କରାଯିବ । ଯଦି ଅଭିଯୋଗଟି ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଫଇସଲା ହେବା ଯୋଗ୍ୟ କୌଣସି ପ୍ରସଙ୍ଗ ସମ୍ପର୍କିତ ହୋଇଥାଏ, ସେପରି ସ୍ଥଳେ ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରାଥମିକ ତଦନ୍ତ କରିବେ ଏବଂ ୭ ଦିନ ମଧ୍ୟରେ ସେହି ସମ୍ପୃକ୍ତ ଅଧିକାରୀଙ୍କୁ ପ୍ରସଙ୍ଗର ତଦନ୍ତ ସମ୍ପର୍କରେ ଜଣାଇଦେବେ; ଏବଂ ସେଥି ସହ ଅଭିଯୋଗକାରୀଙ୍କ ମଧ୍ୟ ସେ ସମ୍ପର୍କରେ ସୂଚନା ପଠାଇବେ । ଯଦି ଜଣେ କାର୍ଯ୍ୟକ୍ରମ ଅଧିକାରୀ ଅଭିଯୋଗ ପାଇବାର ୭ ଦିନ ମଧ୍ୟରେ ବିହିତ ଫଇସଲାର ବ୍ୟବସ୍ଥା ନ କରନ୍ତି, ତେବେ

ସେ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନର ଉଲ୍ଲଂଘନ କରୁଛନ୍ତି ବୋଲି ଧରିନିଆଯିବ ଏବଂ ସେଥିପାଇଁ ସେ ଜୋରିମାନା ଦଣ୍ଡରେ ଦଣ୍ଡିତ ହେବେ, ଯାହାର ପରିମାଣ ଟ୧୦୦୦/- ପର୍ଯ୍ୟନ୍ତ ହୋଇପାରେ । (ଧାରା-୨୩ (୬୦) ଓ ପରିଚ୍ଛେଦ-୨ (ଗ ଏବଂ ଘ)

ପ୍ରଶ୍ନ ୪ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅଧିନରେ, ଅର୍ଥ ଅନିୟମିତତା ଓ ତୋଷରପାତ ପାଇଁ କି ପ୍ରକାର ଦଣ୍ଡର ବ୍ୟବସ୍ଥା ଅଛି ?

ଉତ୍ତର : ଅର୍ଥ ଅନିୟମିତତା ଓ ତୋଷରପାତ ଅଭିଯୋଗ ସମ୍ପର୍କରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ତଦନ୍ତ କରିବେ ଏବଂ ଯଦି କିଛି ତଥ୍ୟ ମିଳେ, ତେବେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଅଭିଯୁକ୍ତଙ୍କ ବିରୁଦ୍ଧରେ ଏକ ଏଫ୍.ଆଇ.ଆର୍ ଦାୟର କରିବେ (ପରିଚ୍ଛେଦ-୨ (ଙ))

ପ୍ରଶ୍ନ ୫ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର ଉତ୍ତରଦାୟୀତ୍ୱକୁ ଉଲ୍ଲଂଘନ କରାଯାଉଥିବା ସମ୍ପର୍କିତ ଅଭିଯୋଗର ଫଇସଲା କେତେ ଦିନ ମଧ୍ୟରେ କରାଯିବ ?

ଉତ୍ତର : ଅଧିଯୋଜନାର ଉତ୍ତରଦାୟୀତ୍ୱ ଉଲ୍ଲଂଘନ ସମ୍ପର୍କିତ ଅଭିଯୋଗକୁ ସମ୍ପୃକ୍ତ ଅଧିକାରୀ ଗୋଟିଏ ସପ୍ତାହ ମଧ୍ୟରେ ଫଇସଲା କରିବେ । ତେବେ ସେହି ଫଇସଲା ଅତି ବେଶିରେ ୧୫ ଦିନରୁ ଅଧିକ ସମୟ ନେବ ନାହିଁ ।

ପ୍ରଶ୍ନ ୬ : ଅଭିଯୋଗର ଫଇସଲା ହୋଇସାରିଛି ବୋଲି ଜଣେ ଅଭିଯୋଗକାରୀ କିପରି ଜାଣିବ ?

ଉତ୍ତର : ଏ ସମ୍ପର୍କରେ ସମ୍ପୃକ୍ତ କର୍ତ୍ତୃପକ୍ଷ ଅଭିଯୋଗକାରୀଙ୍କୁ ସୂଚନା ଦେବେ ଏବଂ ଏହା ଦୁଇଟି ସ୍ଥାନୀୟ ସମ୍ବାଦପତ୍ରରେ ପ୍ରକାଶ କରାଯିବ । କାର୍ଯ୍ୟକ୍ରମ ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଆଗତ କରାଯାଇଥିଲେ, ତାହାକୁ ପଞ୍ଚାୟତ ସମିତି ନିକଟରେ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ବିରୁଦ୍ଧରେ ଅଭିଯୋଗ ଆଗତ କରାଯାଇଥିଲେ, ତାହାକୁ ଜିଲ୍ଲା ପଞ୍ଚାୟତ ନିକଟରେ ଉପସ୍ଥାପନ କରାଯିବ । (ପରିଚ୍ଛେଦ-୨ (ଜ))

ପ୍ରଶ୍ନ ୭ : କେଉଁ କେଉଁ ଅଧିକାରୀଙ୍କ ଆଦେଶ ବିରୁଦ୍ଧରେ କାହା ନିକଟରେ ଆବେଦନ କରାଯିବ ଏବଂ କେତେଦିନ ମଧ୍ୟରେ ସେହିସବୁ ଅଭିଯୋଗର ଫଇସଲା କରାଯିବ ?

ଉତ୍ତର : ଗ୍ରାମପଞ୍ଚାୟତର ଆଦେଶନାମା ବିରୁଦ୍ଧରେ କାର୍ଯ୍ୟକ୍ରମ ଅଧିକାରୀଙ୍କୁ, କାର୍ଯ୍ୟକ୍ରମ ଅଧିକାରୀଙ୍କ ଆଦେଶନାମା ବିରୁଦ୍ଧରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ଆଦେଶନାମା ବିରୁଦ୍ଧରେ ରାଜ୍ୟ ଆୟୋଗ (ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିଯୋଜନା)ଙ୍କୁ ଆବେଦନ କରାଯିବ । ଗ୍ରାମପଞ୍ଚାୟତ/କାର୍ଯ୍ୟକ୍ରମ ଅଧିକାରୀ/ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କର ଆଦେଶନାମା ବିରୁଦ୍ଧରେ ସବୁ ଆଦେଶ ଦେବାର ୪୫ ଦିନ ମଧ୍ୟରେ ଆବେଦନ କରାଯିବ । ସେହିପରି ସମ୍ପୃକ୍ତ କର୍ତ୍ତୃପକ୍ଷ ଆବେଦନଗୁଡ଼ିକର ଫଇସଲା ୧ ମାସ ମଧ୍ୟରେ କରିବେ । (୨୦୦୮, ଡ଼ିସେମ୍ବର ୩୧ର ଭାରତ ସରକାରଙ୍କ ରାଜପତ୍ର (ଅସାଧାରଣ), ଏସ୍.ଓ-୨୯୯୯ (ଙ))

ପ୍ରଶ୍ନ ୮ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନର 'ଦେୟମୁକ୍ତ ସାହାଯ୍ୟକାରୀ ଟେଲିଫୋନ ନମ୍ବର' କେତେ ?

ଉତ୍ତର : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର ଦେୟମୁକ୍ତ ସାହାଯ୍ୟକାରୀ ଟେଲିଫୋନ ନମ୍ବର ହେଉଛି: ୧୮୦୦-୧୧-୦୭୦୭ ।

ପ୍ରଶ୍ନ ୯ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅଧିନରେ କରାଯାଉଥିବା କାମକୁ କିଏ ନିୟମିତ ଭାବେ ତଦାରଖ କରନ୍ତି ?

ଉତ୍ତର : କାମ ଚାଲୁଥିବା ସମୟରେ ଗ୍ରାମପଞ୍ଚାୟତରେ ପ୍ରତିଷ୍ଠା କରାଯାଇଥିବା ସ୍ଥାନୀୟ 'ଭିଜିଲାନ୍ସ ଓ ମନିଟରିଂ କମିଟି'କାମ ତଦାରଖ କରିବେ; କାମ ରେଜିଷ୍ଟରରେ ସେହି କାମର 'ମୂଲ୍ୟାୟନ ରିପୋର୍ଟ' ଲିପିବଦ୍ଧ କରିବେ ଏବଂ ସମାଜିକ ସମିକ୍ଷା ସମୟରେ ତାହାକୁ ଗ୍ରାମସଭାରେ ଉପସ୍ଥାପନ କରିବେ ।

ସ୍ଥାନୀୟ ତଦାରଖ ପଦ୍ଧତି ସହ, କାମ ଚାଲୁଥିବା ସମୟରେ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଶତ ପ୍ରତିଶତ କାମର ତଦାରଖ କରିବେ, ଜିଲ୍ଲା ସ୍ତରୀୟ ଅଧିକାରୀମାନେ ୧୦ ପ୍ରତିଶତ କାମର ତଦାରଖ କରିବେ ଓ ରାଜ୍ୟ ସ୍ତରୀୟ ଅଧିକାରୀମାନେ ୨ ପ୍ରତିଶତ କାମର ତଦାରଖ କରିବେ ।

୧୪. ସାମାଜିକ ସମୀକ୍ଷା

ପ୍ରଶ୍ନ ୧ : ସାମାଜିକ ସମୀକ୍ଷା କ'ଣ ?

ଉତ୍ତର : ସାମାଜିକ ସମୀକ୍ଷାର କେତେକ ସଂଜ୍ଞା ନିମ୍ନରେ ଦିଆଗଲା । ଯଥା-

- ସାମଜିକ ସମୀକ୍ଷା ହେଉଛି ରେକର୍ଡ ସମୂହର ସ୍ୱାଧୀନ ଭାବେ ଯାଞ୍ଚ ଏବଂ କାର୍ଯ୍ୟଧାରା ଯାଞ୍ଚ୍ ନିୟନ୍ତ୍ରଣ ର ସଠିକତା ଆକଳନ, ପ୍ରଣୀତ ନୀତି ଓ ସମ୍ପାଦନ ଯୋଗ୍ୟ ପଦ୍ଧତି ସମୂହ ସହ ସଂହତି ରକ୍ଷାରେ ନିଶ୍ଚିତ ହେବା ଏବଂ ନିୟନ୍ତ୍ରଣ ନୀତି କିମ୍ବା ପଦ୍ଧତି ସମୂହରେ ଆବଶ୍ୟକୀୟ ପରିବର୍ତ୍ତନ ପାଇଁ ସୁପାରିଶ କରିବା ଆଦି କାର୍ଯ୍ୟସୂଚୀ ସମୂହ ।

- ପ୍ରାଥମିକ ଅଂଶୀଦାରମାନଙ୍କ ସକ୍ରିୟ ସମ୍ପୃକ୍ତି ସହ ଗୋଷ୍ଠୀ ଦ୍ୱାରା ଏକ 'କାର୍ଯ୍ୟକ୍ରମ'ର ସମୀକ୍ଷା କରାଯିବା ହେଉଛି ସାମାଜିକ ସମୀକ୍ଷା । ବିଭିନ୍ନ ସ୍ତରରେ କରାଯାଉଥିବା କାମର ଗୁଣବତ୍ତାକୁ ସମୀକ୍ଷା କରାଯିବାକୁ ଏହା ବୁଝାଇଥାଏ । ତା'ସହ କାମ ବଣ୍ଟନର ଫୁଙ୍ଗାନୁଫୁଙ୍ଗତା, କେତେ ଶ୍ରମିକଙ୍କୁ କାମରେ ନିଯୁକ୍ତି ଦିଆଗଲା ଏବଂ କେତେ ସାମଗ୍ରୀ ବ୍ୟବହାର କରାଗଲା, ସେସବୁ ସମୀକ୍ଷା କରାଯିବାକୁ ମଧ୍ୟ ବୁଝାଇଥାଏ । ଲୋକେ ସ୍ଥାନୀୟ ପ୍ରଶାସନ ସହ ମିଶି ଏହି ସମାଜିକ ସମୀକ୍ଷାକୁ ପରିଚାଳନା କରିବେ । (ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ସହ ସମ୍ପର୍କିତ ଆନ୍ଧ୍ରପ୍ରଦେଶ ସରକାରଙ୍କ ସଜ୍ଞାୟନ)

- ବାସ୍ତବରେ ସାମାଜିକ ସମୀକ୍ଷା ହେଉଛି ଏକ ସହଭାଗୀ ଆକଳନ ପ୍ରକ୍ରିୟା ସ୍ଥାନୀୟ ଶାସନ, ବ୍ୟବସାୟ ପ୍ରତିଷ୍ଠାନ ବା ଯେ କୌଣସି ବିଭାଗୀୟ ପ୍ରତିଷ୍ଠାନ ଯଥା ଆର୍ଥିକ ସଂସ୍ଥାନ, ଗୃହ ନିର୍ମାଣ ପ୍ରତିଷ୍ଠାନ ଯଥା କୃଷି ବିଭାଗୀୟ ସମୀକ୍ଷାରେ ଭାଗ ନେଇ ପାରିବେ । ପ୍ରତିଷ୍ଠାନ ତଥା ଅନ୍ୟାନ୍ୟ ବିକାଶ ଓ ଉନ୍ନୟନ ଉଦ୍ୟୋଗୀ ପ୍ରତିଷ୍ଠାନ ସ୍ଥାନୀୟ ସେହି କର୍ତ୍ତୃପକ୍ଷ ବା ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ । ଏହି ସମୀକ୍ଷା ଦ୍ୱାରା କୌଣସି ସଂସ୍ଥାନ/ପ୍ରତିଷ୍ଠାନ କୌଣସି କାର୍ଯ୍ୟକ୍ରମ ବା ଯୋଜନାର ସାମାଜିକ, ଅର୍ଥନୈତିକ ଓ ପାରିବେଶିକ ଉପଯୋଗୀତା ଓ ସମୀମତା ସମୂହକୁ ଆକଳନ/ଅଟକଳ କରିବାକୁ ସମର୍ଥ ହୋଇଥାଏ । ଏକ ସମୀକ୍ଷାକୁ 'ସାମାଜିକ ସମୀକ୍ଷା'ର ସଂଜ୍ଞା ଦିଆଯିବାର ଅର୍ଥ ଏହା ନୁହେଁ ଯେ, କୌଣସି ଯୋଜନା ବା କାର୍ଯ୍ୟକ୍ରମର ଆର୍ଥିକ ସ୍ଥିତି ଓ କାର୍ଯ୍ୟକ୍ରମ ସକାଶେ

ଆର୍ଥିକ ସାହାର୍ଯ୍ୟ/ଅନୁଦାନ ଆଦିକୁ ପରୀକ୍ଷଣ କରାଯିବନାହିଁ । ମୋଟ ଉପରେ, ସାମାଜିକ ସମୀକ୍ଷାର ମୁଖ୍ୟ ଆଭିମୁଖ୍ୟ ହେଉଛି- 'ସାମାଜିକ ଉଦ୍ଦେଶ୍ୟ ସମୂହର ପରିପୂରଣ ପାଇଁ କିଭଳି ଭାବେ ସମ୍ବଳର ବିନିଯୋଗ ଓ ଉପଯୋଗ କରାଯାଇପାରୁଛି; ଏବଂ ଉଚିତ ଓ ମିତ ବ୍ୟୟତାର ସହ କାର୍ଯ୍ୟକ୍ରମ ବା ଯୋଜନାକୁ ସମାଧିକ ବିକଶିତ, ସମୃଦ୍ଧ ଓ ସଫଳ କରାଯାଇପାରୁଛି । (ଙ୍ଗଙ୍ଗଙ୍.ମସରପ୍ଷ.କ୍ତକ୍ଷଶ/ ୨ ୦ ୦୩)

- ସାମାଜିକ ସମୀକ୍ଷା ହେଉଛି ସେହିଭଳି ଏକ ପଦ୍ଧତି, ଯହିଁରେ ଉଭୟ ଆର୍ଥିକ ଓ ଅଣ-ଆର୍ଥିକ ସମ୍ବଳ, ଯାହା ସର୍ବସାଧାରଣ ସଂସ୍ଥାମାନଙ୍କ ଦ୍ୱାରା ଉନ୍ନୟନ ବା ବିକାଶମୂଳକ କାର୍ଯ୍ୟସୂଚୀ ସମୂହର ସଫଳତା ପାଇଁ ସାଧାରଣ ଲୋକଙ୍କ ସହ ଭାଗୀଦାରୀ ପ୍ରକ୍ରିୟାରେ, ଅଧିକାଂଶ ସମୟରେ ଏକ ସର୍ବସାଧାରଣ ମଞ୍ଚ ଜରିଆରେ, ବିନିଯୋଗ କରାଯାଇଥାଏ ।

ପ୍ରଶ୍ନ ୨ : ସାମାଜିକସମୀକ୍ଷାର ୪ଟି ସ୍ତମ୍ଭ କ'ଣ ?

ଉତ୍ତର : ସାମାଜିକ ସମୀକ୍ଷାର ୪ଟଇ ସ୍ତମ୍ଭ ହେଲା-

(୧) ସ୍ୱଚ୍ଛତା ଓ ଦାୟବଦ୍ଧତା

(୨) ଅନ୍ତର୍ଭୁକ୍ତ ଓ ସହଭାଗୀତା

(୩) ବିସ୍ତାରଣ

(୪) ତୁଳନାତ୍ମକ ଓ ନିୟମିତତା



୧. ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱ: ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ବା ଯୋଜନାର ସବୁ ରେକର୍ଡ, ରେଜିଷ୍ଟର ଅଂଶଗ୍ରହଣକାରୀ, ଭାଗୀଦାର ଏବଂ ସ୍ଥାନୀୟ ସର୍ବସାଧାରଣଙ୍କ ଗୋଚରାର୍ଥେ ମୁକ୍ତ ରଖାଯିବ; ଅର୍ଥାତ୍ ପ୍ରକାଶ କରାଯିବ ।

୨. ଅନ୍ତର୍ଭୁକ୍ତ ଓ ସହଭାଗୀତା: ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ ଆଇନର ଶ୍ରମିକମାନଙ୍କୁ ମିଶାଇ ସାମାଜିକ ଭାବେ ଅନଗ୍ରସର ବର୍ଗର ଲୋକଙ୍କର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ବା ଯୋଜନାରେ ଭାଗୀଦାରୀ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା ଏବଂ ସାମାଜିକ ସମୀକ୍ଷା ପଦ୍ଧତିରେ ସେମାନଙ୍କର ମତାମତକୁ ସାମିଲ କରିବା ।

୩. ବିସ୍ତାରଣ: ଶ୍ରମିକମାନଙ୍କୁ ମଜୁରୀ ପ୍ରଦାନ, ବେକାରୀ ଭତ୍ତା ଓ ସାମାଜିକ ଉପାଦେୟତାକୁ ପଞ୍ଜିକରଣ କରିବାଠାରୁ ଆରମ୍ଭ କରି ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ସବୁ ବିଭାଗର ସମୀକ୍ଷାକୁ ଉଦ୍ଦେଶ୍ୟ ରଖେ ।

୪. ତୁଳନାତ୍ମକ ଓ ନିୟମିତତା: ଏହା ନିୟମିତ ଭାବରେ ଉପଯୋଗୀ ମୌଳିକ ଲକ୍ଷ୍ୟ ସହ କାର୍ଯ୍ୟକ୍ରମ ସମ୍ପାଦନର ମାନର ତୁଳନା ନିମନ୍ତେ ଏକ ସୂତ୍ର ପ୍ରଦାନ କରିଥାଏ । ଏହାଦ୍ୱାରା ସାମାଜିକ ସମୀକ୍ଷାର ଅଭ୍ୟାସ କାର୍ଯ୍ୟକ୍ରମ ସମୂହର ସମ୍ପାଦନରେ ଦୃଢୀଭୂତ ହୋଇଥାଏ ।

ପ୍ରଶ୍ନ ୩ : କେଉଁ ସମୟରେ ସାମାଜିକ ସମୀକ୍ଷା କରାଯିବ ?

ଉତ୍ତର : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର ନିମ୍ନଲିଖିତ ଯେକୌଣସି ପର୍ଯ୍ୟାୟରେ ସାମାଜିକ ସମୀକ୍ଷା କରାଯାଇପାରିବ ।

- ପଞ୍ଜିକରଣ ସମୟରେ ଓ ଜବ୍‌କାର୍ଡ ପ୍ରଦାନ ବେଳେ
- ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅଧିନରେ ଯେତେବେଳେ 'ଗ୍ରାମ ଉନ୍ନୟନ ଖସଡ଼ା ସମୂହ'ର ପ୍ରସ୍ତୁତି କରାଯାଏ
- ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅଧିନସ୍ତ କାର୍ଯ୍ୟ ସମୂହ ପାଇଁ ଯେତେବେଳେ 'ବୈଷୟିକ ଓ ବ୍ୟୟ ଅଟକଳ'ର ପ୍ରସ୍ତୁତ କରାଯାଏ
- ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ବା ଯୋଜନାର କାର୍ଯ୍ୟକାରିତା ପର୍ଯ୍ୟାୟରେ;- ଅର୍ଥାତ୍ (କ) କାମ ପାଇଁ ଆବେଦନପତ୍ର ଦେବା ସମୟରେ, (ଖ) କାମ ବଣ୍ଟନ ସମୟରେ ଏବଂ କାମ ବାଛିବା ସମୟରେ
- ଯେତେବେଳେ ଅର୍ଥିକ ଜମା ପ୍ରଦାନ କରାଯାଏ ଏବଂ ଅନୁମୋଦନ କରାଯାଏ
- ଯେତେବେଳେ ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥାମାନଙ୍କ ଦ୍ୱାରା ଅର୍ଥ ବ୍ୟୟ କରାଯାଏ
- ଯେତେବେଳେ ବ୍ୟାଙ୍କ କିମ୍ବା ଡ଼ାକ ଘର ଜରିଆରେ ଶ୍ରମିକମାନଙ୍କୁ ସେମାନଙ୍କର ମଜୁରୀ ଦିଆଯାଏ

ପ୍ରଶ୍ନ ୪ : ନିୟମିତ ସାମାଜିକ ସମୀକ୍ଷା ପରିଚାଳନାର ବିଶ୍ଳେଷଣାତ୍ମକ ଉପାଦାନଗୁଡ଼ିକ କ'ଣ ?

ଉତ୍ତର : ନିମ୍ନୋକ୍ତ ଉପାଦାନଗୁଡ଼ିକ ସାମାଜିକ ସମୀକ୍ଷାର କେତୋଟି ବିଶ୍ଳେଷଣାତ୍ମକ ଉପାଦାନ ଅଟେ ।

- ନିୟମିତ ଭାବରେ ଗ୍ରାମସଭାର ବୈଠକ ଆହୂତ ହେବା ବାଞ୍ଛନୀୟ । ଗ୍ରାମସଭା ସମ୍ପର୍କରେ ଆଗୁଆ ଭାବେ ସର୍ବ ସାଧାରଣରେ ଏପରି ଭାବେ ପ୍ରଚାର ଓ ପ୍ରସାର ହେବା ଉଚିତ ଯେ, ଯଦ୍ଦ୍ୱାରା କି ଅଧିକ ଗ୍ରାମବାସୀ ବୈଠକରେ ଅଂଶଗ୍ରହଣ କରିବେ ।
- କାର୍ଯ୍ୟ ବା ପ୍ରକଳ୍ପର ବ୍ୟୟ ସମ୍ବଳିତ କାର୍ଯ୍ୟାଳୟର ସବୁ ନଥିପତ୍ର ସମ୍ବନ୍ଧରେ ସାଧାରଣ ନାଗରିକଙ୍କର ଜାଣିବାର ଅଧିକାର ରହିବ । ଏହି ନଥିପତ୍ର ସବୁକୁ ସମ୍ପୃକ୍ତ ପଞ୍ଚାୟତ ସେମାନଙ୍କ ପାଇଁ ଯଥା ଯୋଗ୍ୟ ଭାବେ ଉପଲବ୍ଧ କରାଇବା ଉଚିତ୍ । ଏହି ପରିପ୍ରେକ୍ଷୀରେ, ସୂଚନା ପ୍ରତି ସାଧାରଣନାଗରିକଙ୍କୁ ସୂଚନା ପ୍ରାପ୍ତି ନିମନ୍ତେ 'ସୂଚନା ଅଧିକାର ଆଇନ' ଏକ ବଳିଷ୍ଠ ମାଧ୍ୟମ ଅଟେ ।
- ଗ୍ରାମଗୋଷ୍ଠୀ ବା ସମାଜର ସାଧାରଣ ନାଗରିକମାନେ କାର୍ଯ୍ୟାଳୟର ନଥିପତ୍ରର ବିବରଣୀ ସମୂହକୁ ବୁଝିବା ଓ ବ୍ୟାଖ୍ୟା କରିବାକୁ ସମର୍ଥ ହେବା ଉଚିତ୍ । ଅବଶ୍ୟ ଏଥିପାଇଁ ସେମାନଙ୍କର ସର୍ବନିମ୍ନ ହାରାହାରି ସାକ୍ଷରତା ଆବଶ୍ୟକ ।
- ସାମାଜିକ ସମୀକ୍ଷକମାନଙ୍କ ଦ୍ୱାରା ନିୟମିତ ଭାବେ ସାମାଜିକ ସମୀକ୍ଷା ପରିଚାଳିତ ହେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଇଛି ସରକାରଙ୍କଠାରୁ ଆର୍ଥିକ ସହାୟତା । ଏଥିପାଇଁ ସରକାର ଏକ ନିର୍ଦ୍ଦିଷ୍ଟ ଅର୍ଥ ପରିମାଣ ଅଟକଳ କରିବା ଉଚିତ୍ । (ଓଡିଶାରେ ଏହି ପରିମାଣ ହେଉଛି ସମୁଦାୟ ଅଟକଳର ପରିମାଣର ୦.୨୫ ପ୍ରତିଶତ)
- ସାମାଜିକ ସମୀକ୍ଷକଙ୍କର ଏକ ବର୍ଗ ଏବଂ କାର୍ଯ୍ୟକ୍ରମ ତ୍ୱରାନ୍ୱିତକାରୀଙ୍କୁ ଏକତ୍ର କରି ସବୁ ଗ୍ରାମପଞ୍ଚାୟତ ଏକ 'ସାମାଜିକ ସମୀକ୍ଷା ଫୋରମ୍'ଗଠନ କରିବେ । ଏହି ସାମାଜିକ ସମୀକ୍ଷକ ଓ କାର୍ଯ୍ୟକ୍ରମ ତ୍ୱରାନ୍ୱିତକାରୀମାନେ ସ୍ୱେଚ୍ଛାସେବୀ ଅନୁଷ୍ଠାନ କିମ୍ବା ରାଜ୍ୟ ସରକାରଙ୍କର ଚିହ୍ନଟ ଅନୁଯାୟୀ ବଛାଯାଇ ପାରନ୍ତି । ଏହିମାନଙ୍କୁ ନେଇ ନିୟମିତ ଭିତ୍ତିରେ ସାମାଜିକ ସମୀକ୍ଷା କାର୍ଯ୍ୟର ସୁପରିଚାଳନା କରାଯାଇପାରିବ ।
- ଘଡ଼ିସନ୍ଧିମୂଳକ ପରିସ୍ଥିତିରେ (ସାମାଜିକ ସମୀକ୍ଷା ସମୟରେ) 'ସାମାଜିକ ସମୀକ୍ଷା ଫୋରମ୍'ର ସଦସ୍ୟମାନଙ୍କୁ ସହାୟତା ଆବଶ୍ୟକ ।
- ସତ୍ୟ ଆଧାରିତ ଫୁଙ୍ଗାନୁଫୁଙ୍ଗ ବିବରଣୀର ଉନ୍ମୋଚନ ପାଇଁ ସାମାଜିକ ସମୀକ୍ଷା ପଦ୍ଧତିରେ 'ସାମାଜିକ ସମୀକ୍ଷା ଫୋରମ'ର ସଦସ୍ୟମାନଙ୍କୁ ତାଲିମ ଦିଆଯିବା ଆବଶ୍ୟକ ।
- ଉପରୋକ୍ତ ଅପରିହାର୍ଯ୍ୟ ଆବଶ୍ୟକତାସମୂହର ପୂରଣ ନିମନ୍ତେ ରାଜ୍ୟ ସରକାର ଉପଯୁକ୍ତ ନୀତି, ନିୟମ ଓ ଆଇନର ସହାୟତା ଦେବାରେ ଅନୁବଦ୍ଧ ହେବା ଉଚିତ୍ ।

ପ୍ରଶ୍ନ ୫ : ସାମାଜିକ ସମୀକ୍ଷା ପାଇଁ କିଏ ସୂଚନା ଯୋଗାଇ ଦେବେ ?

ଉତ୍ତର : ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସବୁ ସମ୍ପର୍କିତ ନଥିପତ୍ର ଉପଲବ୍ଧ ଥିବା ନେଇ କାର୍ଯ୍ୟକ୍ରମ ଅଧିକାରୀ ନିଶ୍ଚିତ କରାଇବେ । ଅନ୍ୟୂନ ୧୫ ଦିନ ପୂର୍ବରୁ ସାମାଜିକ ସମୀକ୍ଷା କମିଟିକୁ ଗ୍ରାମପଞ୍ଚାୟତ ସବୁ ଆବଶ୍ୟକୀୟ ସୂଚନା ଓ ନଥି ଯୋଗାଇ ଦେବେ ।

ପ୍ରଶ୍ନ ୬ : କେତେ ସମୟର ବ୍ୟବଧାନରେ ଥରେ ସାମାଜିକ ସମୀକ୍ଷା ହେବ ?

ଉତ୍ତର : ଅନ୍ୟୂନ, ପ୍ରତି ୬ ମାସରେ ଥରେ ସାମାଜିକ ସମୀକ୍ଷା ଅନୁଷ୍ଠିତ ହେବ ।

ପ୍ରଶ୍ନ ୭ : ସାମାଜିକ ସମୀକ୍ଷାକୁ କିଏ ପରିଚାଳନା କରିବେ ?

ଉତ୍ତର : ଗ୍ରାମସଭା ହିଁ ସାମାଜିକ ସମୀକ୍ଷା କରିବ । ଏଥିପାଇଁ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଯେଉଁ ଶ୍ରମିକମାନେ ପୂର୍ବରୁ କାମ କରିଆସୁଛନ୍ତି କିମ୍ବା ନଗଦ କାମ କରିଛନ୍ତି, ସେହିମାନଙ୍କ ମଧ୍ୟରୁ ଗ୍ରାମସଭା ଏକ 'ସାମାଜିକ ସମୀକ୍ଷା କମିଟି'କୁ ନିର୍ବାଚନ କରିବେ । ଏହି କମିଟିରୁ ଏକ ତୃତୀୟାଂଶରୁ ବେଶୀ ମହିଳା ସଦସ୍ୟ ହିଁ ରହିବେ ।

ପ୍ରଶ୍ନ ୮ : ସାମାଜିକ ସମୀକ୍ଷା ପରିଚାଳନା ଉଦ୍ଦେଶ୍ୟରେ କି ପ୍ରକାର ସୂଚନା ସଂଗ୍ରହର ଆବଶ୍ୟକତା ଅଛି ?

ଉତ୍ତର : ସୂଚନାର ପ୍ରକାରଗୁଡ଼ିକ ନିମ୍ନୋକ୍ତ ପ୍ରକାରର ଅଟେ ।

- ଗ୍ରାମପଞ୍ଚାୟତ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର ସବୁ ରେଜିଷ୍ଟର ।
- କାମର ନିର୍ବାଚନ ଓ ପ୍ରାଥମିକତା ଉପରେ ଗ୍ରାମସଭାର ବିବରଣୀ ।
- ଗ୍ରାମପଞ୍ଚାୟତର ଅନୁମୋଦନ ।
- କାମର ବୈଷୟିକ ଓ ପ୍ରଶାସନଗତ ଅନୁମୋଦନ ।
- କାମର ବୈଷୟିକ ଓ ପ୍ରଶାସନଗତ ମଞ୍ଜୁରୀ ।
- କାମ-ନିର୍ଦ୍ଦେଶନାମା କିମ୍ବା କାମ ଆରମ୍ଭ କରାଯିବା ନେଇ ଚିଠି ।
- ସେହି ପଞ୍ଚାୟତର ଜବ୍‌କାର୍ଡଧାରୀମାନଙ୍କର ତାଲିକା ।
- ମଷ୍ଟର ରୋଲ୍ ସମୂହର ନକଲ ।
- ବେତନ ଆଦେଶନାମା କିମ୍ବା ମଜୁରୀ ତାଲିକାର ନକଲ ସମୂହ ।
- କାମର ମାପ ପୁସ୍ତିକାର ନକଲ ।
- ବ୍ୟାଙ୍କ/ଡାକଘରେ ଖୋଲାଯାଇଥିବା ଆକାଉଣ୍ଟ, ସମୁଦାୟ ବେତନର ସବିଶେଷ ବିବରଣୀ ।
- କାମ ସମ୍ପୂର୍ଣ୍ଣକରିବାର ସବିଶେଷ ରିପୋର୍ଟ ।

ପ୍ରଶ୍ନ ୯ : ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅଧିନରେ, କେଉଁସବୁ ବିଭାଗର ସମୀକ୍ଷା କରାଯିବ ?

ଉତ୍ତର : ନିମ୍ନଲିଖିତ ବିଭାଗଗୁଡ଼ିକର ସମୀକ୍ଷା କରାଯିବ ।

- ଜବ୍‌କାର୍ଡଗୁଡ଼ିକ ପାଇଁ ଦରଖାସ୍ତ ସମୂହ ।
- ଜବ୍‌କାର୍ଡ ପାଇବା ସମ୍ପର୍କରେ ।
- କାମଗୁଡ଼ିକର ଚିହ୍ନଟ ଓ ସେଗୁଡ଼ିକର ପ୍ରାଥମିକତା ପାଇଁ ଅବଲମ୍ବନୀୟ ପଦ୍ଧତି ।

- କାମ ପାଇଁ ଆବେଦନପତ୍ର ଦେବା ସମ୍ପର୍କିତ ।
- କାମ ନିର୍ଦ୍ଦେଶନାମା/କାମ ଆରମ୍ଭ ହେବା ସମ୍ପର୍କିତ ଚିଠି
- କାମଗୁଡ଼ିକର ଚିହ୍ନଟ ଓ ମାପ
- ମାପ ପୁସ୍ତିକା
- କାମ ସ୍ଥାନରେ ଶ୍ରମିକଙ୍କ ପାଇଁ ସୁବିଧା ସୁଯୋଗ ସମ୍ପର୍କରେ ।
- ମଜୁରୀ ପ୍ରଦାନର ସବିଶେଷ ବିବରଣୀ ।
- କାମର ଗୁଣବତ୍ତା
- କାମ ସମ୍ପୂର୍ଣ୍ଣକରଣର ସ୍ଥିତାବସ୍ଥା

ପ୍ରଶ୍ନ ୧୦ : ସାମାଜିକ ସମୀକ୍ଷାରୁ ପ୍ରାପ୍ତ ସିଦ୍ଧାନ୍ତ ସମୂହକୁ କେଉଁଠାରେ ପଢି ଶୁଣାଇ ଦିଆଯିବ ?

ଉତ୍ତର : ସବୁ ନଥି ଓ ସୂଚନାକୁ ସାମାଜିକ ସମୀକ୍ଷା କମିଟି ଯାଞ୍ଚ କରିବେ । ଗ୍ରାମସଭାରେ ସାମାଜିକ ସମୀକ୍ଷା କମିଟି ସର୍ବ ସାଧାରଣ ସମ୍ମୁଖରେ ସମୀକ୍ଷା ର ପ୍ରାପ୍ତ ସିଦ୍ଧାନ୍ତ କୁ ପଢି ଶୁଣାଇବେ । ଏହି ତଥ୍ୟ ବା ସିଦ୍ଧାନ୍ତର ସତ୍ୟାସତ୍ୟ ସମ୍ପର୍କରେ ଲୋକମାନଙ୍କୁ ଗ୍ରାମପଞ୍ଚାୟତ/ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅଧିକାରୀବୃନ୍ଦଙ୍କୁ ପଚରି ବୁଝିବା ପାଇଁ ଓ ସେମାନଙ୍କ ପାଖରେ ଥିବା କାଗଜ ପତ୍ର/ନଥି ସହ ମିଳାଇ ସ୍ପଷ୍ଟ ହେବା ପାଇଁ ସୁଯୋଗ ଦିଆଯିବ ।

ପ୍ରଶ୍ନ ୧୧ : ସାମାଜିକ ସମୀକ୍ଷା ପରିଚାଳନା କରିବାରେ ସମୁଦାୟ କେତେ ଅର୍ଥ ବ୍ୟୟ ହେବ ?

ଉତ୍ତର : କେତେ ସଂଖ୍ୟକ କାର୍ଯ୍ୟର ସମୀକ୍ଷା କରାଯାଇଛି, କେତେ ଅଂଶଗ୍ରହଣକାରୀଙ୍କୁ ବିଚାରକୁ ନିଆଯାଇପାରିବ, ସେହି କାମ ପାଇଁ କେତେ ସମୟ ବିନିଯୋଗ ହୋଇଛି ଏବଂ କେତେ ସଂଖ୍ୟକ ସାମାଜିକ ସମିକ୍ଷକଙ୍କୁ ସମ୍ପୃକ୍ତ କରାଯାଇଛି, ସେ ସବୁ ଉପରେ ସାମାଜିକ ସସୀକ୍ଷାର ଅର୍ଥ ବ୍ୟୟ ନିର୍ଭର କରିବ ।

ପ୍ରଶ୍ନ ୧୨ : କେଉଁମାନେ ସବୁ ସାମାଜିକ ଅଡ଼ିଟର ସାଧାରଣ ବୈଠକରେ ଅଂଶଗ୍ରହଣ କରିବେ ?

ଉତ୍ତର : ସର୍ବସାଧାରଣଙ୍କ ଅଂଶଗ୍ରହଣ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ସାମାଜିକ ଅଡ଼ିଟ ବୈଠକରେ ସର୍ବସାଧାରଣଙ୍କ ପ୍ରତିନିଧି ମଣ୍ଡଳୀ ଏବଂ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିଯୋଜନାର ଅଧିକାରୀମାନଙ୍କୁ ଉପସ୍ଥିତ ହେବାକୁ କାର୍ଯ୍ୟକ୍ରମ ଅଧିକାରୀ ଜଣାଇବେ । ଗ୍ରାମସଭାର ସଦସ୍ୟମାନଙ୍କ ଛଡ଼ା କୌଣସି ବାହାର ଲୋକ ମଧ୍ୟ ବୈଠକରେ ଯୋଗ ଦେଇପାରିବେ; କିନ୍ତୁ ସେମାନେ କେବଳ ନୀରବ ପର୍ଯ୍ୟବେକ୍ଷକ ଭାବେ ସେଠାରେ ଉପସ୍ଥିତ ହୋଇପାରିବେ ଏବଂ ସାମାଜିକ ଅଡ଼ିଟର ବିବରଣୀ ଉପରେ ନିଜର କୌଣସି ମତାମତ ପ୍ରଦାନ କରିପାରିବେ ନାହିଁ ।

ପ୍ରଶ୍ନ ୧୩ : ନଥିପତ୍ରର ଯାଞ୍ଚ ପାଇଁ କେତେ ଦେୟ ଦେବାକୁ ପଡ଼ିବ ?

ଉତ୍ତର : ଆଇନ ସମ୍ପର୍କିତ ସବୁ ହିସାବ ଓ ନଥି ବିନା ମୂଲ୍ୟରେ ସର୍ବସାଧାରଣଙ୍କ ଯାଞ୍ଚ ପାଇଁ ଯୋଗାଇ

ଦିଆଯିବ । ଯଦି କୌଣସି ବ୍ୟକ୍ତି କୌଣସି ନଥି ବା ହିସାବର ନକଲ କିମ୍ବା ନଥିଗତ ବା ହିସାବଗତ ବିବରଣୀ କୌଣସି ଉଦ୍ଧୃତାଂଶକୁ ଆଣିବାକୁ ଚାହୁଁଥାଏ, ତେବେ ତାଙ୍କୁ ସେଥିପାଇଁ ଦରଖାସ୍ତ ଦେବାକୁ ପଡ଼ିବ ଏବଂ ଦରଖାସ୍ତ ଦେବାର ୩ ଦିନର କାର୍ଯ୍ୟ ଦିବସ ମଧ୍ୟରେ ତାଙ୍କୁ ସେହି ନକଲ ବା ଉଦ୍ଧୃତାଂଶକୁ ଯୋଗାଇ ଦିଆଯିବ । ଏଥିପାଇଁ ସେହି ବ୍ୟକ୍ତିଙ୍କୁ ଏକ ନିର୍ଦ୍ଧାରିତ ଦେୟ ଦେବାକୁ ପଡ଼ିଥାଏ ।

ପ୍ରଶ୍ନ ୧୪ : 'ତଦନ୍ତ ଓ ତତ୍ତ୍ୱାବଧାନକାରୀ କମିଟି' ଓ 'ସାମାଜିକ ଅଡ଼ିଟ' ମଧ୍ୟରେ ପାର୍ଥକ୍ୟ କ'ଣ ?

ଉତ୍ତର : ଭିଏମ୍‌ସି ଓ ସୋସିଆଲ ଅଡ଼ିଟି ମଧ୍ୟରେ ପାର୍ଥକ୍ୟ ନିମ୍ନ ପ୍ରକାରରେ ଦର୍ଶାଗଲା-

ତଦନ୍ତ ଓ ତଦାରଖ କମିଟି	ସାମାଜିକ ସମୀକ୍ଷା କମିଟି
• ଗ୍ରାମପଞ୍ଚାୟତ ଦ୍ୱାରା ଆହୂତ ହୋଇଥିବା ନିର୍ଦ୍ଦିଷ୍ଟ କାର୍ଯ୍ୟ ଆରମ୍ଭ ହେବା ନେଇ ବୈଠକରେ 'ତଦନ୍ତ ଓ ତଦାରଖ କମିଟି'ର ସଦସ୍ୟମାନେ ନିର୍ବାଚିତ ହେବେ ଏବଂ କାର୍ଯ୍ୟକ୍ରମ ସମ୍ପାଦନ କର୍ମଚାରୀଙ୍କ ମଧ୍ୟରୁ ଜଣେ ସେମାନଙ୍କୁ ସହାୟତା କରିବ ।	• ଗ୍ରାମସଭା ଦ୍ୱାରା ସାମାଜିକ ସମୀକ୍ଷା କମିଟିର ସଦସ୍ୟମାନେ ନିର୍ବାଚିତ ହେବେ ।
• କେବଳ ନିର୍ଦ୍ଦିଷ୍ଟ ଗ୍ରାମପଞ୍ଚାୟତର ଅଧିବାସୀଙ୍କ ମଧ୍ୟରୁ 'ତଦନ୍ତ ଓ ତଦାରଖ କମିଟିର ସଦସ୍ୟ ନିର୍ବାଚିତ ହେବେ । ଏହି କମିଟିରେ ୯ ଜଣ ସଦସ୍ୟ ରହିବେ । ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ଅନୁସୂଚୀତ ଜାତି ଓ ଅନୁସୂଚୀତ ଉପଜାତିର ଲୋକ ରହିବେ ଏବଂ ଏକ ତୃତୀୟାଂଶ ମହିଳା ସଦସ୍ୟ ରହିବେ । ସର୍ବ ସାଧାରଣଙ୍କ ପ୍ରତିନିଧିବୃନ୍ଦ, ଅବସରପ୍ରାପ୍ତ ବିଶିଷ୍ଟ ବ୍ୟକ୍ତିବିଶେଷ, ସେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନେ ମଧ୍ୟ ଏଥିରେ ସଦସ୍ୟ ରହିପାରିବେ । ତଦନ୍ତ ଓ ତଦାରଖ କମିଟିର ୫୦ ପ୍ରତିଶତ ସଦସ୍ୟ ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଅନ୍ତର୍ଭୁକ୍ତ ଶ୍ରମିକମାନେ ହିଁ ରହିବେ ।	• ସେହି ନିର୍ଦ୍ଦିଷ୍ଟ ଗ୍ରାମପଞ୍ଚାୟତର ଅଧିବାସୀ, ଯେଉଁମାନେ କି ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିଯୋଜନା ଅଧିନରେ ପୂର୍ବରୁ ଶ୍ରମିକ ଭାବେ କାର୍ଯ୍ୟ କରିଥିବେ କିମ୍ବା ନଗଦ କାର୍ଯ୍ୟ କରିଥିବେ, ସେହିମାନଙ୍କ ମଧ୍ୟରୁ ସାମାଜିକ ସମୀକ୍ଷା କମିଟିର ସଦସ୍ୟମାନେ ନିର୍ବାଚିତ ହେବେ । ତେବେ, ସାମାଜିକ ସମୀକ୍ଷା କମିଟିର ସଦସ୍ୟ ସଂଖ୍ୟା କେତେ ରହିବେ, ତାହା ଗ୍ରାମସଭା ସ୍ଥିର କରିବ । ସମୁଦାୟ ସଦସ୍ୟ ସଂଖ୍ୟାର ଏକ ତୃତୀୟାଂଶ ସଦସ୍ୟ ମହିଳା ହିଁ ରହିବେ ।
• ତଦନ୍ତ ଓ ତଦାରଖ କମିଟିର ସଦସ୍ୟଙ୍କର କାର୍ଯ୍ୟକାଳ ହେଉଛି ୩ ବର୍ଷ ଏବଂ ଚାଲୁଥିବା କାମକୁ ତଦାରଖ କରିବେ ।	• ପ୍ରତି ଗ୍ରାମପଞ୍ଚାୟତରେ ଅନ୍ୟୂନ ୬ ମାସରେ ଥରେ ସାମାଜିକ ସମୀକ୍ଷାର ଅନୁଷ୍ଠାନ ହେବ । କେବଳ ସେହି ନିର୍ଦ୍ଦିଷ୍ଟ ସାମାଜିକ ସମୀକ୍ଷା ପାଇଁ ହିଁ ସାମାଜିକ ସମୀକ୍ଷା କମିଟିର ସଦସ୍ୟମାନଙ୍କର କାର୍ଯ୍ୟକାଳ ସୀମାବଦ୍ଧ ହେବ । ପରବର୍ତ୍ତୀ ସାମାଜିକ ସମୀକ୍ଷା ପାଇଁ କମିଟିର ସଦସ୍ୟମାନେ ପରବର୍ତ୍ତୀ ସାମାଜିକ ସମୀକ୍ଷା ଗ୍ରାମସଭା ଦ୍ୱାରା ନିର୍ବାଚିତ ହେବେ ।

ତଦନ୍ତ ଓ ତଦାରଖ କମିଟି	ସାମାଜିକ ସମୀକ୍ଷା କମିଟି
• ତଦାରଖଓ ଯାଞ୍ଚ ଉଦ୍ଦେଶ୍ୟରେ ତଦନ୍ତ ଓ ତଦାରଖ କମିଟିକୁ ଆବଶ୍ୟକୀୟ ସୂଚନା ଓ ନଥି ଯୋଗାଇଦେବା ଗ୍ରାମପଞ୍ଚାୟତ କିମ୍ବା ଅନ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥାର ଦାୟିତ୍ୱ ଅଟେ ।	• କାର୍ଯ୍ୟକ୍ରମ ଅଧିକାରୀ ଅନ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥା ସମୂହ ଓ ଗ୍ରାମପଞ୍ଚାୟତ ଦ୍ୱାରା ନିଷ୍ପିତ ହେବେ, ହାତକୁ ନିଆଯାଇଥିବା ସବୁ କାମ ଓ ସମ୍ପର୍କିତ ନଥିପତ୍ର (ପୂର୍ବ ସାମାଜିକ ସମୀକ୍ଷାଠାରୁ ବର୍ତ୍ତମାନ ସାମାଜିକ ସମୀକ୍ଷା ପର୍ଯ୍ୟନ୍ତ) ଅନ୍ୟୂନ୍ ୧୫ ଦିନ ପୂର୍ବରୁ ଅଗ୍ରୀମ ଭାବେ ଉପଲବ୍ଧ ହେବ ।
• ତଦନ୍ତ ଓ ତଦାରଖ କମିଟି କାମ ଚାଲୁଥିବା କ୍ଷେତ୍ରର ତଦାରଖ କରିବ, ଏବଂ ମଷ୍ଟର ରୋଲ୍, କାର୍ଯ୍ୟସ୍ଥଳରେ ଶ୍ରମିକମାନଙ୍କ ପାଇଁ ଆନୁସଙ୍ଗିକ ସୁବିଧାସୁଯୋଗ, କାର୍ଯ୍ୟର ଗୁଣବତ୍ତା ଓ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଥିବା ଆନୁସଙ୍ଗିକ ସାମଗ୍ରୀ ସମୂହର ଗୁଣବତ୍ତା ଆଦିକୁ ଯାଞ୍ଚ କରିବ ଏବଂ ଯଦି କିଛି ତ୍ରୁଟି ଚିହ୍ନଟ କରେ, ତେବେ ତା'ର ପୂର୍ବରୁ ପ୍ରତିକାର କରିବ ।	• ସାମାଜିକ ସମୀକ୍ଷା କମିଟି ଚାଲୁଥିବା କାମ ଓ ଶେଷ ହୋଇଥିବା କାମର ମୂଲ୍ୟାଙ୍କନ କରିବ । ମୋଟ ଉପରେ, କାର୍ଯ୍ୟ ପରିଚାଳନା କ୍ରମ ଓ ପଦ୍ଧତିରେ ଦୁର୍ନୀତିକୁ ରୋକିବାରେ ସାମାଜିକ ସମୀକ୍ଷା ବହୁମାତ୍ରାରେ ଭୂମିକା ଗ୍ରହଣ କରିଥାଏ । ତା'ସହ କାର୍ଯ୍ୟ ନିର୍ବାହ ସହ ସମ୍ପର୍କିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସର୍ବସାଧାରଣଙ୍କ ନିକଟରେ ଉତ୍ତରଦାୟୀ କରାଇବାରେ ସକ୍ରିୟ ଭୂମିକା ତୁଲାଇଥାଏ ।
• ତଦନ୍ତ ଓ ତଦାରଖ କମିଟିର ତଦନ୍ତ ଜନିତ ସୈଦ୍ଧାନ୍ତିକ ସତ୍ୟାସତ୍ୟକୁ କାର୍ଯ୍ୟ କ୍ଷେତ୍ରରେ ଉପସ୍ଥିତ ଥିବା ଶ୍ରମିକମାନଙ୍କ ସହ ସଙ୍ଗେ ସଙ୍ଗେ ଆଲୋଚନା କରାଯିବ।	• ସାମାଜିକ ସମୀକ୍ଷା ସାଧାରଣ ବୈଠକରେ ସାମାଜିକ ସମୀକ୍ଷାର ସତ୍ୟାସତ୍ୟକୁ ପଢି ଶୁଣାଇ ଦିଆଯିବ ।
• ତଦନ୍ତ ଓ ତଦାରଖ କମିଟିର ରିପୋର୍ଟ ଅନୁଯାୟୀ, କାର୍ଯ୍ୟ ନିର୍ବାହ ଜନିତ ତ୍ରୁଟି ବିଚ୍ୟୁତିକୁ ସୁଧାରିବା ବାଦ୍ ତଦନ୍ତ ଓ ତଦାରଖ କମିଟିର ଆଉ କାର୍ଯ୍ୟକଳାପ ଉପରେ ଅଧିକାରୀମାନେ ହସ୍ତକ୍ଷେପ କରିବେ ନାହିଁ ।	• ସାମାଜିକ ସମୀକ୍ଷା ସାଧାରଣ ବୈଠକରେ ସାମାଜିକ ସମୀକ୍ଷାର ସତ୍ୟାସତ୍ୟ ଉପରେ ଆଗରୁ ନିଷ୍ପତ୍ତି ନେବାକୁ ବରିଷ୍ଠ ଅଧିକାରୀଙ୍କର ଉପସ୍ଥିତି ଏକ ଅନିବାର୍ଯ୍ୟ ଆବଶ୍ୟକତା ।
• ଆଗରୁ ପଦକ୍ଷେପ ନେବା ପାଇଁ ତଦନ୍ତ ଓ ତଦାରଖ କମିଟି ତା'ର ରିପୋର୍ଟକୁ ସଙ୍ଗେ ସଙ୍ଗେ ଗ୍ରାମପଞ୍ଚାୟତ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ନିକଟକୁ ପଠାଇବେ । ଆଇନ ଓ ଆଇନ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମ ସମୂହର ସୁପରିଚାଳନା ଓ ଉତ୍ତମ କାର୍ଯ୍ୟକାରୀତା ଜନିତ ମୂଲ୍ୟାୟନ ପାଇଁ ଏହା ସାମାଜିକ ସମୀକ୍ଷା କମିଟି ନିକଟରେ ମଧ୍ୟ ତା'ର ରିପୋର୍ଟ ଉପସ୍ଥାପନ କରିବ ।	• ନିଜର ସତ୍ୟାସତ୍ୟ ଏବଂ ଶ୍ରମିକମାନଙ୍କଠାରୁ ତଥ୍ୟ ପ୍ରାପ୍ତି ସହ ସାମାଜିକ ସମୀକ୍ଷା କମିଟି ନିଜର ରିପୋର୍ଟର ସବିଶେଷ ସିଦ୍ଧାନ୍ତ ନେବା ପୂର୍ବରୁ ତଦନ୍ତ ଓ ତଦାରଖ କମିଟିର ରିପୋର୍ଟକୁ ମଧ୍ୟ ବିଚାରକୁ ନେବ ।

୧୫. କେନ୍ଦ୍ରୀୟ ଏବଂ ରାଜ୍ୟ ସ୍ତରୀୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦ

ପ୍ରଶ୍ନ ୧ : କେଉଁମାନଙ୍କୁ ନେଇ କେନ୍ଦ୍ରୀୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦ(ସି.ଇ.ଜି.ସି) ଗଠିତ ?

ଉତ୍ତର : ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ତଥା ଏହାର ସଚିବ ଛଅଗୋଟି ରାଜ୍ୟ ସରକାରଙ୍କ ପ୍ରତିନିଧି ଏବଂ ଅଣଆନୁଷ୍ଠାନିକ ସଭ୍ୟଙ୍କୁ ନେଇ କେନ୍ଦ୍ରୀୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦର ଗଠିତ । ଏଥିରେ ସର୍ବାଧିକ ୧୬ ଜଣ ସଭ୍ୟ ରହିବେ ।

ପ୍ରଶ୍ନ ୨ : ସି.ଇ.ଜି.ସି.ର ଦାୟିତ୍ୱଗୁଡ଼ିକ କ'ଣ ?

ଉତ୍ତର : କେନ୍ଦ୍ରୀୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦ (ସିଇଜିସି) ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତ ଯୋଜନାର କାର୍ଯ୍ୟକାରୀତା ସମ୍ପର୍କରେ କେନ୍ଦ୍ରସରକାରଙ୍କୁ ପରାମର୍ଶ ଦେବ । ଏହା କେନ୍ଦ୍ରୀୟ ନିରୀକ୍ଷଣ, ମୂଲ୍ୟାୟନ ଏବଂ ଅଭିଯୋଗ ପ୍ରତି ବିଧାନର ବ୍ୟବସ୍ଥା ପ୍ରଚଳନ କରିବା ସହ ସମୟ ସମୟରେ ଏହାର ସମୀକ୍ଷା କରିବ ଏବଂ ଉନ୍ନତି ନିମନ୍ତେ ସୁପାରିଶ କରିବ । ସିଇଜିସିର ପ୍ରତିନିଧିମାନେ ଏହି ଆଇନର କାର୍ଯ୍ୟକାରୀତାକୁ ଅନୁଧ୍ୟାନ କରିବେ । ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର କାର୍ଯ୍ୟକାରିତା ଉପରେ ବାର୍ଷିକ ବିବରଣୀ ପ୍ରସ୍ତୁତ କରିବେ, ଯାହା କେନ୍ଦ୍ର ସରକାରଙ୍କ ଦ୍ୱାରା ସଂସଦରେ ଆଗତ ହେବ (ଧାରା ୧୧) । ସିଇଜିସିର ପ୍ରତିନିଧିମାନଙ୍କ ସମ୍ପାଦକ ଏହାର ଦୈନିକ ପରିଚାଳନା ନିମିତ୍ତ ସମସ୍ତ ଆର୍ଥିକ ଓ ପରିଚାଳନାଗତ ପ୍ରସଙ୍ଗକୁ ତଦାରଖ କରିବେ ଏବଂ ଏହାର ସଭା ବିବରଣୀ ଓ ରେକର୍ଡ କୁ ପ୍ରସ୍ତୁତ କରିବେ ।

ପ୍ରଶ୍ନ ୩ : କେଉଁ ଅଣଆନୁଷ୍ଠାନିକ ପ୍ରତିନିଧିମାନେ ସିଇଜିସିର ସଦସ୍ୟ ରହିବେ ?

ଉତ୍ତର : ପଞ୍ଚାୟତିରାଜ ସଂଗଠନର କର୍ମକର୍ତ୍ତା,ଶ୍ରମିକ ସଂଗଠନ ତଥା ଅଣ ସୁବିଧାପ୍ରାପ୍ତ ଗୋଷ୍ଠୀକୁ ପ୍ରତିନିଧିତ୍ୱକରୁଥିବା ପ୍ରତିନିଧିମାନେ ଏହାର ସଦସ୍ୟ ରହିବେ । ଏମାନଙ୍କ ସଂଖ୍ୟା ୧୫ ରୁ ଉର୍ଦ୍ଧ୍ୱ ହେବ ନାହିଁ ।

ପ୍ରଶ୍ନ ୪ : ସିଇଜିସିକୁ ମନୋନୀତ ହୋଇଥିବା ଅଣଆନୁଷ୍ଠାନିକ ପ୍ରତିନିଧିମାନଙ୍କର କାର୍ଯ୍ୟକାଳ କେତେ ?

ଉତ୍ତର : ସିଇଜିସିର ଅଣଆନୁଷ୍ଠାନିକ ପ୍ରତିନିଧିଙ୍କ କାର୍ଯ୍ୟକାଳ ଏକ ବର୍ଷ । କୌଣସି ଅଣଆନୁଷ୍ଠାନିକ ପ୍ରତିନିଧି ତିନି ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ନିଜ ପଦବୀରେ ରହିପାରିବେନାହିଁ ।

ପ୍ରଶ୍ନ ୫ : କାର୍ଯ୍ୟକାରୀ ସମିତି କ'ଣ ଏବଂ ଏହାର ଦାୟିତ୍ୱଗୁଡ଼ିକ କ'ଣ ?

ଉତ୍ତର : କେନ୍ଦ୍ରୀୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦ ଏହାର କାର୍ଯ୍ୟ ସମ୍ପାଦନରେ ସହାୟତା ନିମିତ୍ତ ଏକ ସମିତି ଗଠନ କରିଛନ୍ତି, ଯାହାକୁ କାର୍ଯ୍ୟକାରୀ ସମିତି କୁହାଯାଉଛି । ସିଇଜିସିର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟକାରୀ ସମିତି କେନ୍ଦ୍ରୀୟ ପରିଷଦର ପରାମର୍ଶକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନେବ । ଏହା ମଧ୍ୟ ସିଇଜିସିର ବ୍ୟୟ ମଞ୍ଜୁର କରିବା ସହ କେନ୍ଦ୍ରୀୟ ପରିଷଦର ପ୍ରଶାସନିକ ତଥା ଆର୍ଥିକ ବ୍ୟାପାର ପରିଚାଳନା କରିବ । କାର୍ଯ୍ୟକାରୀ ସମିତି ମଧ୍ୟ ବୈଷୟିକ ସହାୟତା ଏବଂ ଉପଦେଶ ନିମିତ୍ତ ଏକ ବିଶେଷଜ୍ଞ ମଣ୍ଡଳୀକୁ ନିଯୁକ୍ତ କରିବ, ଯଦ୍ଦ୍ୱାରା ଆଇନ୍‌ର କାର୍ଯ୍ୟକାରୀତାର ମାନରେ ବୃଦ୍ଧି ଘଟିବ ।

ପ୍ରଶ୍ନ ୬ : ରାଜ୍ୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦ କେତେ ଜଣ ଆନୁଷ୍ଠାନିକ ସଦସ୍ୟ ଅଛନ୍ତି ?

ଉତ୍ତର : ରାଜ୍ୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦକୁ ମନୋନୀତ ହେବାକୁ ଥିବା ପ୍ରତିନିଧିଙ୍କ ସଂଖ୍ୟା ସମ୍ପୃକ୍ତ ରାଜ୍ୟ ସରକାର ସ୍ଥିର କରିବେ । ମାତ୍ର ପଞ୍ଚାୟତିରାଜ ସଂଗଠନ, କର୍ମଚାରୀଙ୍କ ସଂସ୍ଥା ଏବଂ ଅଣ ସୁବିଧା ପ୍ରାପ୍ତ ଗୋଷ୍ଠୀରୁ ପ୍ରତିନିଧିତ୍ୱ କରୁଥିବା ସଦସ୍ୟଙ୍କ ସଂଖ୍ୟା ୧୫ ରୁ ଊର୍ଦ୍ଧ୍ୱ ହେବ ନାହିଁ । (ଧାରା ୧୨ (୧))

ପ୍ରଶ୍ନ ୭ : ରାଜ୍ୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦର ଦାୟିତ୍ୱଗୁଡ଼ିକ କ'ଣ ?

ଉତ୍ତର : ରାଜ୍ୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟକାରୀତା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବ । ଏହା ବ୍ୟତୀତ ନିରୀକ୍ଷଣ ଓ ଅଭିଯୋଗ ପ୍ରତିବିଧାନ ବ୍ୟବସ୍ଥାର ସମୟ ସମୟରେ ସମୀକ୍ଷା କରିବା ସହ ଏହା ଏହି ବ୍ୟବସ୍ଥାର ଉନ୍ନତି ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ସୁପାରିଶ କରିବ ।

୧୬. ଲୋକପାଳ

ପ୍ରଶ୍ନ ୧ : 'ଲୋକପାଳ' କହିଲେ କଣ ବୁଝାଏ ?

ଉତ୍ତର : ଲୋକପାଳ ନାଗରିକମାନଙ୍କର ଅଭିଯୋଗର ପ୍ରତିକାର ନିମନ୍ତେ ସୃଷ୍ଟି ହୋଇଥିବା ଏକ ଅନୁଷ୍ଠାନ । ସେ ପ୍ରଶାସନିକ ତଥା ବିଚାର ବ୍ୟବସ୍ଥା ସମ୍ବନ୍ଧୀୟ ଅଭିଯୋଗର ପରିଚାଳନା ନିମିତ୍ତ ବ୍ୟବସ୍ଥାପକ ମଣ୍ଡଳୀ ଦ୍ୱାରା ନିଯୁକ୍ତ ହୋଇଥାନ୍ତି । ସେ ସ୍ୱଇଚ୍ଛାରେ କିମ୍ବା ନାଗରିକମାନଙ୍କ ଅଭିଯୋଗ ପ୍ରତିବିଧାନ ନିମିତ୍ତ ଏକ ପ୍ରଭାବଶାଳୀ ବ୍ୟବସ୍ଥା ।

ପ୍ରଶ୍ନ ୨ : ମହାତ୍ମାଗାନ୍ଧୀ ଏନ୍‌ଆଇଜିଏସ୍ କ୍ଷେତ୍ରରେ ଲୋକପାଳ ଙ୍କ ଆବଶ୍ୟକତା କ'ଣ ?

ଉତ୍ତର : ଏନ୍‌ଆର୍‌ଇଜିଏସ୍ ନିମିତ୍ତ (ବିଶେଷଜ୍ଞମାନଙ୍କ ଦ୍ୱାରା ଦର୍ଶାଯାଇଥିବା) ଲୋକପାଳଙ୍କ ଆବଶ୍ୟକତାଗୁଡ଼ିକ ନିମ୍ନ ପ୍ରକାରର ଅଟେ;

- ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର କର୍ମଚାରୀମାନଙ୍କ ଅଭିଯୋଗ ସମ୍ପର୍କରେ ବୁଝିବା ନିତାନ୍ତ ଆବଶ୍ୟକ । ବହୁମାତ୍ରାରେ ଅଭିଯୋଗ ଆସିଥାଏ ଏବଂ ଏଗୁଡ଼ିକର ସମାଧାନ ନିମନ୍ତେ ଏକ ପ୍ରଭାବଶାଳୀ ବ୍ୟବସ୍ଥା ପ୍ରଚଳନର ଆବଶ୍ୟକତା ରହିଛି ।
- ଏନ୍‌ଆର୍‌ଇଜିଏ ଆଇନ ଗ୍ରାମୀଣ ଅଧିବାସୀଙ୍କୁ କିଛି ଅଧିକାର ପ୍ରଦାନ କରିଛି ଯାହା କାର୍ଯ୍ୟକାରୀ ହୋଇପାରିବନାହିଁ । ଯଦି ଅଧିକାର ଉଲଂଘନର ପ୍ରତିବିଧାନ ନିମିତ୍ତ ଏକ ପ୍ରଶାସନିକ ବ୍ୟବସ୍ଥା ପ୍ରତିଷ୍ଠା ନ ହେବ ।
- ପ୍ରଦତ୍ତ ଅଧିକାରଗୁଡ଼ିକ ସୁବିଧା ଫଳପ୍ରଦ ହୋଇପାରିବନାହିଁ, ଯଦି ସେଗୁଡ଼ିକର ଉଲଂଘନ ନିମିତ୍ତ ପ୍ରତିକାର ବ୍ୟବସ୍ଥା ନ ରହିବ । ପ୍ରତିକାର ବ୍ୟବସ୍ଥାର ଅନୁପସ୍ଥିତିରେ ସେହି ଅଧିକାରଗୁଡ଼ିକ ଫଳପ୍ରସୂ ହେବ ନାହିଁ ।

ପ୍ରଶ୍ନ ୩ : ଲୋକପାଳଙ୍କୁ କିଏ ଚୟନ କରନ୍ତି ?

ଉତ୍ତର : ଲୋକପାଳ ରୂପେ ନିଯୁକ୍ତି ପାଇବା ପାଇଁ ବିବେଚିତ ହେବାକୁ ଥିବା ଯୋଗ୍ୟ ବ୍ୟକ୍ତିମାନଙ୍କ ଏକ ମଣ୍ଡଳୀ ପ୍ରସ୍ତୁତ ନିମିତ୍ତ ଏକ ଚୟନ ସମିତି ଗଠନ କରାଯିବ ।

ପ୍ରଶ୍ନ ୪ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଅଧୀନରେ ଲୋକପାଳ ଭାବେ କାର୍ଯ୍ୟ କରିବା ନିମନ୍ତେ ସର୍ବନିମ୍ନ ଯୋଗ୍ୟତା କ'ଣ ?

ଉତ୍ତର : ଲୋକପାଳଙ୍କ ଚୟନ ପ୍ରଶାସନିକ, ନ୍ୟାୟିକ, ଶିକ୍ଷାକ୍ଷେତ୍ରରେ ତଥା ସାମାଜିକ ପରିଚାଳନା କ୍ଷେତ୍ରରେ ଅନ୍ୟୂନ କୋଡ଼ିଏ ବର୍ଷ ଅଭିଜ୍ଞତା ଥିବା ଖ୍ୟାତି ସମ୍ପନ୍ନ ତଥା ସଚ୍ଚୋଟ ବ୍ୟକ୍ତିତ୍ୱଙ୍କ ମଧ୍ୟରୁ କରାଯିବ । କୌଣସି ରାଜନୈତିକ ଦଳର ସଦସ୍ୟ ଲୋକପାଳ ଭାବରେ ନିଯୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ । ଲୋକପାଳ ଶାରିରୀକ ଭାବରେ ସକ୍ରିୟ ହେବା ସହ କ୍ଷେତ୍ର ପରିଦର୍ଶନ, ଜିଲ୍ଲାର ଦୂରବର୍ତ୍ତୀ ଗ୍ରାମୀଣ ସ୍ଥାନକୁ ଗସ୍ତ ଏବଂ ନିରୀକ୍ଷଣ କରିବାକୁ ସମର୍ଥ ଥିବା ଜରୁରୀ ।

ପ୍ରଶ୍ନ ୫ : ଜିଲ୍ଲା ସ୍ତରରେ କେତେ ଜଣ ବ୍ୟକ୍ତି ଲୋକପାଳ ଭାବରେ ନିଯୁକ୍ତ ହେବେ ?

ଉତ୍ତର : ରାଜ୍ୟ ସରକାର ଜଣେ କିମ୍ବା ଅଧିକ ବ୍ୟକ୍ତିଙ୍କୁ ଲୋକପାଳ ଭାବରେ ନିଯୁକ୍ତ କରିପାରନ୍ତି, ମାତ୍ର ଜିଲ୍ଲା ସ୍ତରରେ ତିନି ଜଣରୁ ଅଧିକ ଲୋକଙ୍କୁ ଲୋକପାଳ ଭାବରେ ନିଯୁକ୍ତ କରାଯାଇପାରିବ ନାହିଁ ।

ପ୍ରଶ୍ନ ୬ : ଲୋକପାଳଙ୍କ କାର୍ଯ୍ୟକାଳ ଅବଧି କେତେ ?

ଉତ୍ତର : ଜଣେ ଲୋକପାଳ ଦୁଇ ବର୍ଷର ଅବଧି ପାଇଁ ନିଯୁକ୍ତ ହେବେ ଏବଂ ତାଙ୍କ କାର୍ଯ୍ୟ ଦକ୍ଷତାର ଆକଳନ କରି ଏହି ସମୟ ସୀମା ଏକ ବର୍ଷ ବୃଦ୍ଧି କରାଯାଇପାରିବ କିମ୍ବା ଅଧିକାରୀ ଜଣଙ୍କ ୬୫ ବର୍ଷର ହେବା ପର୍ଯ୍ୟନ୍ତ ଏହି ସମୟ ସୀମା ବୃଦ୍ଧି କରାଯାଇପାରିବ, ଯେଉଁଟି ପ୍ରଥମେ ଆସିବ । କୌଣସି ପୁନଃ ନିଯୁକ୍ତି ପରିଷଦକୁ କାର୍ଯ୍ୟଦକ୍ଷତା ସନ୍ତୋଷଜନକ ନହେଲେ ରାଜ୍ୟ ସରକାରଙ୍କ ସୁପାରିଶ କ୍ରମେ ଚୟନ ସମିତି ଲୋକପାଳଙ୍କୁ କାର୍ଯ୍ୟରୁ ହଟେଇ ପାରନ୍ତି ।

ପ୍ରଶ୍ନ ୭ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଅଧିନରେ ଲୋକପାଳଙ୍କର କର୍ତ୍ତବ୍ୟ କ'ଣ ?

ଉତ୍ତର : ଲୋକପାଳଙ୍କର କ୍ଷମତା ଓ କର୍ତ୍ତବ୍ୟ;

- ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର କର୍ମଚାରୀ ଏବଂ ଅନ୍ୟମାନଙ୍କଠାରୁ ଧାରା ୧୦ରେ ଉଲ୍ଲେଖ ଥିବା ଯେକୌଣସି ବିଷୟରେ ଅଭିଯୋଗ ଗ୍ରହଣ କରିବେ ଏବଂ ଆଇନ୍ ଅନୁଯାୟୀ ତାହାର ମିମାଂସା କରିବେ ।
- ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଅଧିକାରୀଙ୍କଠାରୁ ତଥ୍ୟର ପ୍ରମାଣଯୁକ୍ତ ନକଲ ଆବଶ୍ୟକ କରିବେ ଏବଂ ସର ଜମିନ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଜାରି କରିବେ ।
- ଭ୍ରଷ୍ଟାଚାରୀ ଦଳଗୁଡ଼ିକ ବିରୁଦ୍ଧରେ ଏଫ୍‌ଆଇଆର୍ ପ୍ରସ୍ତୁତ କରିବେ । ଏହାସହ ତାଙ୍କ ଅଞ୍ଚଳରେ ହୋଇଥିବା କୌଣସି ଅଭିଯୋଗ ଉପରେ ତଦନ୍ତ କରିବେ ।
- ଅଭିଯୋଗର ସମାଧାନ କରିବା ନିମନ୍ତେ ବିଶେଷଜ୍ଞ ନିଯୁକ୍ତି କରିବେ ।
- ଶୃଙ୍ଖଳାଗତ ତଥା ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନର ନିର୍ଦ୍ଦେଶ ଦେବା ସହ ଉପଯୁକ୍ତ ପ୍ରତିବିଧାନ କରିବେ ।

- ଭୁଲଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ତାଙ୍କର ହସ୍ତଗତ ତଥ୍ୟ ରାଜ୍ୟର ମୁଖ୍ୟ ସଚିବ ଏବଂ ସମ୍ପୃକ୍ତ ବିଭାଗର ସଚିବଙ୍କୁ ପ୍ରଦାନ କରିବେ ।
- ଲୋକପାଳ ପ୍ରତ୍ୟେକ ଆର୍ଥିକ ବର୍ଷର ଏପ୍ରିଲ ଓ ମାର୍ଚ୍ଚ ମାସ ମଧ୍ୟରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଅଧିକାରୀଙ୍କ ଅଭିଯୋଗ କରିଥିବା ଶୁଣାଣିର ଏକ ବିବରଣୀ ରାଜ୍ୟର ମୁଖ୍ୟ ସଚିବ ଏବଂ ସମ୍ପୃକ୍ତ ବିଭାଗକୁ ପ୍ରଦାନ କରିବେ । ଶୁଣାଣିର ବିବରଣୀ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏର ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ହେବ ।

ପ୍ରଶ୍ନ ୮ : ଜଣେ ଅଭିଯୋଗକାରୀ ଲୋକପାଳଙ୍କୁ କିପରି ଅଭିଯୋଗ କରିବେ ?

ଉତ୍ତର :

- ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଥିବା କୌଣସି ବ୍ୟକ୍ତି ସ୍ୱୟଂ କିମ୍ବା ନିଜ ପ୍ରତିନିଧିଙ୍କ ଦ୍ୱାରା ନିଜ ଦ୍ୱାରା କିମ୍ବା ଉକ୍ତ ପ୍ରତିନିଧିଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ଲିଖିତ ଅଭିଯୋଗ ଲୋକପାଳଙ୍କୁ ପ୍ରଦାନ କରିପାରିବେ ।
- ଅଭିଯୋଗକାରୀ ଯେଉଁ ଅଫିସରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ତାଙ୍କର ନାମ ଏବଂ ନିଜର ନାମ ଓ ଠିକଣା ଉଲ୍ଲେଖ କରିବା ଆବଶ୍ୟକ ।
- ବୈଦ୍ୟୁତିକ ମାଧ୍ୟମରେ କରାଯାଉଥିବା ଅଭିଯୋଗ ଲୋକପାଳଙ୍କ ଦ୍ୱାରା ଗ୍ରହଣୀୟ ହେବ । ଏହି ଅଭିଯୋଗର ଏକ ଛପା ନକଲ ତାଙ୍କର ରେକର୍ଡ ନିମନ୍ତେ ରହିବ । ଏହି ଛପା ନକଲ ଅଭିଯୋଗକାରୀଙ୍କ ଦ୍ୱାରା ଦସ୍ତଖତ ହୋଇଥିବା ଆବଶ୍ୟକ । ଏହି ସ୍ୱାକ୍ଷର ହୋଇଥିବା ନକଲକୁ ଅଭିଯୋଗ ଭାବେ ଧରାଯିବ, କିନ୍ତୁ ଯେଉଁ ତାରିଖରେ ବୈଦ୍ୟୁତିକ ଗଣମାଧ୍ୟମ ଦ୍ୱାରା ଅଭିଯୋଗ ହୋଇଥିଲା ସେହି ତାରିଖକୁ ବିଚାରକୁ ନିଆଯିବ ।

ପ୍ରଶ୍ନ ୯ : ଅଭିଯୋଗର ସମାଧାନ ନିମନ୍ତେ ଲୋକପାଳ କେଉଁ ପ୍ରକ୍ରିୟା ଅବଲମ୍ବନ କରିବେ ?

ଉତ୍ତର : ଅଭିଯୋଗର ସମାଧାନ ନିମନ୍ତେ ଲୋକପାଳ ନିମ୍ନୋକ୍ତ ପଦ୍ଧତି ଅବଲମ୍ବନ କରିବେ ;

- ଅଭିଯୋଗ ପାଇବା ପରେ ଲୋକପାଳ ୭ ଦିନ ମଧ୍ୟରେ ଏହାର ସମାଧାନ ନିମନ୍ତେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି । ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ ଅଧିକାରୀ ଅଭିଯୋଗର ସମାଧାନ କରିବାରେ ବିଫଳ ହେଲେ ଲୋକପାଳ ସ୍ୱୟଂ ଏହାର ସମାଧାନ କରିବେ
- ଯେତେବେଳେ ପକ୍ଷ କେସ୍‌ର ତଥ୍ୟକୁ ସ୍ୱୀକାର କରନ୍ତି, ଲୋକପାଳ ଆଇନ୍ ଅନୁଯାୟୀ ଏହାର ସମାଧାନ କରନ୍ତି ।

୧୭. ସଂଯୁକ୍ତିକରଣ

ପ୍ରଶ୍ନ ୧ : ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟକ୍ରମ ସହ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର ସଂଯୁକ୍ତିକରଣର ଅଭିପ୍ରାୟ କ'ଣ ?

ଉତ୍ତର : ଅନ୍ୟାନ୍ୟ ଉନ୍ନତିମୂଳକ ଯୋଜନା ସହ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର ସଂଯୁକ୍ତିକରଣର ମୁଖ୍ୟ ଅଭିପ୍ରାୟ ହେଉଛି ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରିବା ।

- ସ୍ଥାୟୀ ସମ୍ପତ୍ତି ସୃଷ୍ଟି ନିମନ୍ତେ ଆବଶ୍ୟକ ଦ୍ରବ୍ୟ ନିମନ୍ତେ ବ୍ୟୟର ଆବଶ୍ୟକତା ପୂରଣ କରିବା ।
- ପ୍ରାଥମିକ ଅଂଶଗ୍ରହଣକାରୀମାନଙ୍କ କ୍ଷମତା ମଜଭୁତ୍ କରିବା ।
- ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ କର୍ମଚାରୀମାନେ ସବ୍‌ସିଡ଼ି ପାଇପାରିବା ।
- ଯଦି ଦରକାର ପଡ଼େ ଅତିରିକ୍ତ ମଜୁରୀ ଖର୍ଚ୍ଚ ପୂରଣ କରିବା ।
- ଅନ୍ୟାନ୍ୟ ଜନ ହିତକାରୀ କାର୍ଯ୍ୟ ଯଥା:- ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ, ବୀମାର ବିହିତ ବ୍ୟବସ୍ଥା ତଥା ପେନ୍‌ସନ୍ ଆଦି ସହ ସଂଯୁକ୍ତ କରିବା ।

ପ୍ରଶ୍ନ ୨ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ କର୍ମଚାରୀଙ୍କ ସୁବିଧା ନିମନ୍ତେ କେଉଁ ସାମାଜିକ ଯୋଜନାଗୁଡ଼ିକ ସହ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ସଂଯୁକ୍ତ ହୋଇପାରିବ ?

ଉତ୍ତର : ୧. ଜାତୀୟ ସାକ୍ଷରତା ମିଶନ: ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏ କର୍ମଚାରୀମାନଙ୍କୁ ଶିକ୍ଷିତ କରିବା ନିମନ୍ତେ ।

୨. ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ: ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର କର୍ମଚାରୀମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, ପରିମଳ ତଥା ପୁଷ୍ଟି ସମ୍ବନ୍ଧରେ ସଚେତନତା ଜାଗ୍ରତ କରିବା ନିମନ୍ତେ ।

୩. ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ: ଅନ୍ୟ ବିଭାଗଗୁଡ଼ିକ ଦ୍ୱାରା ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ର କର୍ମଚାରୀମାନଙ୍କ ନିମନ୍ତେ ବୀମାର ବିହିତ ବ୍ୟବସ୍ଥା କରିବା ।

୪. ସମନ୍ୱିତ ଶିଶୁ ବିକାଶ ଯୋଜନା: ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ କର୍ମଚରୀଙ୍କ ପିଲା ତଥା ଗର୍ଭବତୀ କର୍ମଚରୀମାନଙ୍କ ଯତ୍ନ ନେବା ନିମନ୍ତେ ।

ପ୍ରଶ୍ନ ୩ : ଉକ୍ତ କାର୍ଯ୍ୟକ୍ରମଗୁଡ଼ିକର ନାମ ଉଲ୍ଲେଖ କର ଯାହା ସହ ଏନ୍‌ଆର୍‌ଇଜିଏସ ସଂଯୁକ୍ତିକରଣ ହୋଇଛି ?

ଉତ୍ତର : ଅକ୍ଟୋବର ୯ ତାରିଖରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ନିମ୍ନୋକ୍ତ କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମ ସହ ସଂଯୁକ୍ତ ହୋଇଛି ।

ରାଜ୍ୟ ସରକାର ଅନ୍ୟକେତେକ ରାଜ୍ୟ ଯୋଜନା/ କାର୍ଯ୍ୟକ୍ରମ ସହ ଏହାକୁ ସଂଯୁକ୍ତ କରିପାରନ୍ତି ।

- ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା
- ଜଳଛାୟା କାର୍ଯ୍ୟକ୍ରମ
- ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା
- ଜାତୀୟ ଉଦ୍ୟାନ କୃଷି ମିଶନ୍
- ଜାତୀୟ ଖାଦ୍ୟ ନିରାପତ୍ତା ମିଶନ୍
- ତୃଣଭୂମି ଉନ୍ନୟନ କାର୍ଯ୍ୟକ୍ରମ
- ପଛୁଆ ଅଞ୍ଚଳ ବିକାଶ ପାଣ୍ଠି
- ଜାତୀୟ ବନୀକରଣ କାର୍ଯ୍ୟକ୍ରମ
- କୂପଉଦ୍ଧାର ଯୋଜନା ଏବଂ ଭୂତଳ ଜଳ ପରିଚାଳନା ଏବଂ ନିୟନ୍ତ୍ରଣ ଯୋଜନା
- ଜଳଉତ୍ସର ପୁନରୁଦ୍ଧାର, ମରାମତି ଓ ନବୀକରଣ
- କୃଷିବିଜ୍ଞାନ କେନ୍ଦ୍ରର କ୍ଷେତ୍ର ପ୍ରଦର୍ଶନୀ ।

୧୮. ଓଡ଼ିଶାରେ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍

ପ୍ରଶ୍ନ ୧ : ମହାତ୍ମାଗାନ୍ଧୀ ଏନ୍‌ଆରଇଜିଏସ୍ ଓଡ଼ିଶାରେ କେବେଠାରୁ କାର୍ଯ୍ୟକାରୀ ହେଲା ?

ଉତ୍ତର : ୨୦୦୬ ମସିହା ଫେବୃଆରୀ ମାସ ୨ ତାରିଖଠାରୁ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍ ଓଡ଼ିଶାର ୧୯ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଲା ।

ପ୍ରଶ୍ନ ୨ : ଏହା କେଉଁ ମସିହାରେ ସମଗ୍ର ରାଜ୍ୟକୁ ସଂପ୍ରସାରିତ ହେଲା ?

ଉତ୍ତର : ଏହାପରେ ୨୦୦୭ ମସିହା ଏପ୍ରିଲ ୧ ତରିଖରେ ଏହା ଆଉ ୬ଟି ଜିଲ୍ଲାକୁ ସଂପ୍ରସାରିତ ହେଲା । ୨୦୦୮ ମସିହା ଏପ୍ରିଲ ମାସରେ ଶେଷ ୫ଟି ଜିଲ୍ଲାକୁ ମିଶାଇ ସମଗ୍ର ରାଜ୍ୟରେ ଏହା କାର୍ଯ୍ୟକାରୀ ହେଲା ।

ପ୍ରଶ୍ନ ୩ : ଏନ୍‌ଆର୍‌ଇଜିଏସ୍ ଆରମ୍ଭ ସମୟରେ ଏହି ମଜୁରୀ ଦର କେତେ ଥିଲା ? ଏହା ସମୟାନୁକ୍ରମେ କିଭଳି ବୃଦ୍ଧି କରାଯାଇଛି ?

ଉତ୍ତର : ଏନ୍‌ଆର୍‌ଇଜିଏସ୍ ଆରମ୍ଭ ସମୟରେ ସାଧାରଣ ମାଟି, କଠିନ ମାଟି, ଏବଂ ପଥୁରିଆ ମାଟି କାମ ୧୦୦ ଘନ ଫୁଟ ପାଇଁ ଯଥାକ୍ରମେ ଟ.୧୦୦/-, ଟ.୧୩୫/- ଏବଂ ୨୧୦/- ହିସାବରେ ମଜୁରୀ ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ଧାର୍ଯ୍ୟ କରିଥିଲେ । ପରେ ରାଜ୍ୟ ସରକାରଙ୍କ ପତ୍ର ସଂଖ୍ୟା- ୩୫୦୯୯ ତା ୩.୧୧.୨୦୦୯ ରିଖ ଅନୁଯାୟୀ ଏହି କାର୍ଯ୍ୟର ସାଧାରଣ ମାଟି, କଠିନ ମାଟି, ଏବଂ ପଥୁରିଆ ମାଟି କାମ ପାଇଁ ଯଥାକ୍ରମେ ଟ. ୧୨୦/-, ଟ.୧୬୦/- ଏବଂ ୨୫୦/- ହିସାବରେ ମଜୁରୀ ପ୍ରଦାନ କରାଯିବ ବୋଲି ଧାର୍ଯ୍ୟ କରାଗଲା । ଏହି ବର୍ଦ୍ଧିତ ହାର ତା ୩.୧୧.୨୦୦୯ ରିଖ ଠାରୁ ଲାଗୁ କରାଯାଇଥିଲା। ବର୍ତ୍ତମାନ ପତ୍ର ସଂଖ୍ୟା----------/ ତା ବଳରେ ଏହାକୁ ଟ୧୪୫, ଟ୧୮୦, ଟ୨୫୦କୁ ପୁନଶ୍ଚ ବର୍ଦ୍ଧିତ କରାଯାଇଛି ।

ପ୍ରଶ୍ନ ୪ : ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ରେ ପ୍ରକଳ୍ପ ଆରମ୍ଭ ସଭା କରିବା ନିମନ୍ତେ ରାଜ୍ୟ ସରକାର କି କି ନିୟମାବଳୀ ପ୍ରସ୍ତୁତ କରିଛନ୍ତି ?

ଉତ୍ତର : ଗ୍ରାମାଞ୍ଚଳ ଶ୍ରମିକ ମାନଙ୍କ ମଧ୍ୟରେ ଏନ୍‌ଆର୍‌ଇଜିଏସ୍ ଯୋଜନାର ବହୁଳ ପ୍ରସାର ନିମନ୍ତେ ପ୍ରକଳ୍ପ ପ୍ରାରମ୍ଭ ସଭା ରାଜ୍ୟ ସରକାରଙ୍କର ଏକ ଅଭିନବ ପ୍ରୟାସ।

ସଭାର କାର୍ଯ୍ୟକାରିତା ସମ୍ବନ୍ଧୀୟ ନିୟମାବଳୀ

- ପ୍ରକଳ୍ପ ଆରମ୍ଭର ପ୍ରଥମଦିନ ଗାଁ/ କାର୍ଯ୍ୟସ୍ଥଳୀରେ ଏହା ଆୟୋଜନ କରାଯିବ।
- ପଞ୍ଚାୟତସମିତିର କାର୍ଯ୍ୟକ୍ରମ ଅଧିକାରୀ (ବି.ଡି.ଓ) କିମ୍ବା ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀ ଏହି ସଭା ଆହ୍ୱାନ କରିବେ ଏବଂ ଏହାର ସଫଳତା ପାଇଁ ଗ୍ରାମଞ୍ଚଳରେ ଯଥେଷ୍ଟ ପରିମାଣର ପ୍ରସାର ପ୍ରଚାର କରିବେ।
- ଏହି ସଭାରେ ଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ସମସ୍ତ ନିୟମାବଳୀ ତଥା ଶ୍ରମିକ ମାନଙ୍କର ଅଧିକାର ବିଷୟରେ ଆଲୋଚନା କରାଯିବ ଏବଂ ନୂତନ ଭାବେ ଚାହୁଁଥିବା ବ୍ୟକ୍ତି ମାନଙ୍କର ସଙ୍ଗେ ସଙ୍ଗେ ପିକରଣ କରାଯିବ।
- ଏହି ଯୋଜନାରେ ଜବକାର୍ଡର ଗୁରୁତ୍ୱ,ପ୍ରକଳ୍ପରେ ହେବାକୁ ଥିବା କାର୍ଯ୍ୟ, ଅଟକଳ ଓ କେଉଁ କାର୍ଯ୍ୟ ପାଇଁ କିଭଳି ମଜୁରୀ ପ୍ରଦାନ କରାଯିବ ତାହା ସଂପର୍କରେ ଆଲୋଚନା ହେବ। ଠିକା ମଜୁରୀ ଓ ଦିନ ମଜୁରୀ ସଂପର୍କରେ ଆଲୋଚନା ସମୟରେ ମାଟିକାମରେ ଦିଆଯିବାକୁ ଥିବା ଠିକା ମଜୁରୀକୁ ଏକ ନମୁନା ପିଟ୍‌ର ପ୍ରଦର୍ଶନ ମାଧ୍ୟମରେ ବୁଝାଇ ଦିଆଯିବ। ଏହା ସହିତ କାର୍ଯ୍ୟସ୍ଥଳରେ ଦିଆଯାଉଥିବା ଆନୁଷଙ୍ଗିକ ସୁବିଧା ଯଥା- ପାନୀୟ ଜଳ, ଶ୍ରମିକମାନଙ୍କ ନିମଟ୍‌ ଛାମୁଡ଼ିଆ, ପ୍ରାଥମିକ ଚିକିତ୍ସା ସୁବିଧା, ମଜୁରୀ ପ୍ରଦାନ ତାରିଖ ଆଦି ବିଷୟରେ ଅବଗତ କରାଯିବ।
- ଏହି ସଭାରେ ଗ୍ରାମସ୍ତରୀୟ ତଦାରଖ କମିଟି ଗଠନ କରାଯାଇ ସେମାନଙ୍କ ଭୂମିକା ସମ୍ପର୍କରେ ତଥା ପ୍ରକଳ୍ପର ଯୋଜନା ଅଟକଳ, ଆବଶ୍ୟକୀୟ ଶ୍ରମିକ, ସାମାଜିକ ସମୀକ୍ଷା,ଅଭିଯୋଗ ଶୁଣାଣି ଓ ସମାଧାନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯିବ।

ପ୍ରଶ୍ନ ୫ : ରାଜ୍ୟ ସରକାର କେବେ ଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ବହୁମୁଖି କୃଷି ପୋଖରୀ ନିମଟ୍‌ ନିର୍ଦ୍ଦେଶାବଳୀ ଜାରୀ କରଛଟ୍‌ ?

ଉତ୍ତର : ଗ୍ରାମାଞ୍ଚଳରେ କୃଷି କାର୍ଯ୍ୟକୁ ବ୍ୟାପକ କରିବା ପାଇଁ ଜଳସଂରକ୍ଷଣ, ଜଳଅମଳ ଓ ଜଳ ସେଚନର ଆବଶ୍ୟକତା ରହିଛି। ଏଥି ନିମଟ୍‌ ଏନ୍‌ଆର୍‌ଇଜିଏସ୍ ଅ'ର୍ଗତ ଏଭଳି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ କରିବା ପାଇଁ ଆଇନତଃ ବ୍ୟବସ୍ଥା ରହିଛି। ଗ୍ରାମର ଗରୀବ ଚାଷୀମାନଙ୍କ ଆର୍ଥିକ ଉନ୍ନତି ନିମଟ୍‌ ବହୁମୁଖୀ କୃଷି ପୋଖରୀ ଖନନ ପାଇଁ ରାଜ୍ୟ ସରକାର ପଞ୍ଚାୟତରାଜ ବିଭାଗ ପତ୍ର ସଂ - ୩୮୪ ତା ୪.୧.୧୦ ରିଖରେ ଏକ ନିର୍ଦ୍ଦେଶାବଳୀ ଜାରୀ କରିଛଟ୍‌।

ପ୍ରଶ୍ନ ୬ : ଏହି ବହୁମୁଖୀ କୃଷି ପୋଖରୀ ଖନନର ଉଦ୍ଦେଶ୍ୟ କିଭଳି ଭାବେ ଏନ୍‌ଆରଇଜିଏସ୍ ର ଆଭିମୁଖ୍ୟକୁ ପୂରଣ କରୁଛି ?

ଉତ୍ତର : ଗ୍ରାମାଞ୍ଚଳ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ନିଜସ୍ୱ ଜମିରେ ବହୁମୁଖୀକୃଷି ପୋଖରୀ ଖନନ କରି ବ୍ୟାପକ ନିଯୁକ୍ତି ସୃଷ୍ଟି କରିବା ସହିତ ଜଳ ସଂରକ୍ଷଣ, ଜଳ ଅମଳ, ଉଦ୍ୟାନକୃଷି ଓ ସୁରକ୍ଷାଭିତ୍ତିକ ଜଳ ସେଚନ ମାଛଚାଷ ଇତ୍ୟାଦି କରାଯାଇ ସେମାନଙ୍କ ଜୀବନ ଜୀବିକାର ସ୍ଥିତିରେ ଉନ୍ନତି ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହାଫଳରେ ଏନ୍‌ଆର୍‌ଇଜିଏସ୍‌ର ଆଭିମୁଖ୍ୟ ପୂରଣ ହେଉଛି ।

ପ୍ରଶ୍ନ ୭ : ଏଥି ନିମନ୍ତେ କି କି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ?

ଉତ୍ତର : ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ପ୍ରତ୍ୟେକ ବ୍ଲକ ପିଛା ୫୦ ଗୋଟି ବହୁମୁଖୀ କୃଷି ପୋଖରୀ ଖନନ କରାଯିବା ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏଥିରେ ୫୦% ହିତାଧିକାରୀ ହରିଜନ ଓ ଆଦିବାସୀ ସଂପ୍ରଦାୟର ହେବା ଆବଶ୍ୟକ। କିନ୍ତୁ ପୂର୍ବରୁ ନିର୍ଗମନ ହୋଇସାରିଥିବା ପତ୍ର ସଂ- ୩୧୫୭୭ ତା ୩୦.୦୯.୦୯ ପ୍ରକାରେ ଅଧିକରୁ ଅଧିକ ସାଧାରଣ କୃଷି ପୋଖରୀ ଖନନ କରାଯାଇ ପାରିବ।

ପ୍ରଶ୍ନ ୮ : ଏଥି ନିମନ୍ତେ ହିତାଧିକାରୀଙ୍କର କି ଯୋଗ୍ୟତା ଥିବା ଆବଶ୍ୟକ ?

ଉତ୍ତର : ଗ୍ରାମାଞ୍ଚଳରେ ପିକୃତ ଜବକାର୍ଡଧାରୀ ପରିବାର ଯିଏ କ୍ଷୁଦ୍ର କିମ୍ବା ନାମମାତ୍ର ଚାଷୀ ହୋଇଥିବେ ଏବଂ ତାଙ୍କର ଆବଶ୍ୟକତା ଅନୁଯାୟୀ ସର୍ବନିମ୍ନ ଜମି ଉପଲବ୍ଧ ଥିବ ସେହି ପରିବାର ଏଥି ନିମନ୍ତେ ଯୋଗ୍ୟ ବିବେଚିତ ହେବେ।

ପ୍ରଶ୍ନ ୯ : ଏଥି ନିମନ୍ତେ ହିତାଧିକାରୀ କିଭଳି ଚୟନ କରାଯିବ ?

ଉତ୍ତର : ଜିଲ୍ଲାର ମତ୍ସ୍ୟ ବିଭାଗର କର୍ମକର୍ତ୍ତା ମାନଙ୍କ ଦ୍ୱାରା ବହୁମୁଖୀ କୃଷି ପୋଖରୀର ହିତାଧିକାରୀ ଚିହ୍ନଟ କରାଯାଇ ବ୍ଲକୱାରୀ ଏକ ତାଲିକା ମତ୍ସ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକ/ଜିଲ୍ଲାମତ୍ସ୍ୟ ଅଧିକାରୀଙ୍କ ଦ୍ୱାରା ସଂପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରାଯିବ ଏବଂ ଏନ୍‌ଆର୍‌ଇଜିଏସ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ଉପଯୁକ୍ତ ଫୋରମରେ ଅନୁମୋଦନ କରାଯାଇ କାର୍ଯ୍ୟକାରୀ କରାଯିବ।

ପ୍ରଶ୍ନ ୧୦ : ଏହାକୁ କିଏ କାର୍ଯ୍ୟକାରୀ କରିବ ?

ଉତ୍ତର : ରାଜ୍ୟ ସରାକାର ଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ବହୁମୁଖୀ କୃଷି ପୋଖରୀ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ନୋଡାଲ ସଂସ୍ଥା ରୂପେ କାର୍ଯ୍ୟ କରିବ ଏବଂ ସଂଯୁକ୍ତ ବିଭାଗର ଜିଲ୍ଲା ସ୍ତରୀୟ କର୍ତ୍ତୃପକ୍ଷଙ୍କୁ ଡି.ଆର.ଡି.ଏ ରୁ ଅର୍ଥ ଯୋଗାଇ ଦିଆଯିବ।

ପ୍ରଶ୍ନ ୧୧ : ଏହି ବହୁମୁଖୀ କୃଷି ପୋଖରୀ ପ୍ରକଳ୍ପର ମୂଲ୍ୟ କିଭଳି ଧାର୍ଯ୍ୟ କରାଯାଇଅଛି ?

କ୍ର ନଂ	ମାଟିର ପ୍ରକାର	ଜମିର ପରିମାଣ ଏକରରେ	ଜଳଧାରଣ ଅଞ୍ଚଳ ଏକରରେ	ପୋଖରୀର ଆକାର	ମୋଟମାଟି (ଘନ ଫୁଟରେ)	ପ୍ରକୃତ ପରିମାଣ ଅନୁଯାୟୀ ପ୍ରକଳ୍ପର ମୂଲ୍ୟ ନିର୍ଦ୍ଧାରିତ ସିଲିଂ ମଧ୍ୟରେ
୧	ସାଧାରଣ ମାଟି	୦.୬୭	୦.୫୦	୧୮୯ ଫୁଟ୍ ଘ ୧୫୪ଫୁଟ୍ ଘ ୫ ଫୁଟ୍	୮୭୭୪୦	ଟ. ୧,୧୫,୦୦୦.୦୦
୨	୫୦% ସାଧାରଣ ମାଟି ୫୦ % କଠିନ ମାଟି	-ଏଜନ-	-ଏଜନ-	-ଏଜନ-	-ଏଜନ-	ଟ.୧,୩୨,୫୦୦.୦୦
୩	କଠିନ ମାଟି	-ଏଜନ-	-ଏଜନ-	-ଏଜନ-	-ଏଜନ-	ଟ.୧,୫୦,୦୦୦.୦୦

ପ୍ରଶ୍ନ ୧୨ : ଏହା କିଭଳି କାର୍ଯ୍ୟକାରୀ ହେବ ?

ଉତ୍ତର : ବଛାଯାଇଥିବା ହିତାଧିକାରୀ ଜମିର ମାଲିକାନା ସ୍ୱତ୍ୱାଧିକାର ନକଲ ଓ ଅନ୍ୟାନ୍ୟ କାଗଜ ପତ୍ର ସହିତ ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ/ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଆବେଦନ କରିବେ। ହିତାଧିକାରୀଙ୍କ ଯୋଗ୍ୟତା ଓ ପ୍ରକଳ୍ପର କାର୍ଯ୍ୟକାରିତା କ୍ଷେତ୍ର କର୍ମଚାରୀ ଦ୍ୱାରା ଯାଞ୍ଚ କରାଯାଇ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯିବ । ଏହି କୃଷି ପୋଖରୀ ଖନନ କାର୍ଯ୍ୟରେ ସଂପୃକ୍ତ ପରିବାର ତଥା ଅନ୍ୟାନ ପଞ୍ଜୀକୃତ ଜବକାର୍ଡଧାରୀ ଶ୍ରମିକମାନେ ନିୟୋଜିତ ହେବେ। ଏହି କାର୍ଯ୍ୟରେ କାର୍ଯ୍ୟର ମାପକୁ ଭିତ୍ତିକରି ମଜୁରୀ ଦିଆଯିବ। ଜିଲ୍ଲା ମତ୍ସ୍ୟ ବିଭାଗ ଏହି କାର୍ଯ୍ୟରେ ବ୍ୟବହୃତ ମଷ୍ଟର ରୋଲ୍ ଓ ଅନ୍ୟାନ ଖର୍ଚ୍ଚ ବିବରଣୀ କଂପ୍ୟୁଟର ମାଧ୍ୟମରେ ସଂପୃକ୍ତ ପଞ୍ଚାୟତ ସମିତିକୁ ପ୍ରଦାନ ସହିତ ସଂପୃକ୍ତ ଗ୍ରାମପଞ୍ଚାୟତକୁ ରେକର୍ଡ ନିମନ୍ତେ ହସ୍ତାନ୍ତର କରିବେ। ଜିଲ୍ଲା ମତ୍ସ୍ୟ ବିଭାଗର କର୍ମକର୍ତ୍ତା ତଥା ବ୍ଲକରେ ନିୟୋଜିତ ମତ୍ସ୍ୟ ସଂପ୍ରସାରଣ ଅଧିକାରୀ କୃଷି ପୋଖରୀରେ ସଫଳ ମାଛଚାଷ ନିମନ୍ତେ ନିୟମିତ ଆବଶ୍ୟକୀୟ ସହାୟତା ଯୋଗାଇଦେବେ।

ଏହି ବହୁମୁଖୀ କୃଷି ପୋଖରୀ ଖନନ ପ୍ରକଳ୍ପ କାର୍ଯ୍ୟକାରୀ ବେଳେ ଏନ୍‌ଆର୍‌ଇଜିଏର ନିୟମାବଳୀକୁ କଡାକଡି ଅନୁସରଣ କରି କାର୍ଯ୍ୟକାରୀ କରାଯିବ।

ପ୍ରଶ୍ନ ୧୩ : ଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ 'ମୋ ପୋଖରୀ' ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ସରକାର କେବେ ନିଷ୍ପତ୍ତି ନେଲେ ?

ଉତ୍ତର : ରାଜ୍ୟ ସରକାର ପତ୍ର ସଂଖ୍ୟା ୩୭୫୧୮ ତା ୨୫. ୧୧. ୨୦୦୯ରିଖ ଅନୁଯାୟୀ ଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ 'ମୋ ପୋଖରୀ' ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ନିଷ୍ପତ୍ତି ନେଲେ ।

ପ୍ରଶ୍ନ ୧୪ : ଏହି 'ମୋ ପୋଖରୀ' ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ?

ଉତ୍ତର : ଏହି 'ମୋ ପୋଖରୀ' ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସଂପୃକ୍ତ ପୋଖରୀକୁ ଜଳସେଚନ, ପନିପରିବା ଚାଷ, ମତ୍ସ୍ୟଚାଷ ଓ ଅନ୍ୟାନ୍ୟ ଆନୁସଙ୍ଗିକ କାମ ପାଇଁ ବ୍ୟବହାର ଯୋଗ୍ୟ କରିବା।

ପ୍ରଶ୍ନ ୧୫ : ଏହି 'ମୋ ପୋଖରୀ' ଯୋଜନା ନିମନ୍ତେ ହିତାଧିକାରୀଙ୍କର କି କି ଯୋଗ୍ୟତା ଥିବା ଆବଶ୍ୟକ ?

ଉତ୍ତର :

- ଏହି ଉପ ଯୋଜନା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜମିରେ ଏନ୍‌ଆର୍‌ଇଜିଏସ୍ ପାଣ୍ଠି ବିନିଯୋଗ କରି କାର୍ଯ୍ୟକାରୀ କରାଯିବ।
- ସମ୍ପୃକ୍ତ ଜମି ହିତାଧିକାରୀଙ୍କ ନାମରେ ରେକର୍ଡ ଭୁକ୍ତ ହୋଇଥିବ ବା ଉତ୍ତରାଧିକାରୀ ସୁତ୍ରରେ ଜମିର ମାଲିକାନାସତ୍ତ୍ୱ ହସ୍ତାନ୍ତରିତ ହୋଇଥିବ ବା ହେବାର ଥିବ।
- ହିତାଧିକାରୀ ଏନ୍‌ଆର୍‌ଇଜିଏସ୍ ପୀକରଣ କରି କାର୍ଯ୍ୟପତ୍ର (ଜବକାର୍ଡ) ହାସଲ କରିଥିବେ ଓ 'ମୋ ପୋଖରୀ' କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବେ।
- କାର୍ଯ୍ୟାଦେଶ (ୱାର୍କ ଅର୍ଡର) ହିତାଧିକାରୀ ଚାଷୀଙ୍କ ନାମରେ ଦିଆଯିବ।

ପ୍ରଶ୍ନ ୧୬ : ପଞ୍ଚାୟତରାଜ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଷ୍ଟାଣ୍ଡାର୍ଡ଼ ଯୋଜନା ଓ ଅଟକଳ କିଭଳି ହେବ ?

ଉତ୍ତର :

- କାର୍ଯ୍ୟ ପତ୍ରଧାରୀ ମାନଙ୍କୁ ନିୟୋଜିତ କରି ଏହି କାର୍ଯ୍ୟ ସମ୍ପାଦନ କରାଯିବ।
- ବ୍ୟାଙ୍କ କିମ୍ବା ପୋଷ୍ଟଅଫିସ ରେ ଆକାଉଣ୍ଟ ମାଧ୍ୟମରେ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା କାର୍ଯ୍ୟପତ୍ରଧାରୀ ମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବ।
- ଏହି କାର୍ଯ୍ୟରେ ଖଣ୍ଡ ହିସାବ ଅନୁଯାୟୀ ସମ୍ପାଦିତ କାର୍ଯ୍ୟର ପରିମାଣ କୁ ଭିତ୍ତି କରି ମଜୁରୀ ପ୍ରଦାନ କରାଯିବ।
- ଏନ୍‌ଆର୍‌ଇଜିଏସ୍ ପାଣ୍ଠି ବିନିଯୋଗ କରି ଏହି କାର୍ଯ୍ୟ ସମ୍ପାଦନ ହେଉଥିବାରୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ମାର୍ଗଦର୍ଶିକା ଓ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀକୁ କଡାକଡି ଭାବରେ ପାଳନ କରାଯିବ। ଏହି ପ୍ରକଳ୍ପ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ସମ୍ପନ୍ନ କରାଯାଉଥିବା ଦୃଷ୍ଟିରୁ ଯୁଦ୍ଧକାଳୀନ ଭିତ୍ତିରେ ହିତାଧିକାରୀ ଚୟନ କରି ତୁରନ୍ତ ଏହାର ରୂପାୟନ କରିବାକୁ ପଦକ୍ଷେପ ନେବା ଆବଶ୍ୟକ।

ପ୍ରଶ୍ନ ୧୭ : ରାଜ୍ୟ ସରକାର ସାମାଜିକ ସମୀକ୍ଷା ନିମନ୍ତେ ଏକ ନିର୍ଦ୍ଦେଶାବଳୀ ଅଧିସୂଚୀତ କରିଛନ୍ତି । ଏହି ସାମାଜିକ ସମୀକ୍ଷା ନିର୍ଦ୍ଦେଶାବଳୀ ଅନୁଯାୟୀ ସାମାଜିକ ସମୀକ୍ଷାର ସଂଜ୍ଞାକ'ଣ ?

ଉତ୍ତର : ଗ୍ରାମସଭା/ପଲ୍ଲିସଭାର ପ୍ରତ୍ୟକ୍ଷ ସଂଯୋଜନାରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ସମସ୍ତ ଅଣକୁଶଳୀ ଶ୍ରମଜୀବି ଓ ଅନ୍ୟ ଦାବିଦାର ମାନଙ୍କଦ୍ୱାରା ଯେକୌଣସି ଯୋଜନା/ପ୍ରକଳ୍ପର ସମୀକ୍ଷା କରିବାର ପ୍ରଣାଳୀ ହିଁ ସାମାଜିକ ସମୀକ୍ଷା ।

ପ୍ରଶ୍ନ ୧୮ : କେଉଁମାନେ ଏହି ସାମାଜିକ ସମୀକ୍ଷାରେ ଅଂଶଗ୍ରହଣ କରିପାରିବେ ?

ଉତ୍ତର : ଦାବିଦାରଙ୍କ ମଧ୍ୟରେ ଅଣକୁଶଳୀ ଶ୍ରମଜୀବି ଯିଏକି ପ୍ରାଥମିକ ଦାବିଦାର ତାଙ୍କର ପରିବାରର ସଦସ୍ୟ, ସଂପୃକ୍ତ ଗ୍ରାମ ସଭା/ ପଲ୍ଲୀ ସଭାର ବାସିନ୍ଦା, ଏହି ଯୋଜନାର କାର୍ଯ୍ୟକାରୀତାରେ ସମ୍ପୃକ୍ତ ଥିବା ସଙ୍ଗଠନ ଓ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିସମୂହ ଅଂଶଗ୍ରହଣ କରିପାରିବେ ।

ପ୍ରଶ୍ନ ୧୯ : ସାମାଜିକ ସମୀକ୍ଷାର କି ଉପକାରୀତା ଅଛି ?

ଉତ୍ତର : ସାମାଜିକ ସମୀକ୍ଷାରେ ଆଲୋଚନା ଓ ସହଭାଗୀତା ମାଧ୍ୟମରେ ଯୋଜନା କାର୍ଯ୍ୟକ୍ରମ ରୂପାୟନ ପଦ୍ଧତିର ପ୍ରଭାବଶାଳୀ ଢଙ୍ଗରେ ପର୍ଯ୍ୟାଲୋଚନା କରାଯାଇଥାଏ । ଆପତ୍ତି ଅଭିଯୋଗ ଦୂର ହେବା ସହ ସଂଶୋଧିତ କାର୍ଯ୍ୟଧାରାକୁ ମଧ୍ୟ ସାମାଜିକ ସମୀକ୍ଷା ପ୍ରଭାବ ପକାଇଥାଏ, ଯାହାକି ଯୋଜନାର ଅପେକ୍ଷାକୃତ ଉତ୍ତମ କାର୍ଯ୍ୟକାରିତା ତଥା ନିଧାର୍ଯ୍ୟ ସଫଳତା ଆଣିଥାଏ । ଯୋଜନା ସମ୍ବନ୍ଧରେ ଦାବୀଦାରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ମଧ୍ୟ ସାମାଜିକ ସମୀକ୍ଷାର ଏକ ମୁଖ୍ୟ ଅଭିପ୍ରାୟ ।

ପ୍ରଶ୍ନ ୨୦ : ସାମାଜିକ ସମୀକ୍ଷା ନିମନ୍ତେ ଏହି ନିର୍ଦ୍ଦେଶାବଳୀରେ ଥିବା ବିଧି ବ୍ୟବସ୍ଥାଗୁଡ଼ିକ କ'ଣ ?

ଉତ୍ତର : ଗ୍ରାମପଞ୍ଚାୟତ ସୀମା ମଧ୍ୟରେ ଯେ କୌଣସି ଅନୁଷ୍ଠାନ/ସଂସ୍ଥାଦ୍ୱାରା କାର୍ଯ୍ୟକାରୀ ହେଉଥିବା ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ କାର୍ଯ୍ୟଗୁଡିକ ନିୟମିତ ସାମାଜିକ ସମୀକ୍ଷା ଆୟୋଜନ କରିବା ପାଇଁ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଆଇନ ୨୦୦୫ର ଧାରା ୧୭ ଅନୁଯାୟୀ ଗ୍ରାମ ସଭା ଆଇନତଃ ବାଧ୍ୟ ଅଟେ ।

- ଏ ସଂକ୍ରାନ୍ତରେ ପ୍ରତି ଗ୍ରାମ ସ୍ତରରେ ସାମାଜିକ ସମୀକ୍ଷା କମିଟି ସାମାଜିକ ସମୀକ୍ଷାର ଆୟୋଜନ କରିବେ ।
- ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଶ୍ରମଜୀବିମାନଙ୍କ ମଧ୍ୟରୁ ପ୍ରତି ଗ୍ରାମର ପଲ୍ଲିସଭା ସାମାଜିକ ସମୀକ୍ଷା କମିଟି ସଦସ୍ୟ ଭାବରେ ମନୋନୟନ କରିବେ । ପ୍ରତିବର୍ଷ ଫେବୃଆରୀ ମାସରେ ଅନୁଷ୍ଠିତ ହେଉଥିବା ପଲ୍ଲିସଭା ବୈଠକରେ ସଦସ୍ୟମାନଙ୍କୁ ମନୋନୀତ କରାଯିବ ଓ ସାମାଜିକ ସମୀକ୍ଷା କମିଟି ପରବର୍ତ୍ତୀ ଆର୍ଥିକ ବର୍ଷ ଶେଷ ଯାଏଁ ବଳବତ୍ତର ରହିବ ।
- ଗ୍ରାମ ସ୍ତରୀୟ ଏହି ସାମାଜିକ ସମୀକ୍ଷା କମିଟିରେ ପୂର୍ବର ବା ବର୍ତ୍ତମାନ ଶ୍ରମଜୀବୀଙ୍କ ମଧ୍ୟରୁ ୧୦ଜଣଙ୍କୁ ନେଇ ଗଠିତ ହେବ ଓ ସଦସ୍ୟମାନେ ତାଙ୍କରି ମଧ୍ୟରୁ ଜଣଙ୍କୁ ସଭାପତି ଓ ଅନ୍ୟଜଣଙ୍କୁ ସମ୍ପାଦକ ଭାବେ ନିର୍ବାଚିତ କରିବେ, ଯେଉଁମାନେ କମିଟିର ବୈଠକ ପାଇଁ ନୋଟିସ ପ୍ରଦାନ କରିବେ, ବୈଠକରେ ପରିଚାଳନା ଓ ବୈଠକ ବିବରଣୀରେ ଲିପିବଦ୍ଧ କରିବେ ।
- ଅତିକମ୍‌ରେ ଜଣେ ଲେଖାଁଏ ସଦସ୍ୟ ସହ ଜନସଂଖ୍ୟା ଅନୁପାତ ଅନୁଯାୟୀ ପର୍ଯ୍ୟାପ୍ତ ସଂଖ୍ୟକ ସଭ୍ୟ ତଫସିଲ ଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତିଙ୍କ ମଧ୍ୟରୁ ଏହି ସାମାଜିକ ସମୀକ୍ଷା କମିଟିରେ ସଦସ୍ୟ ରହିବେ । ଯେଉଁ ଗ୍ରାମରେ ଉକ୍ତ ଗୋଷ୍ଠି ବାସକରୁନଥିବେ, ତେବେ ସେଠାରେ ଏହା ଲାଗୁ ହେବନାହିଁ ।
- ଏହି ୧୦ଜଣିଆ କମିଟିରେ ଅତିକମ୍‌ରେ ୪ଜଣ ମହିଳା ସଦସ୍ୟ ରହିବେ । ଏହାବ୍ୟତିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ଓ ସଭାପତି ମଧ୍ୟ ଏହି ସମୀକ୍ଷା କମିଟିର ସଦସ୍ୟ ଭାବେ ମନୋନୀତ ହୋଇପାରିବେ, ଯଦି ସେମାନଙ୍କ ପରିବାରର କୌଣସି ସଦସ୍ୟ ଅତୀତରେ / ବର୍ତ୍ତମାନ କାମରେ ଯୋଗ ଦେଇଥିବେ । ତଫସିଲଭୂକ୍ତ ଜାତି ଓ ଜନଜାତିର ମହିଳା ସଦସ୍ୟା ମଧ୍ୟ ସମ୍ପୃକ୍ତ ସାମାଜିକ ସମୀକ୍ଷା କମିଟିରେ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ କରିବେ ।
- ଏହି ସମାଜିକ ସମୀକ୍ଷା କମିଟିରେ ସଦସ୍ୟ ଭାବେ ଭିଜିଲାନ୍ସ ଓ ସତର୍କତା କମିଟିର ସଭାପତି / ସମ୍ପାଦକ ବା ଅନ୍ୟ କେହି ସଦସ୍ୟ ମନୋନୀତ ହେବେ ।
- ପଲ୍ଲିସଭା ଦ୍ୱାରା ମନୋନୀତ ହୋଇ ସେହି ବ୍ଲକ ସୀମା ମଧ୍ୟରେ ଭଲ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜଣେ ସଦସ୍ୟ ସାମାଜିକ ସମୀକ୍ଷା କମିଟି ସଦସ୍ୟ ଭାବେ କାର୍ଯ୍ୟ କରିବେ ।

- ପଲ୍ଲିସଭା ଦ୍ୱାରା ମନୋନୀତ ହୋଇ ସେହି ଗ୍ରାମର ଜଣେକ ସମାଜସେବୀ ସାମାଜିକ ସମୀକ୍ଷା କମିଟିର ସଦସ୍ୟ ଭାବେ କାର୍ଯ୍ୟ କରି ପାରିବେ ।
- ଗ୍ରାମସ୍ତରୀୟ ସାମାଜିକ ସମୀକ୍ଷା କମିଟି ଉପନୀତ ହୋଇଥିବା ସିଦ୍ଧାନ୍ତ ସବୁକୁ ଗ୍ରାମସଭା ସ୍ତରୀୟ ସାମାଜିକ ସମୀକ୍ଷା ମଞ୍ଚରେ ଉପସ୍ଥାପନ କରାଯାଇ ଚୂଡାନ୍ତ କରାଯିବ ।

ପ୍ରଶ୍ନ ୨୧ : ସାମାଜିକ ସମୀକ୍ଷା ପିକା କିଭଳି ପ୍ରସ୍ତୁତ ହୁଏ ଏବଂ ଏହା କିଭଳି କାର୍ଯ୍ୟକାରୀ ହୁଏ ?

ଉତ୍ତର :

- ପ୍ରତିବର୍ଷ ଏପ୍ରିଲ ଓ ଅକ୍ଟୋବର ମାସରେ ଦୁଇଥର ବାଧ୍ୟତାମୂଳକ ଭାବେ ସାମାଜିକ ସମୀକ୍ଷା ଅନୁଷ୍ଠିତ ହେବ ।
- ପ୍ରତି ଜିଲ୍ଲାରେ ପଞ୍ଚାୟତଓ୍ୱାରି ଓ ବ୍ଲକ ଓ୍ୱାରି କ୍ରମରେ ଏହି ସାମାଜିକ ସମୀକ୍ଷା ପ୍ରଚାର ଧର୍ମୀ ଢଙ୍ଗରେ କାର୍ଯ୍ୟକାରୀ କରାଯିବ ।
- ୨୦ ବା ୨୦ରୁ କମ୍ ସଂଖ୍ୟକ ଗ୍ରାମ ପଞ୍ଚାୟତ ଥିବା ବ୍ଲକମାନଙ୍କରେ ଉକ୍ତ ବ୍ଲକରେ ଉପଲବ୍ଧ ମାନବ ସମ୍ବଳକୁ ଦୃଷ୍ଟିରେ ରଖି ପଞ୍ଚାୟତ ସାମାଜିକ ସମୀକ୍ଷାର ପିକା ପ୍ରସ୍ତୁତ କରି, ସାମାଜିକ ସମୀକ୍ଷା କାର୍ଯ୍ୟ ପ୍ରତି ବର୍ଷ ଯଥାକ୍ରମେ ଏପ୍ରିଲ ଓ ଅକ୍ଟୋବର ମାସର ୧୫ ତାରିଖ ସୁଦ୍ଧା ଶେଷ ହେବ ।
- ୨୦ରୁ ଅଧିକ ସଂଖ୍ୟକଗ୍ରାମ ପଞ୍ଚାୟତ ଥିବା ବ୍ଲକ ମାନଙ୍କରେ ମଧ୍ୟ ସାମାଜିକ ସମୀକ୍ଷା ପିକା ଏମିତି ଭାବେ ପ୍ରସ୍ତୁତ କରାଯିବ, ଯାହାଫଳରେ ଏ ବାବଦ ସମସ୍ତ ପ୍ରକ୍ରିୟା ପ୍ରତିବର୍ଷର ଯଥାକ୍ରମେ ଏପ୍ରିଲ ଓ ଅକ୍ଟୋବର ମାସର ୨୫ ତାରିଖ ସୁଦ୍ଧା ନିଶ୍ଚିତ ଭାବେ ସମାପ୍ତ ହେବ ।
- ଆର୍ଥିକ ବର୍ଷ ଆରମ୍ଭ ହେବାର ବହୁ ପୂର୍ବରୁ ତଥା ଜିଲ୍ଲା ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ଶ୍ରମ ବଜେଟ୍ ଚୂଡାନ୍ତ ହେବା ସମୟରେ ବ୍ଲକ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀଙ୍କ ସହ ବିଚାର ବିମର୍ଷ କରି ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ସାପ୍ତାହିକ ତାରିଖଓ୍ୱାରି ଗ୍ରାମପଞ୍ଚାୟତ /ବ୍ଲକ ଓ୍ୱାରି ସାମାଜିକ ସମୀକ୍ଷା ପିକାର ଟିକିନିଖି ବିବରଣୀ ପ୍ରସ୍ତୁତ କରିବେ ।
- ସାମାଜିକ ସମୀକ୍ଷା ବୈଠକରେ ଯଥେଷ୍ଟ ସଂଖ୍ୟକ ଉପସ୍ଥିତିକୁ ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ପର୍ବପର୍ବାଣି ଦିବସ, ସରକାରି ଛୁଟି ଦିବସକୁ ନଜରରେ ରଖି ସାମାଜିକ ସମୀକ୍ଷା ପିକା ପ୍ରସ୍ତୁତ କରାଯିବ ।
- ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀରେ ନିଧାର୍ଯ୍ୟ ପିକାରୁ କେବେହେଲେ ବ୍ୟତିକ୍ରମ ହେବେ ନାହିଁ । ତେବେ ଅତ୍ୟନ୍ତ ଗୁରୁତର ପ୍ରାକୃତିକ ବିପର୍ଯ୍ୟୟ ଅଥବା ନିର୍ବାଚନ (ଯେତେବେଳେ ଗ୍ରାମସଭା ବୈଠକ ଆହୂତ ହୋଇପାରିବନାହିଁ) ସମୟରେ ଉକ୍ତ ସାମାଜିକ ସମୀକ୍ଷା ପିକା ରାଜ୍ୟସରକାରଙ୍କ ଅନୁମୋଦନ ପ୍ରାପ୍ତ ହୋଇ ପରିବର୍ତ୍ତନ କରାଯାଇପାରିବ ।
- ସାମାଜିକ ସମୀକ୍ଷା ପିକା ଥରେ ନିଧାର୍ଯ୍ୟ ହୋଇଗଲା ମାତ୍ରେ ଏହାକୁ ଜାତୀୟ ଗ୍ରାମ୍ୟ ନିଶ୍ଚିତ

କର୍ମନିଯୁକ୍ତି ଯୋଜନା ୱେବସାଇଟରେ ଛଡାଯିବ ଓ ଏହି ଯୋଜନା ପ୍ରକାରେ ସମସ୍ତ ସମ୍ପୃକ୍ତ ସଂସ୍ଥାମାନଙ୍କୁ ବିହିତ ପରିପାଳନ କରିବା ପାଇଁ ଜଣାଇ ଦିଆଯିବ ।

ପ୍ରଶ୍ନ ୨୨ : ଏହି ସାମାଜିକ ସମୀକ୍ଷା ବ୍ୟବସ୍ଥାର ପ୍ରଚ୍ଚର ପ୍ରସାର ନିମନ୍ତେ ନିର୍ଦ୍ଦେଶାବଳୀରେ କି ବ୍ୟବସ୍ଥା ରହିଛି ?

ଉତ୍ତର : ଯେହେତୁ ସାମାଜିକ ସମୀକ୍ଷା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଓ ଅଭିଯାନ ଢଙ୍ଗରେ ଅନୁଷ୍ଠିତ ହେବ, ସେହେତୁ ସଚେତନତା ସୃଷ୍ଟିପାଇଁ ବହୁଳ ଭାବରେ ଏହାର ପ୍ରଚାର ହେବା ପ୍ରୟୋଜନ, ଯାହାଫଳରେ କି ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ଦ୍ୱାରା ପ୍ରଦତ୍ତ ଶ୍ରମ ବଜେଟ ସମୟରେ ନିର୍ଦ୍ଧାରିତ ହୋଇଥିବା ପଞ୍ଚାୟତ ସ୍ତରୀୟ ସାମାଜିକ ସମୀକ୍ଷା ମଞ୍ଚ ବା ଗ୍ରାମସଭା ଜନ ଶୁଣାଣୀରେ ଯେଉଁମାନଙ୍କର ସ୍ୱାର୍ଥ ଏଥିରେ ନିହିତ ଅଛି, ସେମାନେ ବହୁଳ ଭାବରେ ଯୋଗଦେବେ ।

- ରୂପାୟନ ପ୍ରଣାଳୀରେ ଯୋଗାଯୋଗ (ଓଉଉ)ଏକ ଅଭେଦ୍ୟ ଅଙ୍ଗ ହୋଇଥିବା ଯୋଗୁ ଏହି ଯୋଜନା ସହ ସମ୍ପୃକ୍ତ ସରକାରୀ ପଦାଧିକାରୀ ତଥା ସମସ୍ତ ଦାବୀଦାରମାନେ ସମ୍ମିଳିତ ହେଉଥିବା ବିଭିନ୍ନ ମଞ୍ଚମାନଙ୍କରେ ସାମାଜିକ ସମୀକ୍ଷାର ବାଧ୍ୟତାମୂଳକ ବ୍ୟବସ୍ଥା ସମ୍ପର୍କରେ ଉପଯୁକ୍ତ ଆଲୋକପାତ କରିବା ବିଧେୟ ।

- ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ବହୁବିଧ ମାଧ୍ୟମ ଜରିଆରେ ଅଭିଯାନ ପାଇଁ ଏକ ପ୍ରଚାର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ । ଏହି କାର୍ଯ୍ୟକ୍ରମ ମୁତାବକ ଉଭୟ ବୈଦ୍ୟୁତିକ ଗଣମାଧ୍ୟମ(ଦୂରଦର୍ଶନ- ବେତାର-ସିନେମା) ତଥା ଛପା ମାଧ୍ୟମ (ସମ୍ବାଦପତ୍ର-ପ୍ରଚାରପତ୍ର-ପ୍ରଚାର ପୁସ୍ତିକା) ଗ୍ରାମ ପଞ୍ଚାୟତରେ ଡେଙ୍ଗୁରା ବାଡେଇ, ତଥା ଜନପ୍ରିୟ ସଂସ୍କୃତିକ ତାମସା ଓ ମାଇକ୍ରୋଫୋନ ମାଧ୍ୟମରେ ସାମାଜିକ ସମୀକ୍ଷାର ସମୟ ନିର୍ଘଣ୍ଟ ଘୋଷଣାନାମା ପ୍ରକ୍ରିୟା ବଳବତ୍ତର କରି ଏହାର ପ୍ରଚାର କରାଯିବ, ଅନୁଷ୍ଠିତ ହେବାକୁ ଥିବା ସାମାଜିକ ସମୀକ୍ଷାର ତାରିଖ/ସମୟ ସଂକ୍ରାନ୍ତ ଘୋଷଣାନାମା ମଧ୍ୟ ପଞ୍ଚାୟତ ତଥା ଗ୍ରାମର ବିଭିନ୍ନ ପ୍ରମୁଖ ସ୍ଥାନମାନଙ୍କରେ ପ୍ରଦର୍ଶନ କରିବେ ।

- ଯୋଗାଯୋଗ ସାମଗ୍ରୀଏପରି ଭାବେ ପ୍ରସ୍ତୁତ କରାଯିବ, ଯାହାଫଳରେ ଶ୍ରମଜିବୀ ଓ ବଂଚିତ ଗୋଷ୍ଠୀର ସଦସ୍ୟମାନେ କାର୍ଯ୍ୟ କରିବା ପାଇଁ ଆକର୍ଷିତ ହେବେ ଓ ଗ୍ରାମ ସଭା ଜନଶୁଣାଣି ବୈଠକରେ ଭାଗ ନେବା ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନଯୁକ୍ତି ଯୋଜନା କାର୍ଯ୍ୟକାରୀତା ସେମାନଙ୍କର ଆପତ୍ତି ଅଭିଯୋଗର ସଠିକ ସମାଧାନ କରିପାରିବେ ଓ ଅଧିକାର ସମ୍ପର୍କରେ ଅବଗତ ହେବେ ।

- ସାମାଜିକ ସମୀକ୍ଷା ପିକାର ବହୁଳ ପ୍ରଚାର ନିମନ୍ତେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଓ ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ପ୍ରେସ୍ ସାକ୍ଷାତକାରର ବ୍ୟବସ୍ଥା କରିବେ । ପଞ୍ଚାୟତ ସ୍ତରରେ ସାମାଜିକ ସମୀକ୍ଷା ଶୁଣାଣୀରେ ଶ୍ରମଜୀବୀ, ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମାଜସେବୀ ତଥା ସାଧାରଣ ଜନସାଧାରଣଙ୍କ ବହୁଳ ଭାବରେ ଭାଗ ନେବାପାଇଁ ପାରମ୍ପରିକ ଢଙ୍ଗରେ ଡେଙ୍ଗୁରା ବାଡେଇ ଓ ମାଇକ୍ ବଜାଇ ପ୍ରଚାର କାର୍ଯ୍ୟ ତ୍ୱରାନ୍ୱିତ କରିବେ ।

- ପଞ୍ଚାୟତ ସ୍ତରରେ କରାଯାଉଥିବା ସାଧାରଣ ଶୁଣାଣୀ/ ସାମାଜିକ ସମୀକ୍ଷା ସ୍ଥଳର ପଶ୍ଚାତଭାଗରେ ଏକ ବଡ ବ୍ୟାନର ଟଣାଯିବ । ଯେଉଁଥିରେ ଏହି ସାମାଜିକ ସମୀକ୍ଷା/ସାଧାରଣ ଶୁଣାଣୀ ବିଷୟ ଉଲ୍ଲେଖ ଥିବ । ଶୁଣାଣୀ ତଥା ସମୀକ୍ଷା ଚାଲୁ ରହିଥିବା ସମୟରେ ୨/୩ଟି ଫଟୋ ଉଠାଯିବ । ଫଳରେ ଏ ପ୍ରକାର ଆୟୋଜନ ହୋଇଥିବାର ପ୍ରମାଣ ଦେବେ ଓ ସେଥିରେ ସରକାରୀ କର୍ମଚାରୀ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି, ସ୍ୱେଚ୍ଛାସେବୀ ତଥା ସମାଜସେବୀ ତଥା ଅନ୍ୟାନ୍ୟ ଦାବୀଦାରମାନେ ଅଛଁି ବୋଲି ଜଣାପଡିବ ।

ପ୍ରଶ୍ନ ୨୩ : ସାମାଜିକ ସମୀକ୍ଷା କାର୍ଯ୍ୟ କିଭଳି ସଂଚାଳନ କରାଯିବ ?

ଉତ୍ତର :

- ଯଦିଓ ସାମାଜିକ ସମୀକ୍ଷା ପିକା ବହୁ ଆଗରୁ ପ୍ରସ୍ତୁତ ହୋଇଥିବ କିନ୍ତୁ ସେହି ପିକା ସାମାଜିକ ସମୀକ୍ଷା ମଞ୍ଚର ଜନ ଶୁଣାଣୀ ତାରିଖ ବିଧିବଦ୍ଧ ଭାବରେ ୩୦ଦିନ ପୂର୍ବରୁ ଘୋଷଣା କରାଯିବ ।

- ଏହା ପୂର୍ବରୁ ଫେବୃଆରୀ ମାସରେ ଆହୂତ ସାଧାରଣ ପଲ୍ଲୀସଭା ବୈଠକରେ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପୂର୍ବରୁ ବା ବର୍ତ୍ତମାନ କାର୍ଯ୍ୟ କରୁଥିବା ଶ୍ରମଜୀବିମାନଙ୍କୁ ନେଇ ସାମାଜିକ ସମୀକ୍ଷା କମିଟି ଗଠିତ ହୋଇ ସାରିଥିବା ଉଚିତ୍ ।

- ପଞ୍ଚାୟତ ସ୍ତରରେ ସାମାଜିକ ସମୀକ୍ଷା ମଞ୍ଚର ଶୁଣାଣୀ ତାରିଖର ୩୦ଦିନ ପୂର୍ବରୁ ସମସ୍ତ ରେକର୍ଡ, ରେଜିଷ୍ଟର, ତଥା ମଷ୍ଟର ରୋଲ ଉନ୍ମୁକ୍ତ ରଖିବା ପାଇଁ ଓ ଏ ନଥିମାନଙ୍କ ପ୍ରମାଣୀକୃତ ନକଲ ସାମାଜିକ ସମୀକ୍ଷା କମିଟିରେ ଆବଶ୍ୟକ ମତେ ଉପସ୍ଥାପନ କରିବା ପାଇଁ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ବିଭାଗକୁ ତଥା ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସମ୍ପୃକ୍ତ ବ୍ଲକ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ ନିର୍ଦ୍ଦେଶ ଦେବେ ।

- ସାମାଜିକ ସମୀକ୍ଷା କମିଟି ତିନିଗୋଟି ସବ୍ କମିଟି ଗଠନ କରି ନିମ୍ନଲିଖିତ କାର୍ଯ୍ୟ ବାବଦ ନଥିପତ୍ର, ସତ୍ୟପ୍ରମାଣ ଓ ନୀରିକ୍ଷଣ ତଥା କ୍ଷେତ୍ର ପ୍ରଦର୍ଶନ ଓ ଗ୍ରାମର ପରିବାରମାନଙ୍କର ମଷ୍ଟର ରୋଲ ନୀରିକ୍ଷଣ କରିବେ ।

- ଏନ୍‌ଆର୍‌ଇଜିଏ ମାର୍ଗଦର୍ଶିକା ପାରା ୧୨.୩ ଅନୁଯାୟୀ ଯେଉଁ ଅନିୟମିତତା/ଅସମ୍ପୂର୍ଣ୍ଣତା/ ବ୍ୟତିକ୍ରମ ଦୃଷ୍ଟିକୁ ଆସିବ କମିଟି ନିଜ ଦ୍ୱାରା ବା ୩ଟି ସବ୍‌କମିଟି ମାଧ୍ୟମରେ ତାହାକୁ ସାମାଜିକ ସମୀକ୍ଷା କମିଟି ଲିଖିତ ଭାବେ ଲିପିବଦ୍ଧ କରିବେ, ଯାହା ଧାର୍ଯ୍ୟ ତାରିଖରେ ପଞ୍ଚାୟତ ସ୍ତରିୟ ସାମାଜିକ ସମୀକ୍ଷା ମଞ୍ଚର ଜନ ଶୁଣାଣୀରେ ଉପସ୍ଥାପିତ କରାଯିବ ।

- ସାମାଜିକ ସମୀକ୍ଷା କମିଟି ନିଜର କାର୍ଯ୍ୟ ସମ୍ପାଦନ ସମୟରେ ଯେକୌଣସି ଦାବିଦାରଙ୍କ ଠାରୁ ଆପତ୍ତି ଅଭିଯୋଗ ଗ୍ରହଣ କରିପାରିବେ, ଯାହାକି ସାମାଜିକ ସମୀକ୍ଷା ମଞ୍ଚର ଜନ ଶୁଣାଣୀ ଦୃଷ୍ଟିକୁ ଆଣାଯିବ ଓ ସାମାଜିକ ସମୀକ୍ଷା ବ୍ୟତିକ୍ରମ ତାଲିକାରେ ପ୍ରକାଶ କରାଯିବ । ଉଚ୍ଚତର ମହଲରୁ ଆସିଥିବା ଆପତ୍ତି ଦରଖାସ୍ତ ମଧ୍ୟ ସାମାଜିକ ସମୀକ୍ଷା ମଞ୍ଚରେ ଆଲୋଚିତ ହେବ । ମଞ୍ଚର ନିଷ୍ପତ୍ତିକୁ ଭବିଷ୍ୟତ କାର୍ଯ୍ୟାନୁଷ୍ଠାନ ପାଇଁ ଲିପିବଦ୍ଧ କରାଯିବ ।

ପ୍ରଶ୍ନ ୨୪ : ପଞ୍ଚାୟତସ୍ତରୀୟ ଗ୍ରାମସଭା ସାମାଜିକ ସମୀକ୍ଷା ମଞ୍ଚର ଜନଶୁଣାଣୀ କିଭଳି କରାଯିବ ?

ଉତ୍ତର :

- ପୂର୍ବରୁ ଧାର୍ଯ୍ୟ କରାଯାଇଥିବା ତାରିଖରେ ଗ୍ରାମସଭା ସାମାଜିକ ସମୀକ୍ଷା ମଞ୍ଚଦ୍ୱାରା ଜନଶୁଣାଣୀ ପାଇଁ କାର୍ଯ୍ୟକ୍ରମ ଅଧିକାରୀ ତଥା ବ୍ଲକ ଉନ୍ନୟନ ଅଧିକାରୀ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଯଥା ସରପଞ୍ଚ, ସାମାଜିକ ସମୀକ୍ଷା ସଭ୍ୟ, ୱାର୍ଡ ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟମାନଙ୍କୁ ଜଣାଇବେ । ସମ୍ପୃକ୍ତ କର୍ମଚାରୀ ଯଥା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସହାୟକ, ଗ୍ରାମ ସାଥୀ, ସଂଯୋଜକ ତଥା ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂସ୍ଥାଙ୍କ ସହ ପ୍ରାଥମିକ ଓ ମାଧ୍ୟମିକ ଦାବିଦାର ଯେଉଁମାନେ ଏହି ଯୋଜନା କାର୍ଯ୍ୟକାରିତାରେ ସହଯୋଗୀ ଅଛନ୍ତି, ଏ ସମସ୍ତେ ସଂପୃକ୍ତ ଗ୍ରାମସଭା ସାମାଜିକ ସମୀକ୍ଷା ମଞ୍ଚର ଜନଶୁଣାଣୀ ଦିନ ଉପସ୍ଥିତ ରହିବେ ।
- ଏହି ଜନ ଶୁଣାଣୀରେ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ରହିବାକୁ ଏ ବୈଠକ ପୂର୍ବରୁ କାପାର୍ଟ ଦ୍ୱାରା ମନୋନୀତ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ନିର୍ଦ୍ଦେଶ ଦେଇଥିବେ । ପୂର୍ବରୁ ଜିଲ୍ଲାପାଳ କିମ୍ବା ବ୍ଲକ ଉନ୍ନୟନ ଅଧିକାରୀ ସେହି ପଞ୍ଚାୟତର ଜଣେ ସମ୍ମାନଷ୍ପଦ ବ୍ୟକ୍ତିଙ୍କୁ ଉକ୍ତ ସାମାଜିକ ସମୀକ୍ଷା ମଞ୍ଚର ଅଧ୍ୟକ୍ଷ ହେବାପାଇଁ ବାଛି ସାରିଥିବେ । ଉକ୍ତ ବୈଠକରେ ବିବରଣୀ ଲିପିବଦ୍ଧ କରିବା ପାଇଁ ବ୍ଲକ ଉନ୍ନୟନ ଅଧିକାରୀ ପଞ୍ଚାୟତ ସମ୍ପାଦକ ବା ଆଉ କେହି ଶିକ୍ଷିତ ଓ ଦକ୍ଷ ବ୍ୟକ୍ତିଙ୍କୁ ବାଛିବେ । ସାମାଜିକ ସମୀକ୍ଷା ମଞ୍ଚର ଜନଶୁଣାଣୀ ପାଇଁ ଗ୍ରାମ ସଭା ବୈଠକରେ ଅନ୍ତତଃ ପକ୍ଷେ ଉକ୍ତ ପଞ୍ଚାୟତ ର ମୋଟ ଭୋଟରଙ୍କ ଏକ ଦଶମାଂଶ ଉପସ୍ଥିତ ରହିବା ବାଞ୍ଛନୀୟ, ମାତ୍ର କୋରୋମ ଅଭାବ ହେଲେ ମଧ୍ୟ ଉକ୍ତ ସାମାଜିକ ସମୀକ୍ଷା ବୈଠକର ଜନଶୁଣାଣୀ ଅବୈଧ ହେବନାହିଁ । ସାମାଜିକ ସମୀକ୍ଷା ମଞ୍ଚର ସଫଳ ଜନଶୁଣାଣୀ ପାଇଁ ବ୍ଲକ ଉନ୍ନୟନ ଅଧିକାରୀ. ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲାପାଳ ନିଶ୍ଚିତ କରିବେ ଯେ ସେ ନିଜେ କିମ୍ବା ତାଙ୍କର ପ୍ରତିନିଧି ସେହି ବୈଠକରେ ଉପସ୍ଥିତ ରହିବେ ।
- ପ୍ରଥମ ପର୍ଯ୍ୟାୟରେ ଗତ ସାମାଜିକ ସମୀକ୍ଷା ଜନଶୁଣାଣୀ ସଂକ୍ରାନ୍ତ ନିର୍ଣ୍ଣୟମାନଙ୍କରେ ଆଲୋଚନା ହେବ ଓ ତା ପରେ ନିଆଯାଇଥିବା ପଦକ୍ଷେପ ବିଷୟରେ ସମସ୍ତଙ୍କୁ ଅବଗତ କରାଯିବ । ଏଥି ସହିତ କାର୍ଯ୍ୟ ଉପରେ ହୋଇଥିବା ଲୋକାଲ ଫଣ୍ଡ ଅଡିଟ ଦ୍ୱାରା ଅଡିଟ୍ ରିପୋର୍ଟ ସାମାଜିକ ସମୀକ୍ଷା ମଞ୍ଚରେ ପେଶ୍ ହେବ, ଆଲୋଚନା କରାଯିବ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ମତାମତ ନିଆଯିବ ।
- ବୈଠକରେ ପରବର୍ତ୍ତି କାର୍ଯ୍ୟସୂଚୀରେ ସାମାଜିକ ସମୀକ୍ଷା କମିଟିର ନିର୍ଣ୍ଣୟ ସବୁ ରେକର୍ଡ, ନଥି, ମଷ୍ଟର ରୋଲର ତଥ୍ୟର ସାରାଂଶ ସାମାଜିକ ସମୀକ୍ଷା କମିଟିର ସମ୍ପାଦକ ଓ ସଭାପତି ଉପସ୍ଥାପନା କରି ପାଠ କରିବେ ଏବଂ ପଞ୍ଚାୟତ କର୍ମଚାରୀ ଓ ପ୍ରତିନିଧି ତଥା ସଂପୃକ୍ତ ବିଭାଗର କର୍ମଚାରୀ, କାର୍ଯ୍ୟକାରୀ ସଂସ୍ଥା ପ୍ରତ୍ୟେକ ନିର୍ଣ୍ଣୟର ଉତ୍ତର ଦେବା ସଙ୍ଗେ ସଙ୍ଗେ ଆବଶ୍ୟକ ତଥ୍ୟ ପ୍ରଦାନ କରି ଜନ ଶୁଣାଣୀ ସମୟରେ ଯେକୌଣସି ବ୍ୟକ୍ତିଙ୍କୁ ସୂଚନା ମାଗିବାକୁ ଓ କାଗଜାତ ନିରୀକ୍ଷଣ ନିମନ୍ତେ ସୁବିଧା ଦିଆଯିବ ।
- ଏନ୍‌ଆର୍‌ଇଜିଏ ମାର୍ଗଦର୍ଶୀକା -୨୦୦୮ ପାରା ୧୫.୫.୩ରେ ଦର୍ଶିତ ସାମାଜିକ ସମୀକ୍ଷା ମଞ୍ଚର ବାଧ୍ୟକତାମୂଳକ କାର୍ଯ୍ୟସୁଚି ସମ୍ପୂର୍ଣ୍ଣ ତନଖି ତାଲିକାକୁ ଆଖିରେ ରଖି ସାମାଜିକ ସମୀକ୍ଷା

ମଞ୍ଚର ଜନଶୁଣାଣି ନିର୍ବାହ କରାଯିବ । ଯେକୌଣସି ଭିନ୍ନମତ ଓ ଆପତ୍ତି ତତ୍‌କ୍ଷଣାତ୍ ବିଚାର କରାଯିବ ଓ ବୈଠକ ବିବରଣୀରେ ସ୍ଥାନିତ ହେବ ।

- ନିଷ୍ପତ୍ତି/ନିର୍ଣ୍ଣୟ, ଲୋକପାଳଙ୍କର ବିବରଣୀ, ମନିଟରଙ୍କ ରିପୋର୍ଟ, ତଦନ୍ତ ଆଇନ ସେବା ପ୍ରାଧିକରଣ ବିବରଣୀ ମଧ୍ୟ ସାମାଜିକ ସମୀକ୍ଷା ମଞ୍ଚ ଜନଶୁଣାଣୀ ସମୟରେ ବିଚାରକୁ ନିଆଯିବ କାର୍ଯ୍ୟ/ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ନିଅଯାଇଥିବା ନିଷ୍ପତ୍ତି/ନିର୍ଣ୍ଣୟକୁ ଯଥାବିଧି ସମ୍ମାନ ଦିଆଯିବ ଓ ସିଦ୍ଧାନ୍ତକୁ ଦୃଢିକରଣ କରିବା ପାଇଁ ସଙ୍ଗେ ସଙ୍ଗେ ଦୋଷୀ ସାବ୍ୟସ୍ତ ସରକାରୀ କର୍ମଚାରୀ ଓ ଲୋକ ପ୍ରତିନିଧିଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେବେ ।

ପ୍ରଶ୍ନ ୨୫ : ଜନଶୁଣାଣୀର ନିର୍ଣ୍ଣୟ ଉପରେ ପରବର୍ତ୍ତୀ କି କି ପଦକ୍ଷେପ ନିଆଯିବ ?

ଉତ୍ତର :

- ଜନଶୁଣାଣୀ ତାରିଖ ଠାରୁ ସପ୍ତାହକ ମଧ୍ୟରେ ସାମାଜିକ ସମୀକ୍ଷା ମଞ୍ଚର ନିର୍ଣ୍ଣୟ ଓ ବିବରଣୀକୁ ନିଧାର୍ଯ୍ୟ ଫର୍ମରେ ପୂରଣ କରାଯିବ ଓ ଏହାର ଅନୁପାଳନ ପାଇଁ ଯଥାଯୋଗ୍ୟ କର୍ତ୍ତୃପକ୍ଷଙ୍କୁ ପଠାଯିବ ।
- ପଞ୍ଚାୟତ ସ୍ତରୀୟ ସାମାଜିକ ସମୀକ୍ଷା ମଞ୍ଚର ଜନଶୁଣାଣୀ ତାରିଖର ଏକ ମାସ ମଧ୍ୟରେ ପ୍ରତି ନିର୍ଣ୍ଣୟ ଉପରେ କାର୍ଯ୍ୟାନୁଷ୍ଠାନ ବିବରଣୀ କାର୍ଯ୍ୟକ୍ରମ ଅଧିକାରୀ ତଥା ବ୍ଲକ ଉନ୍ନୟନ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ବିହିତ କାର୍ଯ୍ୟନୁଷ୍ଠାନ ପାଇଁ ଜଣାଇବେ ।
- ଯଦି କୈଣସି ଦୃଷ୍ଟିରୁ କୌଣସି ସରକାରୀ କର୍ମଚାରୀ/ ପଞ୍ଚାୟତ ପ୍ରତିନିଧିଙ୍କ କୌଣସି ବ୍ୟତିକ୍ରମ ପାଇଁ ଆର୍ଥିକ ଜୋରିମନା କରିବାକୁ ପଡେ, ତେବେ ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ/ ପଞ୍ଚାୟତିରାଜ ବିଭାଗକୁ ଯୋଗାଯୋଗ କରାଯିବ, ଯିଏ କି ଗୁଣାଗୁଣ ବିଚାର କରି ଆର୍ଥିକ ଜୋରିମନା ଧାର୍ଯ୍ୟ କରିବେ ।
- ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ / କାର୍ଯ୍ୟ ଅଧିକାରୀ ତାଙ୍କର ସ୍ତରରେ ଏକ ଏନ୍‌ଆର୍‌ଇଜିଏ ପ୍ରକୋଷ୍ଠ କାର୍ଯ୍ୟକାରୀ କରିବେ, ଯାହା ଜିଲ୍ଲା / ବ୍ଲକର ସାମାଜିକ ସମୀକ୍ଷା ବିବରଣୀର ଅଗ୍ରଗତି ଓ ଅନୁପାଳନ ନିଧାର୍ଯ୍ୟ ଫର୍ମ ପୂରଣ କରି ତତ୍ ପରବର୍ତ୍ତୀ ମାସର ୧୦ ତାରିଖ ସୁଦ୍ଧା ପଞ୍ଚାୟତିରାଜ ବିଭାଗର ଏନ୍‌ଆର୍‌ଇଜିଏସ୍ ପ୍ରକୋଷ୍ଠକୁ ନିଶ୍ଚିତ ରୂପେ ପଠାଇବେ ।
- କାର୍ଯ୍ୟକ୍ରମ ଅଧିକାରୀ ତଥା ବ୍ଲକଉନ୍ନୟନ ଅଧିକାରୀ ଏବଂ ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟାନୁଷ୍ଠାନ ବିବରଣୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ପଠାଇବେ ଯାହାକି ପରବର୍ତ୍ତୀ ଗ୍ରାମସଭା ବୈଠକରେ ଉପସ୍ଥାପିତ କରାଯିବ ।
- ଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ହିସାବର ତନଖି କଲାବେଳେ ଲୋକାଲ ଫଣ୍ଡ ଅଡିଟର / ଏ.ଜି. ଅଡିଟରମାନେ ଆର୍ଥିକ ଅନିୟମିତତା ତଥା ତୋଷାରପାତ ସମ୍ପର୍କିତ ଆପତ୍ତିର ଯଥୋଚିତ ଗୁରୁତ୍ୱ ଦେବେ ଓ ସାମାଜିକ ସମୀକ୍ଷା ନିର୍ଣ୍ଣୟ ହିସାବ ମୁତାବକ ପ୍ରମାଣ କରିବେ ।
- ପଞ୍ଚାୟତ ପ୍ରତିନିଧି / ସରକାରୀ କର୍ମଚାରୀ / ସାମାଜିକ ସମୀକ୍ଷା କମିଟି ସଦସ୍ୟ / ସ୍ୱେଚ୍ଛାସେବୀ ଅନୁଷ୍ଠାନ / ସତର୍କତା ଓ ନିରୀକ୍ଷଣ କମିଟିରେ ସଦସ୍ୟଙ୍କୁ ନେଇ ଅନ୍ୟସବୁ ଦାବୀଦାରଙ୍କ ପାଇଁ

ତାଲିମଦ୍ୱାରା ବଛାଯାଇଥିବା ଓ ତାଲିମ ପାଇଥିବା ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ତାଲିମଦାତାଙ୍କ ମାଧ୍ୟମରେ ଗ୍ରାମ / ଗ୍ରା.ପ. / ସାମାଜିକ ସମୀକ୍ଷା କାର୍ଯ୍ୟ ନିର୍ବାହ ପାଇଁ ଏକ ତାଲିମ ଖସଡା ପ୍ରସ୍ତୁତ କରି ପଞ୍ଚାୟତ ପ୍ରତିନିଧି / ସରକାରୀ କର୍ମଚାରୀ / ସାମାଜିକ ସମୀକ୍ଷା କମିଟି ସଦସ୍ୟ / ସ୍ୱେଚ୍ଛାସେବୀ ଅନୁଷ୍ଠାନ / ସତର୍କତା ଓ ନିରୀକ୍ଷଣ କମିଟିରେ ସଦସ୍ୟ ସହ ଅନ୍ୟାନ୍ୟ ଦାବୀଦାରମାନଙ୍କୁ ବ୍ଲକ ଓ ଜିଲ୍ଲାସ୍ତରରେ ଟ୍ରେନିଂ ଦିଆଯିବ ।

- ସରକାରୀ କର୍ମଚାରୀ / ଲୋକ ପ୍ରତିନିଧି କାର୍ଯ୍ୟକାରୀ ସଂସ୍ଥାଙ୍କ ସହଯୋଗ ସାମାଜିକ ସମୀକ୍ଷା କାର୍ଯ୍ୟ ସମ୍ପାଦନ ପାଇଁ ଗ୍ରାମପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପର୍ଯ୍ୟନ୍ତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସହ ସମ୍ପୃକ୍ତ ଥିବା ସରକାରୀ କର୍ମଚାରୀ ମାନେ ଶତ ପ୍ରତିଶତ ସହଯୋଗ କରିବେ । ସାମାଜିକ ସମୀକ୍ଷା ଦଳର ଯେଉଁ ପଞ୍ଚାୟତ ପ୍ରତିନିଧିଙ୍କର ସେବା ଦରକାର କରିବେ ସେମାନେ ତୁରନ୍ତ ତାହା ଯୋଗାଇ ଦେବେ, ନଚେତ୍ ତାହା ଏ ପ୍ରକାର କର୍ତ୍ତବ୍ୟରେ ହେଳା ହେଲା ବୋଲି ଧରାଯିବ । ଏ ପ୍ରକାର ଅବହେଳା ପାଇଁ ସରକାରୀ କର୍ମଚାରୀ ପଞ୍ଚାୟତ ପ୍ରତିନିଧି ଓ କାର୍ଯ୍ୟକାରୀ ସଂସ୍ଥା ବିରୁଦ୍ଧରେ ଏନ୍‌ଆର୍‌ଇଜିଏ ୨୦୦୫ ଆଇନ ଧାରା ୨୫ ପ୍ରୟୋଗ କରାଯାଇ ଆର୍ଥିକ ଜୋରିମାନା କରାଯିବ ଓ ତତ୍‌ସହିତ ପ୍ରଚଳିତ ଧାରା ଓ ଆଇନ ମୁତାବକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରଶ୍ନ ୨୬ : ସମଗ୍ର ରାଜ୍ୟର ସାମାଜିକ ସମୀକ୍ଷାର ବିବରଣୀ ଏକାଠି କଲାପରେ ଏହାକୁ କ'ଣ କରାଯିବ ?

ଉତ୍ତର : ବିଭିନ୍ନ ଜିଲ୍ଲାମାନଙ୍କରୁ ମିଳିଥିବା ସାମାଜିକ ସମୀକ୍ଷା ବିବରଣୀ ଭିତ୍ତିରେ ରାଜ୍ୟସ୍ତରରେ ଏନ୍‌ଆର୍‌ଇଜିଏସ୍ ପ୍ରକୋଷ୍ଠରେ ଧାର୍ଯ୍ୟ ଫର୍ମରେ ଏକ ସାରାଂଶ ବିବରଣୀ ପ୍ରସ୍ତୁତ କରାଯିବ, ଯାହାକି ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରାଳୟକୁ କଂପ୍ୟୁଟର ଓ ପତ୍ରାଳାପ ମାଧ୍ୟମରେ ପ୍ରତି ମେ ଓ ନଭେମ୍ବରର ମାସ ଦ୍ୱିତୀୟ ସପ୍ତାହ ମଧ୍ୟରେ ପଠାଯିବ ।

ପ୍ରଶ୍ନ ୨୭ : ଏହି ଯୋଜନାରେ ଭିନ୍ନକ୍ଷମମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି କି ?

ଉତ୍ତର : ହଁ, ରାଜ୍ୟ ସରକାରଙ୍କର ପତ୍ର ନଂ ୧୦୭୩୮ ତା ୧୨/୪/୨୦୧୦ ଅନୁଯାୟୀ ଯଦିଓ ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏରେ ଭିନ୍ନକ୍ଷମଙ୍କ ନିମନ୍ତେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନାହିଁ, କିନ୍ତୁ ଅକ୍ଷମବ୍ୟକ୍ତି ଆଇନ ୧ ୯୫୫ ଅନୁଯାୟୀ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ନିମନ୍ତେ ୩ ପ୍ରତିଶତ ସଂରକ୍ଷଣ ରହିବ । ଏହି ପତ୍ର ଅନୁଯାୟୀ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଗୁଡ଼ିକ ହେଲା;

- ମହାତ୍ମାଗାନ୍ଧୀ ଏନ୍‌ଆର୍‌ଇଜିଏସ୍‌ରେ ଅନୁମୋଦିତ କାର୍ଯ୍ୟଗୁଡ଼ିକରେ ଭିନ୍ନକ୍ଷମମାନଙ୍କୁ ନିୟୋଜିତ କରାଯିବ ।
- ଭିନ୍ନକ୍ଷମମାନଙ୍କର ଶିକ୍ଷାଗତ ଯୋଗ୍ୟତା, ଅକ୍ଷମତାର ପ୍ରକାର, ବର୍ଗ ଓ ମାତ୍ରାକୁ ଭିତ୍ତିକରି କାର୍ଯ୍ୟ ଦିଆଯିବ ।
- ଭିନ୍ନକ୍ଷମ ମହିଳାମାନଙ୍କୁ ଶିଶୁ ପରିଚର୍ଯ୍ୟା କେନ୍ଦ୍ରର ଦାୟିତ୍ୱ ଦିଆଯିବା ଉଚିତ୍ ।

- ଭିନ୍ନକ୍ଷମମାନଙ୍କୁ ସେମାନଙ୍କର ବାସସ୍ଥାନ ନିକଟରେ କାମ ଦିଆଯିବା ଆବଶ୍ୟକ । କାର୍ଯ୍ୟସ୍ଥଳୀର ଦୂରତା ୫କି.ମି.ରୁ ଅଧିକ ହେଲେ ସେମାନଙ୍କ ଯିବା ଆସିବା ନିମନ୍ତେ ଗାଡ଼ିର ବନ୍ଦୋବସ୍ତ କରିବା ଆବଶ୍ୟକ ।
- କାର୍ଯ୍ୟକ୍ଷେତ୍ରରେ ଭିନ୍ନକ୍ଷମମାନଙ୍କ ନିମନ୍ତେ ଆବଶ୍ୟକୀୟ ପାଇଖାନାର ବ୍ୟବସ୍ଥା କରାଯିବା ଆବଶ୍ୟକ ।

ପ୍ରଶ୍ନ ୨୮ : ଭିନ୍ନକ୍ଷମମାନଙ୍କୁ ଏହି ଯୋଜନାରେ କେଉଁ କେଉଁ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ ବୋଲି ରାଜ୍ୟ ସରକାର ନିର୍ଦ୍ଦିଷ୍ଟ କରିଛନ୍ତି ?

ଉତ୍ତର : ଭିନ୍ନକ୍ଷମମାନଙ୍କୁ ନିମ୍ନୋକ୍ତ କାର୍ଯ୍ୟରେ ନିୟୋଜିତ କରାଯାଇପାରେ

- ପାନୀୟଜଳ ଯୋଗାଣ
- କାର୍ଯ୍ୟକ୍ଷେତ୍ରରେ ଶିଶୁମାନଙ୍କର ଯତ୍ନ
- ବୃକ୍ଷରୋପଣ
- ମାଟି ପୋତିବା
- ଜମି ସମତଳ କରିବା
- ରାସ୍ତା ସମତଳ କରିବା
- ବାଡ଼ବୁଜିବା
- ମାଟି ରାସ୍ତା ଓଳାଇବା
- ସିମେଣ୍ଟ କାମରେ ପାଣିଦେବା
- କାର୍ଯ୍ୟକ୍ଷେତ୍ରରେ ଅସ୍ଥାୟୀ ଗୃହନିର୍ମାଣ
- ଗଛରେ ପାଣି ଦେବା

ପ୍ରଶ୍ନ ୨୯ : ବର୍ଷକ ମଧ୍ୟରେ ୧୦୦ ଦିନ କାର୍ଯ୍ୟ କରିଥିବା ପରିବାର ନିମନ୍ତେ ସରକାରଙ୍କର କିଛି ବିଶେଷ ପ୍ରୋତ୍ସାହନ ଯୋଜନା ଅଛିକି ?

ଉତ୍ତର : ବର୍ଷକ ମଧ୍ୟରେ ୧୦୦ ଦିନ କାର୍ଯ୍ୟ କରିଥିବା ପରିବାରମାନଙ୍କୁ ସରକାର ବିଶେଷ ପ୍ରୋତ୍ସାହିତ କରିଛନ୍ତି । ରାଜ୍ୟ ସରକାରଙ୍କର ପତ୍ର ନଂ ୧୦୨୨୬ ତା ୭/୪/୨୦୧୦ ଅନୁଯାୟୀ ୨୦୦୯ - ୨୦୧୦ବର୍ଷରେ ୧୦୦ ଦିନ କାର୍ଯ୍ୟକରିଥିବା ପରିବାରମାନଙ୍କୁ ନିମ୍ନଲିଖିତ ପ୍ରୋତ୍ସାହନ ଦିଆଯିବ ।

୧. ପରିବାରର ଜଣେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ ହୋଇପାରିବେ ।

୨. ଯଦି ପରିବାରର ବାସଗୃହ ନଥାଏ ତେବେ ଇନ୍ଦିରା ଆବାସ ଯୋଜନା / ମୋ କୁଡ଼ିଆ ଯୋଜନା ମାଧ୍ୟମରେ ଘର ଯୋଗାଇ ଦିଆଯାଇପାରିବ ।

୩. ସ୍ୱାସ୍ଥ୍ୟ ଏବଂ ଅନ୍ୟ ବୀମା ଯୋଜନାରେ ପରିବାରକୁ ସାମିଲ କରାଯିବ ।

୪. ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମୀଣ ସ୍ୱରୋଜଗାର ଯୋଜନା ମାଧ୍ୟମରେ ପରିବାରର ଜଣେ ସଦସ୍ୟଙ୍କୁ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ଦିଆଯାଇ ପାରିବ ।